RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-124 ◆FRIDAY ◆31 OCTOBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୨୪ ◆ଶୁକ୍ରବାର ◆୩୧ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ବିନା ବ୍ରେକ୍‌ରେ 'ଜଟାଧାରା' ସୁଟିଂ

▶ପୃଷ୍ଠା ୧୧ ଦେଖନ୍ତୁ...

## ପୂରଣ ହୋଇପାରୁନାହିଁ ୬୦୦ ୱାର୍ଡର ପଦ

# ଜେଲ୍ ଜଗିବେ ଗୃହରକ୍ଷୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ରାଜ୍ୟର ଜେଲ୍ ଜଗିବେ ଗୃହରକ୍ଷୀ ବା ହୋମ୍‌ଗାର୍ଡ଼। ଦିନକୁ ମାତ୍ର ୫୩୩ ଟଙ୍କା ପାରିଶ୍ରମିକ ପାଉଥିବା ଗୃହରକ୍ଷୀମାନେ ଜେଲ୍‌ରେ ବନ୍ଦୀ ଥିବା କୁଖ୍ୟାତ ଅପରାଧୀ ଓ ବିଚାରାଧୀନ ବନ୍ଦୀମାନଙ୍କ ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ। ଜେଲ୍ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି ଏବଂ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ନିୟୋଜିତ କରିବା ପାଇଁ ସବୁ ଜିଲ୍ଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ଅପରାଧୀ ଫେରାର ହେବା ପରେ ପରେ ବାଲେଶ୍ୱର ଜିଲ୍ଲାର ସୋର ଜେଲ୍‌ରୁ ଜଣେ ଅପରାଧୀ କିଛିଦିନ ତଳେ ଚମ୍ପଟ ମାରିଛନ୍ତି। ଏହାପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜେଲ୍‌ଗୁଡ଼ିକରେ ହୋମଗାର୍ଡ଼ ବା ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ନିମନ୍ତେ ଜେଲ୍ ବିଭାଗ ନିଷ୍ପତ୍ତି ନେଇଛି। ଏହାସହିତ ପ୍ରତି ଜିଲ୍ଲାରେ ବରିଷ୍ଠ ପୁଲିସ ଅଧିକାରୀ ଓ ସମ୍ପୃକ୍ତ ଜେଲ୍ ଅଧୀକ୍ଷକ ମିଳିତ ଭାବରେ ଜେଲ୍ ସୁରକ୍ଷାର ଯାଞ୍ଚ କରିବେ। ଜେଲ୍ ପାଚେରି ଅନୁଧ୍ୟାନ ସହ, ସିସିଟିଭି ଲଗାଯିବା, ଜେଲ୍‌ର ପାଚେରି ଉପରେ ତାରଜାଲି ବିଛାଇବା ଏବଂ ସୁରକ୍ଷା ସମ୍ବନ୍ଧୀୟ ସବୁ ଭିତ୍ତିଭୂମିର ଯାଞ୍ଚ ହେବ।

ବିଡ଼ମ୍ବନା ହେଉଛି ଯେ ଯେଉଁଠି ଜେଲ୍‌ରେ ୱାର୍ଡ଼ରମାନଙ୍କ ଆଖିରେ ଧୂଳିଦେଇ ବିଚାରାଧୀନ ବନ୍ଦୀ ଓ କଏଦୀ ସହଜରେ ଫେରାର୍ ହୋଇ ଯାଉଛନ୍ତି, ସେଠାରେ ସାଧାରଣ ହୋମ୍‌ଗାର୍ଡ଼ମାନେ ସେମାନଙ୍କୁ କିପରି ଜଗିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାଧାରଣତଃ ହୋମ୍‌ଗାର୍ଡ଼ମାନଙ୍କୁ ସହରାଞ୍ଚଳରେ ଭିଡ଼ ଓ ଟ୍ରାଫିକ୍ ନିୟନ୍ତ୍ରଣ ବା କୌଣସି ଗଣ୍ଡଗୋଳ ବେଳେ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇ ଆସିଛି। ଦୁର୍ଘଟଣା, ହତ୍ୟା ଆଦି ଘଟଣାରେ ଗୃହରକ୍ଷୀମାନଙ୍କୁ ଜଗୁଆଳୀ ରୂପେ ବ୍ୟବହାର କରାଯାଉଛି। ଏହା ସହ ଅନେକ ସ୍ଥାନରେ ଗୃହରକ୍ଷୀମାନଙ୍କୁ ବଡ଼ ଅଧିକାରୀଙ୍କ ଘରୋଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ମଧ୍ୟ ଦେଖାଯାଇଛି। ମାତ୍ର ରାଜ୍ୟରେ ଜେଲ୍ ବିଭାଗ ପ୍ରଥମଥର ପାଇଁ ଗୃହରକ୍ଷୀମାନଙ୍କୁ ଜେଲ୍ ସୁରକ୍ଷା ପରି ଏକ ସାହସିକ ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟରେ ନିୟୋଜିତ କରିବାକୁ ନେଇ ଉଠିଛି ପ୍ରଶ୍ନ। ଚୌଦ୍ୱାର ଜେଲ୍‌ରୁ ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ▶ପୃଷ୍ଠା-୭

## ମହିଳା ଦିନିକିଆ ବିଶ୍ୱକପ୍

# ଅଷ୍ଟ୍ରେଲିଆକୁ ହରାଇ ଫାଇନାଲ୍‌ରେ ଭାରତ




■ **ନଭି ମୁମ୍ବଇ, ୩୦।୧୦ (ଏଜେନ୍ସି):** ରେକର୍ଡ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ରୋମାଞ୍ଚକ ଭାବେ ୫ ୱିକେଟ୍‌ରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୩୩୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଓପନର୍ ଫୋଏବି ଲିଚଫିଲ୍ଡ ୧୧୯ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଜବାବରେ ଜେମିମା ରୋଡ୍ରିଗ୍ସେଜଙ୍କ ମ୍ୟାଚ୍ ବିଜୟୀ ଅପରାଜିତ ଦର୍ଶନୀୟ ଶତକ ବଳରେ ଘରୋଇ ଭାରତ ୯ଟି ବଲ୍ ପୂର୍ବରୁ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମା ୧୩୪ ବଲରେ ୧୨୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ମହିଳା ବିଶ୍ୱକପ୍‌ରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ଚଳିତ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୩୩୧ ରନର ଲକ୍ଷ୍ୟକୁ ହାସଲ କରିଥିଲା। ▶ପୃଷ୍ଠା-୭

**ରବିବାର ଦକ୍ଷିଣ ଆଫ୍ରିକା ସହ ଟାଇଟଲ୍ ଲଢ଼େଇ**

# ଖଣି ପଟ୍ଟାଦାରଙ୍କ ଉପରେ ୨୭୦୦ କୋଟି ବକେୟା

## ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଖଣି ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ଆଦାୟରେ ଅହେତୁକ ବିଳମ୍ବ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ବେଆଇନ ଖଣି ଖନନ ଘଟଣାରେ ଖଣି ଲିଜଧାରୀଙ୍କଠାରୁ ପ୍ରାୟ ୨୭୦୦ କୋଟି ଟଙ୍କା ବର୍ଷବର୍ଷ ହେଲା ଅନାଦାୟ ରହିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଅଦାଲତ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଏହି ମାମଲା ବର୍ଷ ବର୍ଷ ଧରି ଲମ୍ବିଚାଲିଛି। ଯାହାଫଳରେ ଖଣି ଲିଜଧାରୀଙ୍କୁ ଜାଣିଶୁଣି ଆଶ୍ୱସ୍ତି ପ୍ରଦାନ କରୁଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ବେଆଇନ ଖଣି ଖନନ ଦ୍ୱାରା ରାଜ୍ୟକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ତେଣୁ ଯେ କୌଣସି ପରିସ୍ଥିତିରେ ଏହି ବକେୟା ଅର୍ଥକୁ ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା, ଜଷ୍ଟିସ ଏଜି ମସିହଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଇଥିଲା।



**ବକେୟା ଆଦାୟ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଖଣି ନିୟମର ଉଲ୍ଲଙ୍ଘନ କରି ଖଣି ପଟ୍ଟାଦାରମାନେ ବିପୁଳ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତ ମାମଲାର ବିଚାର କରି ବେଆଇନ ପଟ୍ଟାଦାରଙ୍କଠାରୁ ୧୭ ହଜାର କୋଟି ଟଙ୍କା କ୍ଷତିପୂରଣ ରାଶି ଆଦାୟ କରିବାକୁ ସୁପ୍ରିମକୋର୍ଟ ୨୦୧୭ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରୁ ରାଜ୍ୟ ସରକାର ପଟ୍ଟାଦାରଙ୍କଠାରୁ ଏବେ ସୁଦ୍ଧା ୧୪୩୦୦ କୋଟି ଟଙ୍କା ଆଦାୟ ▶ପୃଷ୍ଠା-୭

# ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଧାନବିଚାରପତି ନିଯୁକ୍ତ



■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ନିଯୁକ୍ତି ପାଇଛନ୍ତି। ସେ ନଭେମ୍ବର ୨୪ରେ ଶପଥ ଗ୍ରହଣ କରିବେ। ଏବେକାର ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର୍ ଗଭାଇଙ୍କ ଅବସର ନେବାର ଗୋଟିଏ ଦିନ ପରେ ସେ ଦାୟିତ୍ୱ ଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଗୁରୁବାର 'ଏକ୍ସ'ରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ଜଷ୍ଟିସ୍ ଗଭାଇଙ୍କ କାର୍ଯ୍ୟକାଳ ନଭେମ୍ବର ୨୩ରେ ଶେଷ ହେବ। ସୁପ୍ରିମକୋର୍ଟର ବିଚାରପତିମାନେ ୬୫ ବର୍ଷ ବୟସରେ ଅବସର ଗ୍ରହଣ କରିଥାନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ▶ପୃଷ୍ଠା-୭

# ଆଣବିକ ଗବେଷଣା କେନ୍ଦ୍ରରେ ସୁରକ୍ଷା ଢିଲା

## ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରରେ ନକଲି ବୈଜ୍ଞାନିକ

■ **ମୁମ୍ବଇ, ୩୦।୧୦ (ଏଜେନ୍ସି):** ମୁମ୍ବଇ ପୁଲିସ ଭେର୍ସୋଭାରେ ଜଣେ ନକ୍‌ଲି ବୈଜ୍ଞାନିକଙ୍କୁ ଗିରଫ କରିଛି। ଜାମସେଦପୁରର ବାସିନ୍ଦା ୬୦ ବର୍ଷୀୟ ଅଖ୍‌ତାର କୁତବୁଦ୍ଦିନ ହୁସେନି ନିଜକୁ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ଜଣେ ଅଧିକାରୀ ଭାବେ ଦାବି କରୁଥିଲେ ଓ କୌଶଳକ୍ରମେ ସେ ବିଏଆର୍‌ସି ପରିସରରେ ମଧ୍ୟ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ। ପୁଲିସ ତାଙ୍କଠାରୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ ଓ ତଥ୍ୟ ହାସଲ କରିଛି। ତାଙ୍କଠାରୁ ୧୪ଟି ନକ୍ସା, ପରମାଣୁ ବ୍ଲୁ-ପ୍ରିଣ୍ଟ ଓ ୩ଟି ପାସ୍‌ପୋର୍ଟ ଜବତ କରାଯାଇଛି। ଏକାଧିକ ବିଦେଶ ଯାତ୍ରା ସମୟରେ ସେ ଏହାକୁ ବ୍ୟବହାର କରିଥିଲେ। ସେ ଗୁପ୍ତଚର ଭାବେ ଗୋପନୀୟ ତଥ୍ୟ ଦେବା ନେବା କରିବାକୁ ଏହି ଯାତ୍ରା କରିଥିବା ସନ୍ଦେହ କରାଯାଉଛି। ଅଧିକାରୀମାନେ ତାଙ୍କୁ ଗତ ଦୁଇବର୍ଷ ହେବ ପିଛା କରୁଥିଲେ। ଏନ୍‌ଆଇଏ ଓ ଆଇବି ଭଳି ଏଜେନ୍ସିର ସୂଚନାକୁ ଭିତ୍ତି କରି କ୍ରାଇମ ବ୍ରାଞ୍ଚ୍ ଅଖ୍‌ତାରଙ୍କୁ ଗିରଫ କରିଛି। ତାଙ୍କ ଘରୁ ପୁଲିସ ନିକଲି ପାସ୍‌ପୋର୍ଟ, ଆଧାର କାର୍ଡ, ପାନ କାର୍ଡ ଓ ବିଏଆରସିର ନକଲି ପରିଚୟପତ୍ର ଜବତ କରିଛି। ଗୋଟିଏ ପରିଚୟପତ୍ରରେ ତାଙ୍କ ନାମ ଅଲି ରାଜା ହୁସେନ ଓ ଅନ୍ୟଟିରେ ଆଲେକ୍‌ଜାଣ୍ଡର ପାମର୍ ଲେଖାଯାଇଥିଲା। ଗତ କିଛିମାସ ମଧ୍ୟରେ ଅଖତାର କେତୋଟି ଅନ୍ତର୍ଜାତୀୟ କଲ୍ କରି କଥା ହୋଇଥିବାରୁ ବିଦେଶୀ ନେଟ୍‌ୱର୍କ ସହିତ ତାଙ୍କର ସମ୍ପର୍କ ରହିଛି ବୋଲି ସନ୍ଦେହ ▶ପୃଷ୍ଠା-୭

**କୁତବୁଦ୍ଦିନଙ୍କୁ ମୁମ୍ବଇରୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ**

**ପରମାଣୁ ଡାଟା, ୩ ପାସ୍‌ପୋର୍ଟ, ୧୪ ନକ୍ସା ଜବତ**

# ଜେଲ୍‌ରୁ ମୁକୁଳିଲେ ୯୪ ଜଣ ଏସ୍‌ଆଇ ଚାକିରି ଆଶାୟୀ

■ **ବ୍ରହ୍ମପୁର, ୩୦।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲ୍‌ରେ ଥିବା ମୋଟ ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ପରେ ଗୁରୁବାର ୯୪ ଜଣ ଜେଲ୍‌ରୁ ମୁକୁଳିଛନ୍ତି। ସକାଳୁ ନିଜ ପୁଅ-ଝିଅ ଓ ସମ୍ପର୍କୀୟଙ୍କୁ ନେବାକୁ ବ୍ରହ୍ମପୁର ଜେଲ୍ ସମ୍ମୁଖରେ ଅଭିଭାବକଙ୍କ ଭିଡ଼ ଲାଗିଥିଲା। ଜାମିନ ପାଇଥିବା ୧୧୪ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମେ ୬ଜଣ ଛାତ୍ରୀଙ୍କୁ ଜେଲ୍‌ରୁ ଛଡ଼ାଯାଇଥିଲା। ପରେ ପର୍ଯ୍ୟାୟକ୍ରମେ, ରାତି ସୁଦ୍ଧା ଅବଶିଷ୍ଟ ୮୮ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ଛଡ଼ାଯାଇଛି। ଜାମିନ ପାଇଥିବା ଅନ୍ୟ ୨୦ଜଣଙ୍କ ରିଲିଜ୍ ଅର୍ଡର୍ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ଯୋଗୁଁ ସେମାନେ ମୁକୁଳି ପାରିନାହାନ୍ତି। ଆସନ୍ତାକାଲି ଶୁକ୍ରବାର ପୂର୍ବାହ୍ନରେ ସମସ୍ତେ ମୁକୁଳିବେ ବୋଲି ଆଶା କରାଯାଉଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ଭିଜିଲାନ୍ସ ▶ପୃଷ୍ଠା-୭

**ଆସନ୍ତାକାଲି ବାହାରିବେ ଅନ୍ୟ ଆଶାୟୀ**

**ନୂଆପଡ଼ା ଉପନିର୍ବାଚନ**

# ନବୀନଙ୍କ ଇଙ୍ଗିତ; ବିରୋଧୀ ଶିବିରରେ କମ୍ପନ

## ପ୍ରଭାବକୁ ନେଇ ଅଙ୍କ କଷୁଛନ୍ତି ବିରୋଧୀ

■ **ଭୁବନେଶ୍ୱର, ୩୦।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଖେଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ନୂଆପଡ଼ା ବର୍ତ୍ତମାନ ମିନି ଭୁବନେଶ୍ୱର ପାଲଟିଥିବା ବେଳେ ୩ ଦଳର ନେତା ଓ କର୍ମୀମାନେ ଝାଳବୁହା ପରିଶ୍ରମ କରୁଛନ୍ତି। ତେବେ ନିର୍ବାଚନ ପରିଚାଳନାରେ ସବୁଠାରୁ ପାରଙ୍ଗମ ବିଜେଡିର ପ୍ରଚାର ଶୈଳୀ ଏବେ ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା କୁହାଯାଉଛି। ପଞ୍ଚାୟତୱାରୀ ଦଳୀୟ ନେତାଙ୍କୁ ଦାୟିତ୍ୱ, ସ୍ଥାନୀୟ ନେତାଙ୍କୁ ଅଗ୍ରାଧିକାର, ଛୋଟ ଛୋଟ ରାଜନୈତିକ ସଭା ମାଧ୍ୟମରେ ବିଜେଡିର ଛାମୁଆ ସଂଗଠକ ନିଜର ପ୍ରଚାର କାର୍ଯ୍ୟକୁ ଚଳାଇଛନ୍ତି। ବିଜେଡିର ଯୋଜନାଭିତ୍ତିକ ପ୍ରଚାର ଦଳକୁ ସୁବିଧାଜନକ ସ୍ଥିତିରେ ରଖିଥିବା ବେଳେ ଦୁଇ ଦିନରେ ନବୀନଙ୍କ ଦୁଇଟି ଇଙ୍ଗିତ 'ଏଥର ବି ଶଙ୍ଖ', 'ବିଜୟ ହେବ ନୂଆପଡ଼ାର' ବିରୋଧୀ ଶିବିରରେ କମ୍ପନ ସୃଷ୍ଟି କରିଛି।

**ପ୍ରଚାର ମଇଦାନରେ ଆଗୁଆ ରହିଛି ବିଜେଡି**

**ନବୀନଙ୍କ ସମାବେଶ ଓ ରୋଡ୍ ଶୋ'କୁ ଅପେକ୍ଷା**



ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ବିଜେଡି ସୁପ୍ରିମୋ ନବୀନ ଆଜି ଏକ ଟ୍ୱିଟ୍ କରିଥିଲେ। ଏଥିରେ ସେ ନୂଆପଡ଼ାରେ ସେବା ଓ ବିକାଶର ନୂଆଧାରା ଆରମ୍ଭ ହେବ ବୋଲି ଉଲ୍ଲେଖ କରିବା ସହ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କର ପ୍ରଚାରର ଏକ ଭିଡ଼ିଓ ପୋଷ୍ଟ କରିଥିଲେ। କେଇଘଣ୍ଟା ମଧ୍ୟରେ ଏହା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଏହି ଟ୍ୱିଟ୍ ଟ୍ରେଣ୍ଡ କରିଥିଲା। ଆସନ୍ତା ୩ ତାରିଖରେ କୋମନାରେ ଏକ ସମାବେଶ ଓ ୭ ତାରିଖରେ ନୂଆପଡ଼ାରୁ ଖରିଆର ▶ପୃଷ୍ଠା-୭

# ତହସିଲରେ ହେବ ଜମି କିଣାବିକା

■ **ଭୁବନେଶ୍ୱର, ୩୦।୧୦ (ସମିସ):** ଏଣିକି ତହସିଲ୍ ଅଫିସରେ ହେବ ଜମି କିଣାବିକା। ଜମି କିଣିବିକା ପାଇଁ ଆଉ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସକୁ ଯିବା ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟର ସବୁ ତହସିଲରେ ଏହି ସୁବିଧା ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ସବୁଠୁ ବଡ଼ କଥା ହେଉଛି ଯେ ଏଥିପାଇଁ କୌଣସି ତୃତୀୟ ପକ୍ଷ ଉପରେ ନୁହେଁ; ବରଂ ନିଜେ ଅନ୍‌ଲାଇନ୍‌ରେ ସମୟ ନିର୍ଦ୍ଧାରଣ କରି ଲୋକେ ଜମି କିଣାବିକା କରିପାରିବେ। ଏହି ବ୍ୟବସ୍ଥାକୁ ନଭେମ୍ବର ୧ ତାରିଖରୁ ଆରମ୍ଭ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୪୪ଟି ତହସିଲରେ ଏହି ବ୍ୟବସ୍ଥା ଉପଲବ୍ଧ ହେବ। ଏହି ସେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ।

ପ୍ରଚଳିତ ବ୍ୟବସ୍ଥା ଅନୁସାରେ, ଜିଲ୍ଲା ସ୍ତରରେ ଥିବା ୨୧୭ଟି ଉପନିବନ୍ଧକ ବା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ହୋଇଥାଏ। ଏହି ବ୍ୟବସ୍ଥା ଦ୍ୱାରା ଜନସାଧାରଣ ଜମି କିଣାବିକା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସାଧାରଣ ସେବାକୁ ତହସିଲ ସ୍ତରକୁ ନେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ରାଜ୍ୟର ୩୨୦ଟି ତହସିଲରେ ଏହି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଗୋଟିଏ ଦେଶ, ଗୋଟିଏ ପୁଲିସ ୟୁନିଫର୍ମ

## ସାରା ଦେଶରେ ପୁଲିସ ପାଇଁ ଗୋଟିଏ ପ୍ରକାର ପୋଷାକ

■ **ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି):** ସାରା ଦେଶରେ ସମସ୍ତ ପୁଲିସ କର୍ମଚାରୀଙ୍କ ପାଇଁ ଗୋଟିଏ ପ୍ରକାର ପୋଷାକ (ୟୁନିଫର୍ମ) ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାର। କନେଷ୍ଟବଲଙ୍କଠାରୁ ଆରମ୍ଭ କରି ଡିଏସ୍‌ପି ପାହ୍ୟା ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ପ୍ରକାର ପୋଷାକ ରହିବ। କପଡ଼ା, ଡିଜାଇନ ଏବଂ ରଙ୍ଗ ଗୋଟିଏ ପ୍ରକାର ରହିବ। କେବଳ ରାଜ୍ୟମାନେ ନିଜ ନିଜର ଚିହ୍ନ (ଏମ୍‌ବ୍ଲେମ୍) ଓ ର୍‍ୟାଙ୍କ୍ ବ୍ୟାଜ୍ ବଜାୟ ରଖିବେ।

କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ଓଡ଼ିଶା ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଏହି ସୂଚନା ଦେଇଛନ୍ତି। ସେମାନେ ତିଆରି କରୁଥିବା ପୋଷାକ ପାଇଁ କେତେ ଖର୍ଚ୍ଚ ହେଉଛି ଏବଂ ପୁଲିସ କର୍ମଚାରୀ/ଅଧିକାରୀମାନଙ୍କୁ ଏବାବଦ ବର୍ଷକୁ କେତେ ଭତ୍ତା ଦିଆଯାଉଛି, ତାହାର ବିସ୍ତୃତ ବିବରଣୀ ଲୋଡ଼ିଛନ୍ତି କେନ୍ଦ୍ର ସରକାର। ଆସନ୍ତା ନଭେମ୍ବର ୪ ତାରିଖ ସୁଦ୍ଧା ଏହିସବୁ ତଥ୍ୟ ଦାଖଲ କରିବା ଲାଗି ସମସ୍ତ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ରାଜ୍ୟମାନଙ୍କଠାରୁ ତଥ୍ୟ ଲୋଡ଼ିଲା କେନ୍ଦ୍ର**

ତଥ୍ୟ ମିଳିବା ପରେ କେନ୍ଦ୍ର ସରକାର ପୁଲିସ ୟୁନିଫର୍ମ ନେଇ ସମସ୍ତ ରାଜ୍ୟ ସରକାରଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ। ପର୍ଯ୍ୟାୟ କ୍ରମେ ଏହା କାର୍ଯ୍ୟକାରୀ କରାଯିବ। ଏହା ହେଲେ ଦେଶର ପୁଲିସ ଇତିହାସରେ ପ୍ରଥମ ଥର ଲାଗି ସବୁ ରାଜ୍ୟର ପୁଲିସ କର୍ମଚାରୀ ଗୋଟିଏ ପ୍ରକାର ଡିଜାଇନ୍ ଓ ରଙ୍ଗର ୟୁନିଫର୍ମ ପିନ୍ଧିବେ। ଏବେ ବିଭିନ୍ନ ରାଜ୍ୟରେ ପୁଲିସ କର୍ମଚାରୀଙ୍କର ବିଭିନ୍ନ ପ୍ରକାର ପୋଷାକ ରହିଛି। ▶ପୃଷ୍ଠା-୭

# ଜୀବନ ନେଉଛି ଜୀବନରେଖା

## ୧୫ ଦିନରେ ଗଲାଣି ୩ ଜୀବନ ■ ପୁଣି ମହାନଦୀରେ ଛାତ୍ର ନିଖୋଜ

■ **କଟକ, ୩୦।୧୦ (ସମିସ):** ଜୀବନ ନେଉଛି ଜୀବନରେଖା। ମହାନଦୀ ଓ କାଠଯୋଡ଼ିରେ ଜଳବୁଡ଼ି ଓ ଆତ୍ମହତ୍ୟାଜନିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ବ୍ରିଜ୍ ଉପରୁ ଡେଇଁ ଜୀବନ ହାରିବା ଭଳି ଘଟଣା ଏହି ଦୁଇ ନଦୀରେ ବଢ଼ି ଚାଲିଛି। ଗତବର୍ଷ ଉଭୟ ମହାନଦୀ ଓ କାଠଯୋଡ଼ିରେ ୩୯ଜଣ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତନ୍ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଆହୁରି ଉଦ୍‌ବେଗଜନକ କଥା ହେଲା, ମାତ୍ର ୧୫ଦିନ ଭିତରେ ମହାନଦୀକୁ ଡେଇଁ ୩ଜଣ ପ୍ରାଣ ହରାଇ ସାରିଲେଣି। ସୌଭାଗ୍ୟକୁ ଅନ୍ୟ ୨ଜଣଙ୍କୁ ଠିକ୍ ସମୟରେ ଉଦ୍ଧାର କରାଯାଇଥିବାରୁ ସେମାନଙ୍କ ଜୀବନ ବଞ୍ଚିଯାଇଛି।



**କାର୍ଯ୍ୟକାରୀ ହୋଇପାରିଲାନି ୬ଫୁଟ ଉଚ୍ଚତାର ତାର ଜାଲି ଯୋଜନା**

**ଲାଗି ପାରିଲାନି ସିସି କ୍ୟାମେରା**


**ଗତବର୍ଷ ୩୯ ଜଣ କରିଥିଲେ ଆତ୍ମହତ୍ୟା ଉଦ୍ୟମ; ମରିଥିଲେ ୨୭**

ଆଜି ମହାନଦୀରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ହାଡ଼ିଆପଠା ନିକଟରେ ଥୋରିଆସାହିର ୪ଜଣ ନାବାଳକ ଗାଧୋଇବାକୁ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ନଦୀର ଗଭୀର ଜଳରାଶିରେ ଭାସି ଯାଇଛି। ସେ ହେଲା, ବାବୁ ନାୟକ (୧୬)। ଅପରାହ୍ଣ ୩ଟାରେ ବାବୁ ନିଜ ସାଙ୍ଗଙ୍କ ସହିତ ନଦୀରେ ଗାଧୋଇବା ସହ ଜଳକ୍ରୀଡ଼ା କରୁଥିଲା। ହଠାତ୍ ତା'ର ପାଦ ଖସିଯିବାରୁ ସେ ଗଭୀର ଜଳରାଶିକୁ ଚାଲିଯାଇଥିଲା ଓ ନିଖୋଜ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଟିମ୍ ନଦୀରେ ଖୋଜାଖୋଜି କରି କରିଥିଲେ। କିନ୍ତୁ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଛି। ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ହାଡ଼ିଆପଠାରେ ନଦୀର ତୁଠ ନ ଥିଲା। ବାବୁ ଓ ତା' ସାଙ୍ଗମାନେ ସେଠାରେ ବିପଦପୂର୍ଣ୍ଣ ଭାବେ ନଦୀକୁ ପ୍ରବେଶ କରିଥିଲେ। ▶ପୃଷ୍ଠା-୭

# ଫୁଡ୍ ଡେଲିଭରୀ ବଏଙ୍କୁ କାର୍ ଚଢ଼ାଇ ମାରିଦେଲେ ଦମ୍ପତି

ବେଙ୍ଗାଲୁରୁ, ୩୦ ।୧୦(ଏଜେନ୍ସି): ବେଙ୍ଗାଲୁରୁରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଫୁଡ୍ ଡେଲିଭରୀ ଏଜେଣ୍ଟଙ୍କୁ କାର୍ ଚଢ଼ାଇ ହତ୍ୟା କରିଛନ୍ତି ଏକ ଦମ୍ପତି । ଅକ୍ଟୋବର ୨୫ରେ ଜେପି ନଗର ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା । କିନ୍ତୁ ବେଙ୍ଗାଲୁରୁ ପୁଲିସ ବୁଧବାର ଏହି ରୋଡ ରେଜ୍ ସମ୍ପର୍କରେ ସୂଚନା ଦେଇଛି । ଅଭିଯୁକ୍ତ ମନୋଜ କେରଳର ଓ ତାଙ୍କ ପତ୍ନୀ ଆରତୀ ଜମ୍ମୁ-କଶ୍ମୀରର ବୋଲି ପୁଲିସ କହିଛି । ଫୁଡ୍ ଡେଲିଭରୀ ଏଜେଣ୍ଟ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ଧକ୍କା ଦେଇଥିଲା । ଫଳରେ ମନୋଜଙ୍କ କାର୍‌ର କାଚ ଭାଙ୍ଗିଯାଇଥିଲା । ଏହାର ପ୍ରତିଶୋଧ ନେବା ପାଇଁ ମନୋଜ ପିଛା କରି ଦର୍ଶନଙ୍କୁ କାର୍‌ରେ ଧକ୍କା ଦେଇଥିଲେ । ପ୍ରଥମେ ଏହାକୁ ଏକ ହିଟ୍ ଆଣ୍ଡ ରନ୍ ମାମଲା ବୋଲି ପୁଲିସ କହୁଥିଲା । କିନ୍ତୁ ସିସିଟିଭି ଫୁଟେଜରେ ମନୋଜ ଜାଣିଶୁଣି ଦର୍ଶନଙ୍କ ସ୍କୁଟିକୁ ଧକ୍କା ଦେଉଥିବା ସ୍ପଷ୍ଟ ଭାବେ ଜଣା ପଡ଼ିଥିଲା । ଯାଞ୍ଚ ପରେ ଏହି ହିଟ୍ ଆଣ୍ଡ ରନ୍ ମାମଲା ହତ୍ୟାକାଣ୍ଡ ଭାବେ ବଦଳିଯାଇଛି ।

ପୁଲିସ କହିବା ଅନୁସାରେ ରାତି ୯ଟାରେ ଦର୍ଶନଙ୍କ ସ୍କୁଟି ମନୋଜଙ୍କ କାର୍‌କୁ ହାଲ୍‌କା ଭାବେ ଧକ୍କା ଦେଇଥିଲା । ଏଥିରେ କାର୍‌ର କାଚ ଭାଙ୍ଗିଯାଇଥିଲା । ଏଥିପାଇଁ ଦର୍ଶନ କ୍ଷମା ମାଗି ଆଗକୁ ଚାଲିଯାଇଥିଲେ । କିନ୍ତୁ ମନୋଜ ରାଗିଯାଇ ୟୁ ଟର୍ଣ୍ଣ ନେଇ ପାଖପାଖି ଦୁଇ କିମି ପିଛା କରି ଜେପି ନଗର ନିକଟରେ ସ୍କୁଟିକୁ ଜାଣିଶୁଣି ଧକ୍କା ଦେଇଥିଲେ । ଫଳରେ ଦର୍ଶନ ଓ ତାଙ୍କ ବନ୍ଧୀ ବରୁଣ ସଡ଼କ ଉପରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଡାକ୍ତର ଦର୍ଶନଙ୍କୁ ମୃତ ଘୋଷିତ କରିଥିବାବେଳେ ବରୁଣ ସାମାନ୍ୟ ଆହତ ହୋଇଥିଲେ । ଘଟଣା ଘଟାଇବା ପରେ ମନୋଜ ଓ ଆରତୀ ମାସ୍କ ପିନ୍ଧି ନିଜ କାରର ଭାଙ୍ଗିଥିବା କାଚ ଉଠାଇ ପଳାଇ ଥିଲେ ବୋଲି ପୁଲିସ କହିଛି । ମନୋଜ ନିଜର ଦୋଷ ତଥା ଅପରାଧ ସ୍ୱୀକାର କରିଛି ।



ତେବେ ଘଟଣା ସମୟରେ ଆରତୀ ତାଙ୍କ ସହ ଥିଲା କି ନାହିଁ ସେ ନେଇ ଯାଞ୍ଚ ଚାଲିଛି ବୋଲି ଦକ୍ଷିଣ ବେଙ୍ଗାଲୁରୁ ଡିସିପି ଲୋକେଶ ଜଗଲାସର କହିଛନ୍ତି ।

# ମୁମ୍ବଇରେ ୩ ଘଣ୍ଟାର ଆତଙ୍କ

## ଅଡିସନ୍ ପାଇଁ ଯାଇଥିବା ୧୭ ଶିଶୁ ମୁଣ୍ଡଜାମିନ

ମୁମ୍ବଇ, ୩୦।୧୦ (ଏଜେନ୍ସି): ଭାରତର ଆର୍ଥିକ ରାଜଧାନୀରେ ୩ ଘଣ୍ଟା ପର୍ଯ୍ୟନ୍ତ ଆତଙ୍କ ଖେଳି ଯାଇଛି । ଜଣେ ବ୍ୟକ୍ତି ମୁମ୍ବଇର ପୱାଇ ଅଞ୍ଚଳର ସ୍ଥିତ ଏକ କୋଠାର ପ୍ରଥମ ମହଲାରେ ଥିବା ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କ ସମେତ ଜଣେ ବରିଷ୍ଠ ନାଗରିକ ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବନ୍ଦୀ କରି ରଖିଛି । ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଏହି ପିଲାଙ୍କୁ ନ ଛାଡ଼ିବାରୁ ପୁଲିସ, ଦମକଳବାହିନୀ ଏବଂ ପିଲାଙ୍କପରିବାର ସଦସ୍ୟ ସେଠାରେ ପହଞ୍ଚି ଥିଲେ । ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ଏକ ଭିଡିଓ ଜାରି କରି ନିଜ ଦାବି ରଖିଥିଲା । ସେ କିଛି ବ୍ୟକ୍ତିଙ୍କଠାରୁ ପ୍ରଶ୍ନର ଉତ୍ତର ଚାହୁଁଥିବା କହିଥିଲା ।

■ ଉଦ୍ଧାର କଲେ ପୁଲିସ ଓ ଦମକଳବାହିନୀ

■ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

ସେଥିପାଇଁ ଏହି ଷଡ଼ଯନ୍ତ୍ର କରିଥିବା ଉଲ୍ଲେଖ କରିଥିଲା । କିନ୍ତୁ ପରେ ପୁଲିସ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲା । ଏକ ଘଣ୍ଟାର କସରତ ପରେ ପୁଲିସ ପ୍ରଥମ ମହଲାରେ ଥିବା ଗାଧୁଆଘର ଦେଇ ଭିତରେ ପ୍ରବେଶ କରିଥିଲା । ଅଭିଯୁକ୍ତକୁ ଗୁଳି ମାଡ଼ କରି



୧୭ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା । ତେବେ ଏହି ଏନ୍‌କାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ରାହୁଲ ଆର୍ଯ୍ୟ ପ୍ରାଣ ହରାଇଛି । ସୂଚନା ଅନୁଯାୟୀ ଆରଏ ଷ୍ଟୁଡିଓରେ ପିଲାଙ୍କୁ ଅଭିନୟ ଶିକ୍ଷା ଦିଆଯାଉଥିଲା । ଅଡିସନ ବାହାନାରେ ପ୍ରାୟ ଶହେ ଶିଶୁଙ୍କୁ ସେଠାକୁ ଡକା ଯାଇଥିଲା । ମାତ୍ର ୧୭ ଜଣ ଏଥିପାଇଁ ପହଞ୍ଚି ଥିଲେ । ସମସ୍ତଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ଥିଲା । ପୁଲିସକୁ ଏହାର ସୂଚନା ଗୁରୁବାର ଅପରାହ୍ନ ୧ଟା ୪୫ରେ ମିଳିଥିଲା । ସଙ୍ଗେ ସଙ୍ଗେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତର ଦାବି ଜାଣିବାକୁ ଚାହିଁଥିଲା । କିନ୍ତୁ ସେ ଶିଶୁଙ୍କୁ ଛାଡିବାକୁ ମନା କରି ଦେଇଥିଲା । ଷ୍ଟୁଡିଓରେ ଲାଗିଥିବା କାଚ ଦେଇ ଶିଶୁ ବାହାରକୁ ଚାହିଁ ରହିଥିବା ଦେଖିବାକୁ ମିଳିଥିଲା । ତେବେ ଶିଶୁଙ୍କ କ୍ଷତି କରିବାକୁ ଧମକାଇବା ପରେ ପୁଲିସ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା । ୩ ଘଣ୍ଟା ବନ୍ଦୀ ହୋଇ ରହିବା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ ଏକ ଏୟାର ଗନ୍ ଏବଂ ଅନ୍ୟ ରାସାୟନିକ ସାମଗ୍ରୀ ମିଳିଛି । ଏ ପର୍ଯ୍ୟନ୍ତ ରୋହିତର ଉଦ୍ଦେଶ୍ୟ ଜଣାପଡ଼ି ନାହିଁ । ଅଭିଯୁକ୍ତ ଜଣେ ମାନସିକ ରୋଗୀ ବୋଲି ପୁଲିସ ସନ୍ଦେହ କରୁଛି ।

ଏହା ପୂର୍ବରୁ ଅଭିଯୁକ୍ତ ଏକ ଭିଡିଓ ଜାରି କରି କହିଥିଲା ଯେ ସେ ଆମ୍ହତ୍ୟା କରିବା ପରିବର୍ତ୍ତେ ଶିଶୁଙ୍କୁ ବନ୍ଦୀ ବନାଇ ରଖିଛି । ମୁଁ ବହୁତ ସାଧାରଣ ବ୍ୟକ୍ତି । ମୋର କିଛି ନୈତିକ ଦାବି ଏବଂ ପ୍ରଶ୍ନ ରହିଛି । କିଛି ଲୋକଙ୍କ ସହ ଆଲୋଚନା କରି ପ୍ରଶ୍ନର ଉତ୍ତର ଚାହୁଁଛି । ଏହା ବ୍ୟତୀତ ମୁଁ ଆଉ କିଛି ଚାହୁଁନାହିଁ ।

# ପରମାଣୁ ଅସ୍ତ୍ର ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଲେ ଟ୍ରମ୍ପ



ୱାଶିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିରକ୍ଷା ମନ୍ତ୍ରଣାଳୟ ଅର୍ଥାତ ପେଣ୍ଟାଗନକୁ ତୁରନ୍ତ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରୀକ୍ଷଣ ଚୀନ୍ ଓ ରୁଷିଆ ସହ ବରାବର ହେବା ଉଚିତ ବୋଲି ସେ କହିଛନ୍ତି । ଅନ୍ୟ ଦେଶଗୁଡିକର ପରୀକ୍ଷଣକୁ ଦେଖି ପରମାଣୁ ଅସ୍ତ୍ରର ତୁରନ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛି ବୋଲି ଟ୍ରମ୍ପ କହିଛନ୍ତି । ଆମେରିକା ପାଖରେ ସବୁଠାରୁ ଅଧିକ ପରମାଣୁ ଅସ୍ତ୍ର ରହିଛି । ରୁଷିଆ ଦ୍ୱିତୀୟ ସ୍ଥାନରେ ରହିଛି । କିନ୍ତୁ ଆଗାମୀ ୫ ବର୍ଷରେ ରୁଷ ବରାବର କରିପାରେ ବୋଲି ସେ କହିଛନ୍ତି । ରୁଷ ଓ ଚୀନ୍ ଦୁଇ ଦେଶ ପରମାଣୁ ଅସ୍ତ୍ରର ପରୀକ୍ଷା କରୁଛନ୍ତି । କିନ୍ତୁ ଆମେ ପରୀକ୍ଷଣ କରୁନାହୁଁ । ଅନ୍ୟ ଦେଶମାନେ କରୁଛନ୍ତି । ଏବେ ଆମେ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବୁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ।

ଆମେରିକା ୩୩ ବର୍ଷ ତଳେ ଏଭଳି ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା । ଆମେରିକା ୧୯୯୨ ସେପ୍ଟେମ୍ବର ୨୩ରେ ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା । ଏହା ଆମେରିକାର ୧,୦୩୦ତମ ପରମାଣୁ ଅସ୍ତ୍ର ପରୀକ୍ଷଣ ଥିଲା । ନାଭେଡା

■ ୩୩ ବର୍ଷ ତଳେ ହୋଇଥିଲା ପରୀକ୍ଷଣ

ଟେଷ୍ଟ ସାଇଟ୍‌ର ରେନିଅର ମେସା ହିଲ୍‌ସାଇଡ୍‌ରେ ୨୩୦୦ ଫୁଟ ତଳେ ଆମେରିକା ଶେଷଥର ପାଇଁ ପରମାଣୁ ଅସ୍ତ୍ର ପରୀକ୍ଷା କରିଥିଲା । ଆଣବିକ ବିକିରଣ ବାହାରକୁ ନ ବ୍ୟାପିବା ପାଇଁ ଏପରି କରାଯାଇଥିଲା । ସେତେବେଳେ ଏହାର କୋଡ ନାମ ଡିଭାଇଡର ଥିଲା । ମାଟି ତଳେ ଏତେଜୋରରେ ବିସ୍ଫୋରଣ ହୋଇଥିଲା ଯେ, ପଥର ମଧ୍ୟ ତରଳି ଯାଇଥିଲା । ମାଟିରସ୍ତର ଗୋଟିଏ ଫୁଟ ଉପରକୁ ଉଠି ପୁଣି ତଳକୁ ଧସିଯାଇଥିଲା । ଏବେ ସେଠାରେ ୧୫୦ମିଟର ଚଉଡ଼ା ଓ ୧୦ ମିଟର ଗାତ ଦେଖିବାକୁ ମିଳିଛି । ଏହାପରେ ୧୯୯୬ରେ କମ୍ପ୍ରିହେନସିଭ ନ୍ୟୁକ୍ଲିୟାର ଟେଷ୍ଟ ବ୍ୟାନ ଟ୍ରିଟି (ସିଟିବିଟି) ସ୍ୱାକ୍ଷରିତ ହୋଇଥିଲା । ଫଳରେ ମାଟିତଳେ ପରମାଣୁ ଅସ୍ତ୍ର ପରୀକ୍ଷଣ ଉପରେ ରୋକ ଲଗାଯାଇଥିଲା । ଚୀନ୍ ଓ ଆମେରିକା ଏହି ଚୁକ୍ତିରେ ଦସ୍ତଖତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାକୁ ଔପଚାରିକ ଭାବେ ମଞ୍ଜୁରୀ ଦେଇନାହାନ୍ତି ।

# ୬ ମାସ ପାଇଁ ଚାବାହାର ବନ୍ଦର କଟକଣାରୁ ବର୍ତ୍ତିଲା ଭାରତ

ନୂଆଦିଲ୍ଲୀ, ୩୦ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । ଇରାନର ଚାବାହାର ବନ୍ଦର ଉପରେ ଆମେରିକା କଟକଣା ଲାଗୁ କରିନାହିଁ । ଏହି ବନ୍ଦର ଉପରେ କଟକଣା ନେଇ ଆମେରିକା ତା'ର ରିହାତି ଅବଧିକୁ ଆଉ ୬ ମାସ ବୃଦ୍ଧି କରିଛି । ଏହି ଅବଧି ଅକ୍ଟୋବର ୨୭ରେ ଶେଷ ହେବାକୁ ଯାଉଥିଲା । ଏହାକୁ ଭାରତର ଏକ ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି । ଏହି ବନ୍ଦରର ବ୍ୟବହାର ଏବଂ ନିର୍ମାଣ ନେଇ ୨୦୨୪ରେ ଇରାନ ସହ ଭାରତ ୧୦ ବର୍ଷ ପାଇଁ ଚୁକ୍ତି କରିଥିଲା । ଭାରତ ମଧ୍ୟ ଏଥିପାଇଁ ବହୁତ ଅର୍ଥ ନିବେଶ କରିଥିଲା । ଏହି ଚୁକ୍ତି ଅନୁସାରେ ଇଣ୍ଡିଆନ ପୋର୍ଟ୍ସ ଗ୍ଲୋବାଲ ଲିମିଟେଡ (ଆଇପିଜିଏଲ୍) ବନ୍ଦର ସହିଦ ବେହସ୍ତି ଟର୍ମିନାଲର ପରିଚାଳନା ପ୍ରକ୍ରିୟାକୁ ନିଜ ହାତକୁ ନେଇଥିଲା । ଫଳରେ ଭାରତ ପ୍ରଥମଥର ପାଇଁ କୌଣସି ବିଦେଶୀ ବନ୍ଦରର ପରିଚାଳନା ନିଜ ହାତକୁ ନେଇଥିଲା । ଏହାପୂର୍ବରୁ ୨୦୧୬ରେ ହୋଇଥିବା ଚୁକ୍ତିର ନବୀକରଣ ପ୍ରତିବର୍ଷ କରା ଯାଉଥିଲା । ଚାବାହାର ବନ୍ଦର ଭାରତ ପାଇଁ ବିଶେଷ ଭାବେ ଗୁରୁତ୍ୱ ବହନ କରୁଛି । କାରଣ ପାକିସ୍ତାନକୁ ବାଇପାସ୍ କରି ଭାରତ ଏହି ବନ୍ଦର ମାଧ୍ୟମରେ ଆଫଗାନିସ୍ତାନ ଓ ମଧ୍ୟ ଏସୀୟ ଦେଶଗୁଡିକ ସହ ସିଧାସଳଖ ବାଣିଜ୍ୟ ଓ ବ୍ୟବସାୟ କରିବାକୁ ସକ୍ଷମ ହେଉଛି । ୨୦୨୩ରେ ଭାରତ ଏହି ପ୍ରକଳ୍ପ ନେଇ ପ୍ରସ୍ତାବ ଦେଇଥିଲା । ଏହା ଦ୍ୱାରା ଅନ୍ତର୍ଜାତୀୟ ଉତ୍ତର- ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର ଜରିଆରେ ଆଞ୍ଚଳିକ ଯୋଗାଯୋଗ ସୁଦୃଢ଼ ହୋଇଛି ।

# ମୁଖ୍ୟମନ୍ତ୍ରୀ ପଦ | ନୀତୀଶ କୁମାରଙ୍କୁ ନେଇ ଅନିଶ୍ଚିତତା

ପାଟନା, ୩୦।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରଚାର ଚାଲିଛି । ଏ ପର୍ଯ୍ୟନ୍ତ କ୍ଷମତାସୀନ ମେଣ୍ଟ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ କୌଣସି ଘୋଷଣା ହୋଇନାହିଁ । ତେଣୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆଗାମୀ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି । ଯଦି ଏନ୍‌ଡିଏ ପୁଣି ନିର୍ବାଚନ ଜିତେ ତେବେ ସେ ମୁଖ୍ୟମନ୍ତ୍ରୀ ହୋଇ ନ ପାରନ୍ତି । ଏହାକୁ ନେଇ ବିରୋଧୀ ଇଣ୍ଡିଆ ସଦସ୍ୟ ଶାସକ ମେଣ୍ଟକୁ ସମାଲୋଚନା କରୁଥିବାବେଳେ ନୀତୀଶଙ୍କୁ ଚିଡ଼ାଇବାକୁ ଉଦ୍ୟମ କରୁଛନ୍ତି । ପୂର୍ବରୁ ବାରମ୍ବାର ପଟ ପରିବର୍ତ୍ତନର ରେକର୍ଡ ନୀତୀଶଙ୍କ ନାମରେ ରହିଛି । ଏହାର ମଧ୍ୟରେ ବିହାର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏକ ସାକ୍ଷାତକାରରେ ଭିନ୍ନ ମନ୍ତବ୍ୟ ଦେଇଛନ୍ତି । ନୀତୀଶ କୁମାର ଆଗକୁ ମଧ୍ୟ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଛନ୍ତି । ଏବେ ରାଜ୍ୟରେ କୌଣସି ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ ଏବଂ ଆଗକୁ ମଧ୍ୟ ଖାଲି ହେବନି ବୋଲି ଉଲ୍ଲେଖ କରିଥିଲେ । ତେବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ମୁଙ୍ଗେରରେ ପ୍ରଚାର କରି ଚୌଧୁରୀଙ୍କ ପାଇଁ ଭୋଟ ମାଗିଛନ୍ତି । ଶାହା କହିଥିଲେ ଯେ ଭୋଟ ଦେଇ ଜିତାଇଲେ ଆମେ ସମ୍ରାଟଙ୍କୁ ବଡ଼ ଲୋକ ବନାଇ ଦେବୁ । ଅନ୍ୟ ଅଞ୍ଚଳରେ ଲୋକେ ନିଜ ବିଧାୟକଙ୍କୁ ମନ୍ତ୍ରୀ କରିବାକୁ କହୁଥିବାବେଳେ ସେ ତାରାପୁରର ଜନତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଦେଇଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମହାମେଣ୍ଟ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି । ସେ ନାଳନ୍ଦାର ନୁରସରାୟରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ଭୟାଳୁ ବ୍ୟକ୍ତି । ମୋଦୀଙ୍କଠାରୁ ଇନ୍ଦିରା ଅଧିକ ସାହସୀ ଥିଲେ । ଆମେରିକା ରାଷ୍ଟ୍ରପତିଙ୍କୁ ମୋଦୀ ଭୟ କରୁଛନ୍ତି । ମୋଦୀଙ୍କୁ ଧମକାଇ 'ଅପରେସନ ସିନ୍ଦୂର' ବନ୍ଦ କଲି ବୋଲି ଟ୍ରମ୍ପ ୫୦ ଥର ଟ୍ରମ୍ପ ଦାବି କଲେଣି । ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ମୁଜଫରପୁରରେ କହିଥିଲେ ଯେ ଆରଜେଡିର ବିନାଶ ପାଇଁ କଂଗ୍ରେସ କାମ କରୁଛି । ନରେନ୍ଦ୍ର ଓ ନୀତୀଶ ଲୋକଙ୍କ ସ୍ୱପ୍ନ ପୂରଣ କରୁଥିବାବେଳେ କଂଗ୍ରେସ ଏବଂ ଆରଜେଡି ବିହାର ଓ ବିହାରୀଙ୍କୁ ଅପମାନିତ କରୁଛନ୍ତି । ତାମିଲନାଡୁରେ ଯେଉଁ ଡିଏମକେ ନେତା ବିହାରୀଙ୍କୁ ଉତ୍ପୀଡ଼ନ ଦେଉଛନ୍ତି ତାଙ୍କୁ କଂଗ୍ରେସ ପ୍ରଚାର ପାଇଁ ଡାକୁଛି ।

# ଝିଅ ମୃତ୍ୟୁ ଦୁଃଖଠୁ ବଳିଗଲା ଲାଞ୍ଚ ଯନ୍ତ୍ରଣା

ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି): ଯନ୍ତ୍ରଣା ଜୀବନଠୁ ବଳି ଯାଇଛି । ଅଲିଅଳୀ ଝିଅକୁ ଯୁବାବସ୍ଥାରେ ହରାଇବା ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରକୁ ବ୍ୟବସ୍ଥା ଦାରୁଣ କଷ୍ଟ ଦେଇଛି । ଝିଅର ମୃତ୍ୟୁରେ ଶୋକାତୁର ପରିବାରକୁ ସହାନୁଭୂତି ଦେବା ପରିବର୍ତ୍ତେ ଲୁଟିବାକ ଛାଡ଼ି ନାହାନ୍ତି ଦୁର୍ନୀତିଗ୍ରସ୍ତ ତଥା ଭ୍ରଷ୍ଟ ଅଧିକାରୀ । ମୃତଦେହ ପାଇଁ ବି ଲାଞ୍ଚ ନେବାକୁ ପଛାଇ ନାହାନ୍ତି । ମୃତଦେହକୁ ହସ୍ପିଟାଲରୁ ଘରକୁ ନେବାଠାରୁ ମୃତ୍ୟୁ ପ୍ରମାଣପତ୍ର ପାଇବା ପର୍ଯ୍ୟନ୍ତ ସବୁଠି ଲାଞ୍ଚ ଦେବାକୁ ପଡିଛି । ଆମ୍ବୁଲାନ୍ସ ଡ୍ରାଇଭର, ପୌରପାଳିକା ଏମିତିକି ପୁଲିସ ଅଧିକାରୀ ବି ଦୁଃଖରେ ମ୍ରିୟମାଣ ବାପାଠାରୁ ଲାଞ୍ଚ ନେବାକୁ ପଞ୍ଚୁଘୁଞ୍ଚା ଦେଇ ନ ଥିଲେ । ମାନବିକତାକୁ ମାରି ମୃତଦେହ ସହ ମୂଲଚାଲ କରୁଥିଲେ । ଏଭଳି ହୃଦୟ ବିଦାରକ ଘଟଣା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି । କୌଣସି ସାଧାରଣ ନାଗରିକ ନୁହେଁ, ବରଂ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ)ର ପୂର୍ବତନ ମୁଖ୍ୟ ଆର୍ଥିକ ଅଧିକାରୀ (ସିଏଫଓ)ଙ୍କ ସହ ଏଭଳି ଘଟିଛି । ବେଙ୍ଗାଲୁରରେ ରହୁଥିବା ଏହି ଅଧିକାରୀଙ୍କ ଝିଅର ମୃତ୍ୟୁ ପରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ପାଇଁ ତାଙ୍କୁ ଲାଞ୍ଚ ଦେବାକୁ ବାଧ କରାଯାଇଥିଲା । ସେ ଏକ ପୋଷ୍ଟ ମାଧ୍ୟମରେ ଏହି ହୃଦୟ ବିଦାରକ ଘଟଣା ବିଷୟରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ସ୍ୱାଧୀନତାର ଏତେ ବର୍ଷ ପରେ ବି ସ୍ଥିତି ନ ବଦଳିବା ଏବଂ ସରକାର ଦେଉଥିବା ଦୁର୍ନୀତି ବିରୋଧୀ ସ୍ଲୋଗାନର ଅସଲ ଚିତ୍ରକୁ ଏହା ପଦାରେ ପକାଇ ଦେଇଛି ।

ଗତ ୧୮ ତାରିଖରେ ବ୍ରେନ ଷ୍ଟ୍ରୋକ୍‌ରେ ଶିବକୁମାରଙ୍କ ଝିଅ ଅକ୍ଷୟା (୩୪)ଙ୍କ ମୃତ୍ୟୁ ହୋଇଥିଲା । ଆଇଆଇଏମ ଅହମଦାବାଦରୁ କମ୍ପ୍ୟୁଟର ସାଇନ୍ସରେ ବିଟେକ ଏବଂ ଏମବିଏ କରିଥିବା ଅକ୍ଷୟା ୧୧ ବର୍ଷ ହେଲା ଗୋଲ୍ଡମ୍ୟାନ ସ୍ୟାଚରେ କାମ କରୁଥିଲେ । ମୃତ୍ୟୁ ପରେ ଝିଅର ମୃତଦେହ ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର, ଏତଲାର ନକଲ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଦେବାକୁ ପୁଲିସ, ମୃତ୍ୟୁ ପ୍ରମାଣପତ୍ର ପାଇଁ ବୃହତ ବେଙ୍ଗାଲୁରୁ ମହାଗନର ପାଳିକା (ବିବିଏମପି)ର ଅଧିକାରୀ ମାନେ ପୀଡ଼ିତାଙ୍କ ବାପାକୁ ଖୋଲାଖୋଲି ଭାବେ ଲାଞ୍ଚ ମାଗିଥିଲେ । କେଉଁ ଭଳି ଭାବେ ଥାନାରେ ତାଙ୍କୁ ନଗଦ ଟଙ୍କା ଦେବାକୁ ବାଧ କରାଯାଇଥିଲା ତାହା ମଧ୍ୟ ଶିବକୁମାର ବର୍ଣ୍ଣନା କରିଛନ୍ତି । ଲାଞ୍ଚ ନ ଦେବାରୁ ବ୍ୟବଚ୍ଛେଦ ରିପୋର୍ଟ ଦେବା ପାଇଁ ଚାରି ଦିନ ଲଗାଇ ଦିଆଯାଇଥିଲା । ଝିଅକୁ ହରାଇବାର ଦୁଃଖରେ ମ୍ରିୟମାଣ ଥିବା ବାପା ପ୍ରତି ଏମାନେ ସହାନୁଭୂତି

## କରୁଣ କାହାଣୀ ବର୍ଣ୍ଣନା କଲେ ସିଏଫ୍‌ଓ

## ମୃତଦେହ ପାଇଁ ବି ଦେବାକୁ ପଡ଼ିଲା ଲାଞ୍ଚ

ବି ଦେଖାଇ ନ ଥିଲେ । ପାଖରେ ଟଙ୍କା ଥିବାରୁ ମୁଁ ତ ଦେଇ ଦେଲି ହେଲେ ଗରିବଙ୍କ ସହ ଏମାନେ କ'ଣ କରୁଥିବେ ବୋଲି ଶିବକୁମାର ପ୍ରଶ୍ନ ଉଠାଇଛନ୍ତି ।

ଶିବକୁମାର ଲେଖିଥିଲେ ଯେ କୋରାମଙ୍ଗଳାର ସେଣ୍ଟ ଜନ୍ସ ହସ୍ପିଟାଲରୁ କସଭାନାହାଲି ନେବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର ତାଙ୍କୁ ୩ ହଜାର ଟଙ୍କା ମାଗିଥିଲା । ବେଲାନ୍ଦୁର ଥାନାର ପୁଲିସ ଅଧିକାରୀ ମଧ୍ୟ କୌଣସି କାମରେ ସହାୟତା କରି ନ ଥିଲେ । ପୂର୍ବରୁ ବଡ଼ ଆଘାତ ପାଇଥିବା ବ୍ୟକ୍ତି ପ୍ରତି କୌଣସି ସହାନୁଭୂତି ନ ଦେଖାଇ ପୁଲିସ ଅଧିକାରୀ ରୁକ୍ଷ ବ୍ୟବହାର କରିଥିଲେ । ଖାଲି ଟଙ୍କା ମାଗି ଚାଲିଥିଲେ । ଏହାକୁ ନେଇ ପୁଲିସ ଅଧିକାରୀଙ୍କର ପରିବାର ଅଛି କି ନାହିଁ ବୋଲି ଶିବକୁମାର ପ୍ରଶ୍ନ ପଚାରିଛନ୍ତି । ଏତିକିରେ ତାଙ୍କ ଯନ୍ତ୍ରଣା ଶେଷ ହୋଇ ନ ଥିଲା । ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ବି ତାଙ୍କୁ ନାକେଦମ ହେବାକୁ ପଡ଼ିଥିଲା । ଏଥିପାଇଁ ୫ ଦିନ ପର୍ଯ୍ୟନ୍ତ ବିବିଏମପି ଅଫିସକୁ ତାଙ୍କୁ ଦୌଡିବାକୁ ପଡ଼ିଥିଲା । ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ ପରେ ଧାର୍ଯ୍ୟ ମୂଲ୍ୟ ଠାରୁ ଢେର ଅଧିକ ଦେବାରୁ ପ୍ରମାଣପତ୍ର ମିଳିଥିଲା । ଏହି ଘଟଣାକୁ ନେଇ ବଡ଼ ବଡ଼ ବ୍ୟବସାୟୀଙ୍କୁ ଶିବକୁମାର ଆକୁଳ ନିବେଦନ କରିଛନ୍ତି । ନାରାୟଣ ମୂର୍ତ୍ତି, ଅଜିମ ପ୍ରେମଜୀ ଏବଂ ମଜୁମଦାରଙ୍କ ଭଳି ବଡ଼ ବଡ଼ ବ୍ୟବସାୟୀ କୋଟି କୋଟି ଟଙ୍କା ଦେଇ ସହରକୁ ବଞ୍ଚାଇ ପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି ।

# କାନାଡ଼ାରେ ଭାରତୀୟ ବ୍ୟବସାୟୀଙ୍କୁ ହତ୍ୟା

ମଣ୍ଟ୍ରିଲ, ୩୦ ।୧୦(ଏଜେନ୍ସି): କାନାଡ଼ାରେ ଜଣେ ଭାରତୀୟ ବ୍ୟବସାୟୀଙ୍କୁ ପିଟି ପିଟି ହତ୍ୟା କରାଯାଇଛି । ଏହି ବ୍ୟବସାୟୀ ହେଉଛନ୍ତି ୫୫ ବର୍ଷୀୟ ଅରବି ସିଂହ ସଗ୍ଗୁ । ୧୦୯ ଷ୍ଟ୍ରିଟ୍ ଓ ୧୦୦ ଆଭେନ୍ୟୁ ନିକଟରେ ପୁଲିସକୁ ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରମଣ ନେଇ ସୂଚନା ମିଳିଥିଲା । ପୁଲିସ ସେଠାରେ ପହଞ୍ଚି ସଗ୍ଗୁଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲା । ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ୫ ଦିନପରେ ସେ ମୃତ୍ୟୁବରଣ କରିଥିଲେ । ସଗ୍ଗୁ ଓ ତାଙ୍କ ବାନ୍ଧବୀ ରାତିରେ ଖାଇ ସାରି ନିଜ ଗାଡ଼ି ପାଖକୁ ଆସିଥିବାବେଳେ ଏପରି ହୋଇଥିଲା । ସେତେବେଳେ ଜଣେ ବ୍ୟକ୍ତି ତାଙ୍କ ଗାଡ଼ି ଉପରେ ପରିସ୍ରା କରୁଥିବା ସେ ଦେଖିଥିଲେ । ସଗ୍ଗୁ ପ୍ରଶ୍ନ କରିବା ପରେ ବ୍ୟକ୍ତି ଜଣକ ତାଙ୍କୁ ଆକ୍ରମଣ କରିଥିଲେ । ବ୍ୟକ୍ତି ଜଣକ ପ୍ରଥମେ ଗାଳିଗୁଲଜ କରିଥିଲେ ଓ ସଗ୍ଗୁ ତଳେ ପକାଇ ପିଟିବାରେ ଲାଗିଥିଲେ । ପୁଲିସ ଏହି ଘଟଣାରେ ୪୦ ବର୍ଷୀୟ କାଏଲ ପାପିନକୁ ଗିରଫ କରିଛି ।

# ଦାଉଦ୍ ଆତଙ୍କବାଦୀ ନୁହଁ: ମମତା କୁଲକର୍ଣ୍ଣୀ

ଗୋରଖପୁର, ୩୦ ।୧୦(ଏଜେନ୍ସି): ଅଭିନେତ୍ରୀରୁ ସାଧବୀ ହୋଇଥିବା ମମତା କୁଲକର୍ଣ୍ଣୀ ଗୋରଖପୁରରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଦାଉଦ୍ ଆତଙ୍କବାଦୀ ନ ଥିଲା ଓ କୌଣସି ବୋମା ବିସ୍ଫୋରଣ କରାଇନାହିଁ ବୋଲି ମମତା କହିଛନ୍ତି । କେବଳ ସେତିକି ନୁହେଁ, ସେ ଦାଉଦ୍ ସହ କେବେ ସାକ୍ଷାତ କରିନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ଏହାକୁ ନେଇ ବିବାଦ ହେବାରୁ ସେ ସଫେଇ ଦେଇଛନ୍ତି । ସେ ନିଜ ମନ୍ତବ୍ୟକୁ ବଦଳାଇଛନ୍ତି । ଦାଉଦ୍ ଭାରତର ଆତଙ୍କବାଦୀ ଥିଲା ଓ ରହିବ ବୋଲି ସେ ସଫେଇ ଦେଇ କହିଛନ୍ତି । ସ୍ୱାମୀ ଭିକି ଗୋସ୍ୱାମୀଙ୍କ ବିଷୟରେ ମନ୍ତବ୍ୟ ଦେଇଥିଲି । ବିସ୍ଫୋରଣ ସହ ଭିକିଙ୍କ କୌଣସି ସମ୍ପର୍କ ନଥିଲା । ଆଜି ମୋର ତାଙ୍କ ସହ କୌଣସି ସମ୍ପର୍କ ନାହିଁ । ମୋର ମନ୍ତବ୍ୟକୁ କଦର୍ଥ କରାଯାଇଛି ବୋଲି ସେ କହିଛନ୍ତି ।

# ପତ୍ନୀ ହିନ୍ଦୁରୁ ଖ୍ରୀଷ୍ଟିଆନ ହୁଅନ୍ତୁ ଚାହାନ୍ତି ଭାନ୍ସ

ୱାସିଂଟନ, ୩୦ ।୧୦(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ଅଜବ ପ୍ରକାର ଇଚ୍ଛା ଜାହିର କରିଛନ୍ତି । ତାଙ୍କ ପତ୍ନୀ ଉଷା ଭାନ୍ସ ହିନ୍ଦୁ ଧର୍ମ ତ୍ୟାଗ କରି ଖ୍ରୀଷ୍ଟିଆନ ଧର୍ମ ଆପଣାନ୍ତୁ ବୋଲି ସେ କହିଛନ୍ତି । ଉଷା କ୍ୟାଥଲିକ୍ ଚର୍ଚ୍ଚ ଦ୍ୱାରା ପ୍ରେରିତ ହୋଇ ଖ୍ରୀଷ୍ଟିଆନ ହୁଅନ୍ତୁ । ସେ ମୋ ସହିତ ରବିବାର ଚର୍ଚ୍ଚକୁ ଦିନେ ଆସିବେ ବୋଲି ଆଶା ପ୍ରକାଶ କରିଛନ୍ତି । ମୋ ଭଳି ମୋ ପତ୍ନୀ ମଧ୍ୟ ଖ୍ରୀଷ୍ଟ ଧର୍ମରେ ଦକ୍ଷୀତ ହୁଅନ୍ତୁ ବୋଲି ମିସିସିପି ବିଶ୍ୱବିଦ୍ୟାଳୟରେ ରାଜନୈତିକ ତଥା ସାମାଜିକ କର୍ମୀ ସ୍ୱର୍ଗତ ଚାର୍ଲି କିର୍କଙ୍କ ସମ୍ମାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଛନ୍ତି । ଭବିଷ୍ୟତରେ ଉଷା ମୋର ଆଶା ପୂରଣ କରିବେ । ଆମ ପିଲାମାନଙ୍କୁ ଖ୍ରୀଷ୍ଟିଆନ୍ ଭଳି ଲାଳନ ପାଳନ କରିବୁ ବୋଲି ମଧ୍ୟ ସେ କହିଛନ୍ତି ।

# 'କ୍ଷମତା ପରିବର୍ତ୍ତନ ପାଇଁ ହୋଇଥିଲା ଦିଲ୍ଲୀ ଦଙ୍ଗା'

ନୂଆଦିଲ୍ଲୀ, ୩୦।୧୦ (ଏଜେନ୍ସି): ଅଚାନକ ଭାବେ ୨୦୨୦ରେ ଦିଲ୍ଲୀରେ ଦଙ୍ଗା ହୋଇ ନ ଥିଲା । କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ ପାଇଁ ଷଡ଼ଯନ୍ତ୍ର କରି ଏପରି କରାଯାଇଥିଲା । ଦେଶକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଉମର ଖାଲିଦ ଏବଂ ସରଜିଲ ଇମାମ ଭଳି ଅଭିଯୁକ୍ତଙ୍କ ଜାମିନ ଆବେଦନ ବିରୋଧରେ ସୁପ୍ରିମକୋର୍ଟରେ ୧୭୭ ପୃଷ୍ଠାର ସତ୍ୟପାଠ ଦାଖଲ କରି ଦିଲ୍ଲୀ ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପୁଲିସ ଅନୁଯାୟୀ, ସିଏଏକୁ ଆୟୁଧ ବନାଇ ଯୋଜନାବଦ୍ଧ ଭାବେ ଏହି ଆନ୍ଦୋଳନ କରାଯାଇଥିଲା । ଏହା ମାଧ୍ୟମରେ ସାରା ଦେଶରେ ହିଂସା କରିବାକୁ ପ୍ରୟାସ ହୋଇଥିଲା । ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, କେରଳ ଏବଂ କର୍ଣ୍ଣାଟକ ଭଳି ରାଜ୍ୟରେ ହିଂସା କରିବାକୁ ପ୍ରୟାସ ହୋଇଥିଲା । ଉମର ଏବଂ ସରଜିଲ ଏହାର ଷଡ଼ଯନ୍ତ୍ରକାରୀ ଥିଲେ । ଏମାନେ ହିଂସା ପାଇଁ ଲୋକଙ୍କୁ ଉସୁକାଇ ଥିଲେ । ଦିଲ୍ଲୀ ପୁଲିସ ପକ୍ଷରୁ ସୁପ୍ରିମକୋର୍ଟରେ କୁହାଯାଇଥିଲା ଯେ ଅଭିଯୁକ୍ତ ବାରମ୍ବାର ମିଥ୍ୟା ଦାବି କରୁଛନ୍ତି । ମାମଲାର ଶୁଣାଣିରେ ବିଳମ୍ବ ପାଇଁ ଏପରି କରାଯାଉଛି । ଏହା ନ୍ୟାୟିକ ପ୍ରକ୍ରିୟାରେ ବାଧା ଦେବା ସହ ସମାନ ।

# ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ

ପାଇକମାଲ, ୩୦।୧୦ (ସମିସ): ବିଦ୍ୟୁତ୍ ତାର ଲାଗି ଚାଷୀ ମୃତ। ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ବୁକୁରାମୁଣ୍ଡା ଗାଁରେ ଗୁରୁବାର ଏପରି ଏକ ଘଟଣା ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ରବି ସାହୁ। ଆଜି ବିଲରେ ସେ କୀଟନାଶକ ସିଞ୍ଚନ କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାମୁଦ୍ରିକ ବାତ୍ୟା ମୋନ୍ଥାର ପ୍ରଭାବରେ ବିଲରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା।



**ପବନରେ ଛିଣ୍ଡି ପଡ଼ିଥିଲା ତାର**

ଅଜାଣତରେ ଏହି ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ରବିଙ୍କର ମୃତ୍ୟୁ ଘଟିଥିଲା। ଅଭାବ ଅନଟନ ମଧ୍ୟରେ ଚଳୁଥିବା ଅଭାବୀ ଚାଷୀ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଅକାଳ ମୃତ୍ୟୁ ତାଙ୍କ ପରିବାରକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ରବିଙ୍କ ପରେ ପିଲାଙ୍କ ପ୍ରତିପୋଷଣ କିଏ କରିବ, କିପରି ତେଲ ଲୁଣର ସଂସାର ଚାଲିବ, ସେଇ ଚିନ୍ତାରେ ତାଙ୍କ ସ୍ତ୍ରୀ ଏବେ ଭାଙ୍ଗି ପଡ଼ିଛନ୍ତି। ବୁକୁରାମୁଣ୍ଡା ପଞ୍ଚାୟତ ସରପଞ୍ଚ ଅନିତା ଭୋଇ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ତୁରନ୍ତ ମୃତକଙ୍କ ପରିବାରକୁ ବିଦ୍ୟୁତ୍ ବିଭାଗ ଓ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ପଞ୍ଝୁକ ସହ ଆସିବ ଶୀତ

ଭୁବନେଶ୍ୱର, ୩୦।୧୦ (ସମିସ): ବର୍ଷା ପରେ ପରେ ରାଜ୍ୟକୁ ଆସୁଛି ଶୀତ। ଦିନକ ପରେ ପଞ୍ଝୁକ ଆରମ୍ଭ ହେଉଛି। ପଞ୍ଝୁକ ସାଙ୍ଗକୁ ରାଜ୍ୟକୁ ପହିଲି ଶୀତ ଆସିବାକୁ ଯାଉଛି। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କବାୟୁ ପ୍ରବାହ ଆରମ୍ଭ ହୋଇଥିବା ବେଳେ ଆଗକୁ ଏକ ଗୁରୁଚାପବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଥଣ୍ଡା ବାୟୁର ପ୍ରବାହ ବୃଦ୍ଧି ପାଇବା ସହ ଶୀତ ବଢ଼ିବା ନେଇ ଆକଳନ କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତରା ପବନ ବହିବା ଆରମ୍ଭ ହୋଇଛି। ମେଘୁଆ ପାଗ ମଧ୍ୟ କ୍ରମଶଃ ପଳାଇଯିବ। ଫଳରେ ରାଜ୍ୟରେ ପହିଲି ଶୀତ ହେବ। ୩୧ ତାରିଖ ରାତିରୁ କନ୍ଧମାଳ (ବାଲିଗୁଡ଼ା, ଫୁଲବାଣୀ) ଓ ଗଜପତି (ଗଜାପୁର, ମୋହନା) ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀରୁ କମିପାରେ। ନଭେମ୍ବର ୨ ତାରିଖ ରାତିରୁ ସାରା ରାଜ୍ୟରେ ତାପମାତ୍ରା ୫ ମଧ୍ୟରେ ୩-୪ ଡିଗ୍ରୀ କମିବ। ଝାରସୁଗୁଡ଼ା, ରାଉରକେଲା, ପାଲଲହଡ଼ା, ବାଦାମପାହାଡ଼, ବହଲଦାରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୭ ଡିଗ୍ରିକୁ ଖସିବ। ସେହିପରି ବାଲିଗୁଡ଼ା, ଦାରିଙ୍ଗବାଡ଼ି, ଗଜାପୁର, ମୋହନାରେ ୧୭-୧୮ ଡିଗ୍ରି ରହିପାରେ। ଏହା ଉତ୍ତର ଭାରତର ଦିଲ୍ଲୀ-ଚଣ୍ଡିଗଡ଼-ଲୁଧିଆନାର ତାପମାତ୍ରା ସହିତ ସମାନ ହୋଇପାରେ। ଭୁବନେଶ୍ୱରରେ ତାପମାତ୍ରା ୫ସୁଦ୍ଧା ୨୦ ଡିଗ୍ରୀ ତଳକୁ ଖସିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# କାନ୍ଥ ଭୁଶୁଡ଼ି ମହିଳାଙ୍କ ମୃତ୍ୟୁ

କପ୍ତିପଦା, ୩୦।୧୦(ସମିସ): ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ରେକର୍ଡତୁଆ ଗ୍ରାମରେ। ମୃତ ବୃଦ୍ଧଜଣଙ୍କ ହେଲେ, ଗ୍ରାମର ବାସନ୍ତୀ କିସ୍କୁ। ବୁଧବାର ସେ ଘରେ ଏକୁଟିଆ ଥିଲେ। ଅପରାହ୍ନରେ ସେ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ଜୋରରେ ପବନ ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଘରର ଆଜବେଷ୍ଟସ ଏବଂ କାନ୍ଥ ଦବି ଯାଇଥିଲା। ଶବ୍ଦ ଶୁଣି ବାସନ୍ତୀ ଉଠି ବାହାରିବାକୁ ଯିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ି ଯାଇଥିଲା ଏବଂ ସେ ଚାପି ହୋଇ ରହିଯାଇଥିଲେ। କିଛି ସମୟ ପରେ ପରିବାରଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସବୁ ନୂଆ ରାସ୍ତାକଡ଼ରେ ବୃକ୍ଷରୋପଣ

■ ବ୍ୟୟ ହେବ ନିର୍ମାଣ ଖର୍ଚ୍ଚର ୧ ପ୍ରତିଶତ ଅର୍ଥ

ଭୁବନେଶ୍ୱର,୩୦।୧୦(ସମିସ): ଦ୍ରୁତ ସହରୀକରଣ ଓ ଜଙ୍ଗଲ ହ୍ରାସ ଯୋଗୁଁ ଏହାର କୁପ୍ରଭାବ ଜୀବଜଗତ ଉପରେ ପରିଲକ୍ଷିତ ହେଉଛି। ତେଣୁ ଏହି ସମସ୍ୟାର ମୁକାବିଲା କରିବା ଏବଂ ଓଡ଼ିଶାକୁ ପରିବେଶ ଅନୁକୂଳ ରାଜ୍ୟ ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଏଣିକି ସବୁ ନୂତନ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସାରା ରାଜ୍ୟରେ ପୂର୍ତ୍ତ ବିଭାଗ ଅଧୀନରେ ନୂଆକରି ନିର୍ମାଣ ହେବାକୁ ଥିବା ପ୍ରତ୍ୟେକ ରାଜପଥ, ଜିଲ୍ଲା ମୁଖ୍ୟ ସଡ଼କ, ଅନ୍ୟାନ୍ୟ ସମସ୍ତ ସଡ଼କ ନିର୍ମାଣ ସମୟରେ ବୃକ୍ଷରୋପଣକୁ ବାଧ୍ୟତାମୂଳକ କରାଯିବା ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏଥିନେଇ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱର ଏବଂ ଡିଭାଇଡର ମଝିରେ ଥିବା ଖାଲିସ୍ଥାନରେ ବ୍ୟାପକ ବୃକ୍ଷରୋପଣ କରାଯିବା ନେଇ ଇଆଇସି (ସିଭିଲ୍ ତଥା ରୋଡସ୍), ଇଆଇସି (ଏନ୍ଏଚ୍), ଏମ୍ଡି, ଓବିସିସିଙ୍କୁ ଚିଠି ଜରିଆରେ ଅବଗତ କରାଯାଇଛି। ଗ୍ରୀନ୍ କରିଡର ବିକାଶ ଓ ପରିଚାଳନା ଲକ୍ଷ୍ୟ ନେଇ ସବୁ ରାସ୍ତାକଡ଼ରେ ବୃକ୍ଷ ରୋପଣ କରାଯିବ। ଏହି କ୍ରମରେ ରାସ୍ତା ନିର୍ମାଣ ସମୟରେ ନିର୍ମାଣ ବ୍ୟୟର ଅତିରିକ୍ତ ୧ ପ୍ରତିଶତ ଅର୍ଥରାଶି ବୃକ୍ଷରୋପଣ ଏବଂ ରକ୍ଷଣାବେକ୍ଷଣ ବାବଦରେ ଖର୍ଚ୍ଚ କରିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଏହାଦ୍ୱାରା ଅଙ୍ଗାରକାମ୍ଳ ଅବଶୋଷଣ ଓ ଅମ୍ଳଜାନ ସ୍ତର ବୃଦ୍ଧି ସହ ବାୟୁ ପ୍ରଦୂଷଣକୁ କମ୍ କରିହେବ। ଏହି ବୃକ୍ଷରୋପଣ ଶବ୍ଦ ପ୍ରଦୂଷଣକୁ କମ୍ କରିବା ସହ ମୃତ୍ତିକା କ୍ଷୟକୁ ରୋକିବା ଏବଂ ବାୟୁର ମାନକ ବୃଦ୍ଧି କରିବା ସହ ଖରାଦିନେ ଆଖପାଖ ଅଞ୍ଚଳରେ ଶୀତଳତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ସରକାର ବିଚାର କରିଛନ୍ତି।

# ବଞ୍ଚି ଉଠିଲେ ହତ୍ୟାକାଣ୍ଡର ମୃତ ମହିଳା!

ବୌଦ୍ଧ, ୩୦।୧୦ (ସମିସ): ନାଡ଼ି ପରଖିବା ଦୂରେ ଥାଉ, ପାଖକୁ ବି ଗଲାନି ପୁଲିସ। ମହିଳାଙ୍କ ମୃତ୍ୟୁ ହୋଇଯାଇଥିବା ଭାବି କନଷ୍ଟେବଲଙ୍କୁ ରାତିସାରା ଜଗାଇ ସେଠାରୁ ପଳାଇଲା। ଫଳରେ କାଠଗଦା ଭିତରେ ସେମିତି ରାତିସାରା (୧୨ଘଣ୍ଟାରୁ ଊର୍ଦ୍ଧ୍ୱ) ନିଶ୍ଚଳ ଅବସ୍ଥାରେ ପଡ଼ି ରହିଲେ ମହିଳା। କିନ୍ତୁ ଆଜି ସାଇଣ୍ଟିଫିକ୍ ଟିମ୍ ଆସି ଯାଞ୍ଚ କରି ମହିଳାଜଣଙ୍କ ଜୀବିତ ଥିବା କହିବା ପରେ ସମସ୍ତଙ୍କ ଅକଲଗୁଡୁମ୍ ହୋଇଯାଇଥିଲା। ବୌଦ୍ଧ ଥାନା ଗିରାସିଙ୍ଗା ଗ୍ରାମରେ ଘଟିଥିବା ଏଭଳି ଏକ ଅଜବ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ମହିଳାଜଣଙ୍କ ହେଲେ, ଗ୍ରାମର ଶ୍ରୀକାନ୍ତ ନାଏକଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ନାଏକ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ବେଳକୁ ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି।

ସୂଚନାନୁଯାୟୀ, ଲକ୍ଷ୍ମୀପ୍ରିୟା ନିଖୋଜ ଥିବା ନେଇ ବୁଧବାର ସନ୍ଧ୍ୟାରେ ତାଙ୍କ ସ୍ୱାମୀ ଶ୍ରୀକାନ୍ତ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହାକୁ ନେଇ ଲକ୍ଷ୍ମୀପ୍ରିୟାଙ୍କ ବାପଘରଲୋକଙ୍କ ସନ୍ଦେହ ହୋଇଥିଲା। ଶ୍ରୀକାନ୍ତ ତାଙ୍କ ଝିଅକୁ ହତ୍ୟା କରି ନିଖୋଜ ନାଟକ ରଚୁଥିବା ନେଇ ଥାନାରେ ଆଉ ଏକ ଅଭିଯୋଗ ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଶ୍ରୀକାନ୍ତଙ୍କ ଅଟକ ରଖି ରାତି ପ୍ରାୟ ୮ଟରେ ଗିରାସିଙ୍ଗା ଗ୍ରାମକୁ ତଦନ୍ତ କରିବାକୁ ଯାଇଥିଲା। ସେଠାରେ ଏକ କାଠଗଦା ମଧ୍ୟରେ ଲକ୍ଷ୍ମୀପ୍ରିୟାଙ୍କ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ମୃତ ବୋଲି ଭାବି ନେଇଥିଲା। ଶ୍ରୀକାନ୍ତ ତାଙ୍କୁ ହତ୍ୟା କରିବା ପରେ ଏଠାରେ ଲୁଚାଇ ରଖିଥିବା ସନ୍ଦେହ କରିଥିଲା। ତେଣୁ, ସେଠାରେ କିଛି ପୁଲିସ କର୍ମଚାରୀଙ୍କୁ ମୁତୟନ କରି ଚାଲିଆସିଥିଲା।



ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ ତଦନ୍ତ ପାଇଁ ପହଞ୍ଚି ମହିଳାଙ୍କ ଦେହ ଉପରେ ଲଦାଯାଇଥିବା କାଠ ଓ ଡାଳ ବାହାର କରିବା ପରେ ମହିଳାଜଣଙ୍କ ବଞ୍ଚିଥିବା ଜାଣିବାକୁ ପାଇଥିଲା। ପରେ ପୁଲିସ ତୁରନ୍ତ ମହିଳାଙ୍କୁ ଡାକ୍ତରଖାନା ଆଣିଥିଲା। ମହିଳାଜଣଙ୍କ ଏବେ ବିପଦମୁକ୍ତ ଥିବା ଜଣାଯାଇଛି।

ଅପରପକ୍ଷେ, ଏହି ଘଟଣାକୁ ନେଇ କାର୍ଯ୍ୟଦକ୍ଷତା ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ପୁଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ହେଁ ଲକ୍ଷ୍ମୀପ୍ରିୟା ଜୀବିତ ଥିବା ନେଇ କିପରି ଜାଣିପାରିଲେ ନାହିଁ। କେଉଁ ଆଧାରରେ ମୃତ ବୋଲି ଭାବି ତାଙ୍କୁ କାଠଗଦାରୁ ଉଦ୍ଧାର କଲେ ନାହିଁ? ଯଦି ଏପରି ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଥା'ନ୍ତା, ତେବେ କିଏ ଦାୟୀ ହୋଇଥା'ନ୍ତା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ୧୨ଘଣ୍ଟା କାଠଗଦା ଭିତରେ ଚାପି ହୋଇ ରହିଲେ
■ ମୃତ ଭାବି ରାତିରେ ଉଦ୍ଧାର କଲାନି ପୁଲିସ
■ ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ଉଠିଲା ପ୍ରଶ୍ନ

**ଦଳୀୟ କାର୍ଯ୍ୟାଳୟରେ ପୁଲିସ ପଶିବାକୁ ନେଇ ବର୍ଷିଲା କଂଗ୍ରେସ**

# ଭୋଟରଙ୍କୁ ଡରାଇବାକୁ ଅପଚେଷ୍ଟା କରୁଛି ବିଜେପି

ଭୁବନେଶ୍ୱର,୩୦।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପରିପେକ୍ଷୀରେ ସମସ୍ତ ରାଜନୈତିକ ଦଳ ସମସ୍ତ ଶକ୍ତି ବିନିଯୋଗ କରି ପ୍ରଚାର ପ୍ରସାର କରୁଛନ୍ତି ଏବଂ ନିଜ ବିଜୟକୁ ନେଇ ଆଶାବାଦୀ ଅଛନ୍ତି। ଘାସିରାମ ମାଝୀ ମାଟିର ପୁଅ ତାଙ୍କ ପ୍ରତି ଜନତାଙ୍କ ସମ୍ପୂର୍ଣ୍ଣ ସମର୍ଥନ ଦେଖି ବିଜେପି ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଛି। ଏଥିପାଇଁ ବିଜେପି ସରକାର କଂଗ୍ରେସ କାର୍ଯ୍ୟାଳୟରେ ପୁଲିସ ଦ୍ୱାରା ରେଡ୍ କରି ଲୋକଙ୍କୁ ଭୟଭୀତ କରାଇବାକୁ ଅପଚେଷ୍ଟା କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର କହିଛନ୍ତି ଯେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂହଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱରେ ରଖାଯାଇଛି। ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲଂଘନ କରିଛି। ଏହା ପୁଣି ଭୋଟ ଗ୍ରହଣ ଶେଷଦିନ ପର୍ଯ୍ୟନ୍ତ ହୋଇଥିବାରୁ କଂଗ୍ରେସ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ଅଫିସରେ ପୁଲିସ ପଶିବା ଘଟଣାକୁ ନିନ୍ଦା କରିବା ସହ ଗତ ଅକ୍ଟୋବର ୧୬/୧୭ ତାରିଖରେ ପୁଲିସ ୯୦ ଲକ୍ଷ ଟଙ୍କା ଜବତ କରିବା ପରେ ମଧ୍ୟ କାହିଁକି ଏବଂ ଏହା କାହାର ଟଙ୍କା ଆଜି ଯାଏ ପୁଲିସ କିମ୍ବା ଇଡି ପ୍ରକାଶ କରି ପାରିନାହିଁ ତାକୁ ନେଇ ପ୍ରଶ୍ନ କରିଛି। ଏହି ଟଙ୍କା ଜଣେ ବିଜେପି ସାଂସଦଙ୍କ ଘନିଷ୍ଠ ସହଯୋଗୀଙ୍କର ବୋଲି କଂଗ୍ରେସ କହିବା ସହ ସେଥିପାଇଁ ପୁଲିସ ଚୁପ୍ ବସିଥିବା କହିଛି। କଂଗ୍ରେସ ଲୋକପ୍ରିୟତାରେ ଆଗେଇ ଯାଇଛି, କଂଗ୍ରେସ ପ୍ରାର୍ଥୀଙ୍କୁ ଅକୁଣ୍ଠ ଜନସମର୍ଥନ ମିଳୁଛି। ଏହା ଦେଖି ବିଜେପି ଛାନିଆ ହୋଇ ପୁଲିସ ବାହିନୀ ଏବଂ ପ୍ରଶାସନକୁ ଉପଯୋଗ କରି ନିର୍ବାଚନ ଲଢ଼ିବାକୁ ଯୋଜନା କରୁଛି ବୋଲି କଂଗ୍ରେସ କହିଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ନିର୍ବାଚନକୁ କିଭଳି ଅବାଧ, ନିରପେକ୍ଷ ଏବଂ ସୁଚାରୁରୂପେ ସମ୍ପାଦନ କରିବେ ଏହା ତାଙ୍କ ଦାୟିତ୍ୱ। ଭୟଭୀତ ହୋଇ ଉପନିର୍ବାଚନ ପାଇଁ ବିଜେପି ଗଣ୍ଡା ଗଣ୍ଡା ମନ୍ତ୍ରୀ ବିଧାୟକ ଏପରିକି ପରାଜିତ ପ୍ରାର୍ଥୀ ଆଦିଙ୍କୁ ନିର୍ବାଚନ ପ୍ରଚାରରେ ନିୟୋଜିତ କରିଛି। ନିର୍ବାଚନ ସମୟରେ ବିଜେପିର ନେତା ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଆସି ୧୧୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ଗତ ୧୬ ମାସ ଧରି ନୂଆପଡାକୁ ଅଣଦେଖା କାହିଁକି କରୁଥିଲେ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ମୁଖ୍ୟମନ୍ତ୍ରୀ 'ନୂଆପଡାର ଦାୟିତ୍ୱ ମୁଁ ନେବି' ବୋଲି ଅବାନ୍ତର କଥା କହୁଛନ୍ତି' ଏହାର ଅର୍ଥ କଣ ଓଡ଼ିଶାର ବାକି ଜିଲ୍ଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କର ଦାୟିତ୍ୱ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।



# ଓଡ଼ିଶାରେ ନିର୍ମାଣ ହେବ ୯୨ଟି ରେଳ ଓଭରବ୍ରିଜ୍

ଭୁବନେଶ୍ୱର,୩୦।୧୦(ସମିସ): ଓଡ଼ିଶାରେ ୯୨ଟି ରେଳ ଓଭରବ୍ରିଜ୍‌ର ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ। ଏଥିପାଇଁ କେନ୍ଦ୍ର ରେଳ ମନ୍ତ୍ରାଳୟ ଆବଶ୍ୟକ ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଉଭୟ ରେଳ ମନ୍ତ୍ରାଳୟ ଓ ରାଜ୍ୟ ସରକାର ଏହି ରେଳ ଓଭରବ୍ରିଜ୍ ଗୁଡ଼ିକୁ ୫୦-୫୦ ଅନୁପାତରେ ଏଥିପାଇଁ ଖର୍ଚ୍ଚ କରିବେ ବୋଲି ସ୍ଥିର ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ରେଳ ମନ୍ତ୍ରାଳୟ ବହନ କରିବାକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ଅନୁରୋଧ ରକ୍ଷା କରି କେନ୍ଦ୍ର ରେଳ ମନ୍ତ୍ରାଳୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା ୯୨ଟି ରେଳ ଓଭର ବ୍ରିଜ୍‌ର ସମ୍ପୂର୍ଣ୍ଣ ନିର୍ମାଣ ଖର୍ଚ୍ଚ ବହନ କରିବେ ବୋଲି ପତ୍ର ମାଧ୍ୟମରେ ଜଣାଇଛନ୍ତି। ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରତି କେନ୍ଦ୍ର ସରକାରଙ୍କ ଏହି ସହୃଦୟତାପୂର୍ଣ୍ଣ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁ ସମୟରେ ଓଡ଼ିଶାର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ଆସିଛନ୍ତି। ରେଳପଥ, ସଡକ ପଥ, ବନ୍ଦର ଓ ବିମାନ ଭିତ୍ତିଭୂମି ସହିତ ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଓ?ଶାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଏହି ଶ୍ରଦ୍ଧା ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

■ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ ରେଳ ବିଭାଗ
■ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

# ଦିବ୍ୟାଙ୍ଗ କଲେଜ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ, ୩୦।୧୦(ସମିସ): କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ୭୭ଜଣ ଦିବ୍ୟାଙ୍ଗ ଛାତ୍ରୀଙ୍କ ପାଇଁ ଆବଶ୍ୟକ ସୁବିଧା ନଥିବା ପ୍ରସଙ୍ଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ତେବେ ଶୈଳବାଳା ଭଳି ରାଜ୍ୟର ସମସ୍ତ ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ରହିଥିବା ସମସ୍ୟାକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ମାମଲାର ଶୁଣାଣି କରିବା ଅବସରରେ ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଯେପରି ସେମାନଙ୍କ ଅଧିକାରରୁ ବଞ୍ଚିତ କରାନଯିବ, ସେ ନେଇ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି କେଉଁ ମହାବିଦ୍ୟାଳୟରେ କେତେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସେ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସମୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଅଦାଲତଙ୍କୁ ଅବଗତ କରିବେ।

ଶୈଳବାଳା ମହିଳା ମହାବିଦ୍ୟାଳୟରେ ବାଧାମୁକ୍ତ ଚଳାଚଳ ପାଇଁ ରାମ୍ପ ସହ ଶୌଚାଳୟ ସୁବିଧା, ଲିଫ୍ଟ, ବ୍ରେଲି ପୁସ୍ତକ ଆଦି ନଥିବା ନେଇ ପୂର୍ବରୁ ଆଡଭୋକେଟ କମିଟି ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଡଭୋକେଟ କମିଟି ଶୈଳବାଳା କଲେଜ ପରିଦର୍ଶନ କରି ଆବଶ୍ୟକ ସୁବିଧା ନଥିବା ନେଇ ରିପୋର୍ଟ ଦାଖଲ କରିଥିଲେ। ଆଜି ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଜବାବ ରଖିଥିଲେ। ଉକ୍ତ ରିପୋର୍ଟ ଆଧାରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଏସଏସଇପିଡି ବିଭାଗ ସଚିବ, ଜିଲ୍ଲା ପ୍ରଶାସନ, କଲେଜ ଅଧ୍ୟକ୍ଷ ଓ ବିଭାଗୀୟ ଯନ୍ତ୍ରୀ ମିଳିତ ବୈଠକ କରିଥିଲେ। ଶୈଳବାଳାରେ ଦିବ୍ୟାଙ୍ଗଙ୍କ ଅନୁକୂଳ ରାମ୍ପ ବ୍ୟବସ୍ଥା, ଲିଫ୍ଟ, ସ୍ୱତନ୍ତ୍ର ଶୌଚାଳୟ ,ଅଧ୍ୟୟନ ପାଇଁ ବ୍ରେଲି ପୁସ୍ତକ ଆଦି ଉପଲବ୍ଧ କରାଯିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବା କୁହାଯାଇଛି। ଆଡଭୋକେଟ କମିଟି ଆସନ୍ତା ଏହି ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଅନ୍ୟ ଶିକ୍ଷାନୁଷ୍ଠାନ ମଧ୍ୟ ପରିଦର୍ଶନ କରି ରିପୋର୍ଟ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର୨୭କୁ ଧାର୍ଯ୍ୟ କରାଯାଇଛି।

**ଦୁଷ୍କର୍ମ ପରେ ମହିଳାଙ୍କୁ ପୋଡ଼ି ମାରିଦେବା ଘଟଣା**

# ଦ୍ୱନ୍ଦ୍ୱ ବଢ଼ାଇଲା ଏସ୍‌ପିଙ୍କ ବିବୃତି

ବଲାଙ୍ଗିର, ୩୦।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ଜାଳି ମାରିଦେବା ଘଟଣା ନୂଆମୋଡ଼ ନେଇଛି। ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଆଜି ବଲାଙ୍ଗିର ଏସ୍‌ପି ଅଭିଲାଷ ଜି. ଖଣ୍ଡନ କରିବା ପରେ ଏହି ମାମଲାକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି କହିଛନ୍ତି ଯେ ମହିଳାଙ୍କ ସହ ଦୁଷ୍କର୍ମ କରାଯାଇନାହିଁ କିମ୍ବା କେହି ତାଙ୍କୁ ହତ୍ୟା ମଧ୍ୟ କରିନାହାନ୍ତି। କୌଣସି ସ୍ୱାସ୍ଥ୍ୟଗତ କାରଣରୁ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ତେବେ ବିଲ ଭିତରକୁ ମହିଳାଙ୍କ ଅର୍ଦ୍ଧନଗ୍ନ ଶବ ଆସିଲା କେମିତି, କିଏ ତାଙ୍କ ଶାଢ଼ି ଖୋଲିଲା, ତାଙ୍କ ମୁହଁ କଳା ପଡ଼ିଲା କେମିତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି, ୬ ଦିନ ଧରି ମହିଳାଙ୍କ ଶବ ପଡ଼ି ରହିଥିଲେ ହେଁ କାହାର ନଜରକୁ କିପରି ଆସିଲା ନାହିଁ, ସେ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅପରପକ୍ଷେ, ପୁଲିସକୁ ଆଜି ମୃତ ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ, ପାଟଣାଗଡ଼ ଅଞ୍ଚଳର କୁନ୍ତୀ ଧରୁଆ (୨୯)।

ପୁଲିସ କହିବା ଅନୁସାରେ, କୁନ୍ତୀ ୨୦୨୦ ମସିହାରୁ ମାନସିକ ରୋଗରେ ପୀଡ଼ିତ ଥିଲେ। ସେ ପୂର୍ବରୁ ମଧ୍ୟ ଘରୁ ଏକାଧିକବାର କୁଆଡ଼େ ଚାଲିଯିବାର ନଜିର ରହିଛି। ଏହି କାରଣରୁ ତାଙ୍କ ସ୍ୱାମୀ ଭଗବାନ ଧରୁଆ ତାଙ୍କୁ ବାପଘରେ ଛାଡ଼ି



ଦେଇଥିଲେ। ଗତ ୫ବର୍ଷ ହେବ ସେ ବାପା ସୁକରାମ ଧରୁଆଙ୍କ ଘରେ ରହୁଥିଲେ। ଗତ ୨୩ ତାରିଖରେ ହଠାତ୍ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ତେବେ ଯେଉଁ ଜମିରୁ କୁନ୍ତୀଙ୍କ ମୃତଦେହ ଉଦ୍ଧାର ହୋଇଛି, ତାହା ତାଙ୍କ ବାପଘରଠାରୁ ୬ କିମି ଦୂର ହୋଇଥିବା ଶାଶୂଘରଠାରୁ ୮ କିମି ବୋଲି ଜଣାପଡ଼ିଛି। ଏମିତିରେ କୁନ୍ତୀ କେଉଁ ପରିସ୍ଥିତିରେ ଜମି କିଆରିକୁ ଆସିଲେ ଓ କେମିତି ତାଙ୍କର ମୃତ୍ୟୁ ହେଲା, ତାହା ପୁଲିସ ସ୍ପଷ୍ଟ କରିନି।

ବଲାଙ୍ଗିର ଏସ୍‌ପିଙ୍କ କହିବା ଅନୁସାରେ ସେ ନିଖୋଜ ହେବାର ଦିନକ ଭିତରେ ହିଁ ତାଙ୍କର ମୃତ୍ୟୁ ହୋଇଛି ଏବଂ ତାଙ୍କ ମୃତ୍ୟୁ ସ୍ୱାସ୍ଥ୍ୟଗତ କାରଣରୁ ବୋଲି ସ୍ପଷ୍ଟ କରିଛନ୍ତି। ବ୍ୟବଚ୍ଛେଦ ସମୟରେ ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରଙ୍କ କହିବା ଅନୁସାରେ ଶରୀର କିମ୍ବା ତାଙ୍କ ଯୌନାଙ୍ଗରେ କୌଣସି କ୍ଷତ ଚିହ୍ନ ନାହିଁ। ଫଳରେ ତାଙ୍କୁ ହତ୍ୟା ଓ ଦୁଷ୍କର୍ମ କରାଯାଇନଥିବା ସେ କହିଛନ୍ତି। ଭିସେରା ପାଇଁ ପଠାଯାଇଛି ଉକ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁ କାରଣ ଆହୁରି ସ୍ପଷ୍ଟ ହେବ ଏସ୍‌ପି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବୁଧବାର ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ଗୋଏଲପିଟା ଗାଁ ନିକଟରେ ଥିବା ଏକ ଜମିରୁ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଥିଲା।


■ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗକୁ ଖଣ୍ଡନ
■ ମୃତା ମହିଳା ମାନସିକ ରୋଗୀ

**ମା' ପ୍ରେମ ଏମିତି...**

# ନବଜାତ ହାତୀ ଶବକୁ ଜଗି ରହିଲା ମା'

ବାରିପଦା, ୩୦।୧୦(ସମିସ): ବାରିପଦା ବନଖଣ୍ଡ ଅନ୍ତର୍ଗତ ବାଙ୍ଗିରିପୋଷି ବନାଞ୍ଚଳରେ ଏକ ନବଜାତ ହାତୀ ଶାବକର ମୃତ୍ୟୁ ଘଟିଛି। ବ୍ରାହ୍ମଣଗାଁ ନିକଟ ସାତଭାୟା ଜଙ୍ଗଲରେ ଶାବକଟି ଜନ୍ମ ହେବାର ଦିନେ ନ ହେଉଣୁ ମୃତ୍ୟୁ ହୋଇଥିବା ଖବର ମିଳିଛି। ତେବେ ଶାବକର ମୃତ୍ୟୁ ପରେ ମା' ହାତୀଟି ମୃତଦେହ ପାଖରେ ଜଗି ରହିଥିଲା।

 କିଛି ଦିନ ଧରି ବ୍ରାହ୍ମଣଗାଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ୧୨ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। ଶିମିଳିପାଳ ପାଦଦେଶର ସାତଭାୟା ଜଙ୍ଗଲରେ ମାଈହାତୀଟି ବିଲ ମଝିରେ ଏକ ହାତୀ ଶାବକକୁ ଜନ୍ମ ଦେଇଥିଲା। ତେବେ ହାତୀ ଶାବକଟି ଦୁର୍ବଳ ଥିବାରୁ ମା' ହାତୀ ଓ ଅନ୍ୟ ହାତୀ ତା'ର ସୁରକ୍ଷା ପାଇଁ ଜଗି ରହିଥିଲେ। ହେଲେ ଶାବକଟି କିଛି ଘଣ୍ଟା ପରେ ବୁଧବାର ସନ୍ଧ୍ୟାରେ ମୃତ୍ୟୁବରଣ କରିଥିଲା। କିନ୍ତୁ, କାଳେ ଛୁଆ ପୁଣି ଜୀବିତ ହେବ, ସେହି ଆଶା ନେଇ ମା'





ହାତୀ ଦୀର୍ଘ ସମୟ ଧରି ଜଗି ରହିଥିଲା। ଖବର ପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ହାତୀ ନିକଟକୁ ଯାଇ ପାରିନଥିଲେ। ଗୁରୁବାର ସକାଳୁ ବନ ବିଭାଗ ମା' ହାତୀକୁ ଦୂରେଇବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ମୃତଦେହରୁ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ନିମନ୍ତେ ଓୟୁଏଟିକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପୋତି ଦିଆଯିବ ବୋଲି ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି।

■ ଦାମ୍ପତ୍ୟ ବିବାଦ ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପିଲାଙ୍କୁ ଭେଟିବା ପାଇଁ ପିତାମାତାଙ୍କ ଭଳି ଜେଜେ-ଜେଜେମା'ଙ୍କ ଅଧିକାର ରହିଛି

କଟକ, ୩୦।୧୦ (ସମିସ): ଶିଶୁର କଲ୍ୟାଣ ପାଇଁ ପିତାମାତାଙ୍କ ଭଳି ଜେଜେ ଏବଂ ଜେଜେ-ମା'ଙ୍କ ଉପସ୍ଥିତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଯେଉଁଠି ପତି ଓ ପତ୍ନୀ ପରସ୍ପର ବିରୋଧରେ ବିଭିନ୍ନ ପ୍ରକାରର ମାମଲା ଲଢୁଛନ୍ତି, ସେତେବେଳ ପର୍ଯ୍ୟନ୍ତ ସେମାନଙ୍କ ନିଜ ପିଲାକୁ ଭେଟିବା ପାଇଁ ପିତାମାତା, ଜେଜେ ଓ ଜେଜେମା'ଙ୍କୁ ବଞ୍ଚିତ କରାଯାଇପାରିବ ନାହିଁ। ଦାମ୍ପତ୍ୟ ବିବାଦକୁ ନେଇ ନିମ୍ନ ଅଦାଲତରେ ମାମଲା ଚାଲୁଥିବା ବେଳେ ନିଜ ପିଲାଙ୍କୁ ଭେଟିବା ପାଇଁ ଅଭିଭାବକଙ୍କ ରହିଥିବା ଅଧିକାର ପ୍ରସଙ୍ଗରେ ହାଇକୋର୍ଟ ଆଜି ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏସ୍. ରାୟଗୁରୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ସଂଜୟକୁମାର ମିଶ୍ର ଏପରି ରାୟ ଦେଇଛନ୍ତି। ପତ୍ନୀଙ୍କ ଜିମାରେ ଥିବା ପ୍ରାୟ ଦେଢ଼ବର୍ଷ ବୟସର ପୁଅକୁ ଭେଟିବା ଅନୁମତି ପ୍ରଦାନ ପାଇଁ ସ୍ୱାମୀ କରିଥିବା ଆବେଦନକୁ ଖାରଜ କରି ଗତ ମାର୍ଚ୍ଚ ୨୦ରେ କଟକ ପରିବାର ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆବେଦନକାରୀ ଓ ତାଙ୍କ ପିତାମାତା ତଥା ପିଲାର ଜେଜେ ବାପା ଜେଜେ-ମା'ଙ୍କ ସହ ମାସକୁ ଦୁଇଥର ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ରରେ ଜଣେ ମହିଳା ମଧ୍ୟସ୍ଥତାଙ୍କ ଉପସ୍ଥିତିରେ ପିଲାକୁ ସାକ୍ଷାତ କରିବାର ଅଧିକାର ପ୍ରଦାନ କରିଛନ୍ତି\ ମଧ୍ୟସ୍ଥତା କେନ୍ଦ୍ରରେ ସାକ୍ଷାତ ସମୟରେ ପିତା ଏବଂ ଜେଜେ ବାପା ଜେଜେ ମା ସେମାନଙ୍କ ପୁଅ/ନାତିଙ୍କୁ ଉପହାର ଦେଇପାରିବେ। ସେହିଭଳି ମାସର ଚତୁର୍ଥ ଶନିବାର ଏବଂ ରବିବାର ସନ୍ଧ୍ୟାରେ ହ୍ୱାଟ୍ସଆପ୍ କଲ୍ ମାଧ୍ୟମରେ ଭିଡିଓ କନଫରେନ୍ସିଂ କରିପାରିବେ। ଏଥିପାଇଁ ପତ୍ନୀଙ୍କୁ ଆବେଦନକାରୀ ଏକ ଆଣ୍ଡ୍ରଏଡ ମୋବାଇଲ ଫୋନ ଓ ସିମ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିବା ବେଳେ ଅର୍ପିତା ମହାପାତ୍ର ସହଯୋଗ କରିଥିଲେ।

## ୨ ଚୋର ଗିରଫ, ସୁନା ଗହଣା ଉଦ୍ଧାର



ସୁନାବେଡ଼ା,୩୦।୧୦(ସମିସ): ଗତ ୧୩ ତାରିଖରେ ସୁନାବେଡା ଥାନା ଅଧିନସ୍ଥ ସେମିଳିଗୁଡା ସରସ୍ୱତୀ ନଗର ଅଞ୍ଚଳରେ ଏକ ଚୋରି ଘଟଣାର ସୁନାବେଡା ପୁଲିସ ପର୍ଦାଫାଶ କରିଛି। ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରି ଲୁଟ ହୋଇଥିବା ସୁନାଗହଣାକୁ ଜବତ କରାଯାଇଛି। ସୂଚନାରୁ ପ୍ରକାଶ ଯେ ତ୍ରିପୁରା ରାଜ୍ୟ ନିବାସୀ ଅତନୁ ସର ସେମିଳିଗୁଡା ସରସ୍ୱତୀ ନଗର ଅଞ୍ଚଳରେ ଘର ଭଡା ନେଇ ରହୁଛନ୍ତି। ଛୁଟି ଥିବାରୁ ଗତ ସେପ୍ଟେମ୍ବର ମାସ ୨୭ ତାରିଖ ଦିନ ନିଜ ପରିବାର ସହ ଶ୍ରୀ ସର ତ୍ରିପୁରା ଚାଲିଯାଇଥିଲେ। ଅକ୍ଟୋବର ମାସ ୧୨ ତାରିଖରେ ସେ ସେମିଳିଗୁଡା ଫେରି ଘର ମୁଖ୍ୟ ଗେଟ ଭଙ୍ଗା ଥିବା ଓ ବେଡ୍ ରୁମରେ ଆଲମାରୀ ଭଙ୍ଗା ଯାଇ ସୁନା ଗହଣା ଓ ମୋବାଇଲ ଲୁଟ ହୋଇଥିବା ଦେଖିବାକୁ ପାଇ ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସୁନାବେଡା ପୁଲିସ ପକ୍ଷରୁ ଏଏସ ଆଇ ରାମଚନ୍ଦ୍ର ପଟ୍ଟନାୟକ ଓ ସହକର୍ମୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସୁନାବେଡା ଥାନା କେସ ନଂ ୧୮ ୯/୨୫ ରେ ମାମଲା ରୁଜୁ କରିବା ସହ ଛାନ ଭିନ ଚଳାଇଥିଲେ। ଗତକାଲି ଚୋରି କରିଥିବା ଅଭିଯୋଗରେ ବିଲେଇଗୁଡ଼ା ଅଞ୍ଚଳର ପିଣ୍ଟୁ ନାଗ ଓରଫ ଘାସି( ୩୦ ) ଓ ସେମିଳି ଗୁଡା ଉପର ସାହିର ପିଟର ଟାକ୍ରୀ ଓରଫ କାହ୍ନୁ (୨୩) କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ୩ଟି ମୋବାଇଲ ଫୋନ, ପ୍ରାୟ ୯୦ ଗ୍ରାମ ସୁନାଗହଣା ସହ ଗୋଟିଏ ଲାପ୍‌ଟପ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ସୁନାବେଡା ଏସ୍‌ଡିପିଓ ସୁମିତ୍ରା ଜେନା। ଅଭିଯୁକ୍ତ ମାନେ ଚୋରି ଗହଣା ଗୁଡିକୁ କୋରାପୁଟର ମାନ୍ନାପୁରାମ ଗୋଲଡ୍ ଲୋନରେ ବନ୍ଧା ପକାଇଥିବା ନେଇ ପୋଲିସ ସୂଚନା ଦେଇଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସରକାରୀ ପଲିଟେକ୍ନିକ୍‌ରେ ରକ୍ତଦାନ ଶିବିର

■ ୪୫ ୟୁନିଟ୍ ରକ୍ତ ସଂଗ୍ରହ




ଜୟପୁର ,୩୦।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ରଣ୍ଡାପାଲୀ ସ୍ଥିତ କୋରାପୁଟ ସରକାରୀ ପଲିଟେକ୍ନିକ ଏବଂ ଏଫ୍‌ବିଡିଓ ଓ ମିଳିତ ଭାବେ ପଲିଟେକ୍ନିକ୍ କଲେଜ ପରିସରରେ ରହିଥିବା ଅଡିଟୋରିଅମରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକ ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଓଡିଶା ବ୍ଲଡ୍ ବ୍ୟାଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା.ରୀତିକ୍ ପାଢ଼ୀ, ଜ୍ୟୋତି ପଣ୍ଡା, ପ୍ରମୋଦ ଖିଲ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସରକାରୀ ପଲିଟେକ୍ନିକ କଲେଜର ରକ୍ତଦାତା ମହସଂଘର ଫିରୋଜ କୁମାର ବେହେରା, କୋରାପୁଟ ଜିଲ୍ଲା ଶାଖାର ଉପସଭାପତି ନିରଞ୍ଜନ ପାଣିଗ୍ରାହୀ ଓ ମିଥୁନ କୁମାର କେଶରୀ ,ସନ୍ଧ୍ୟା କୁମାରୀ ରାନ୍ଧି, ଅବକାଶ ପ୍ରଧାନୀ ଓ ରଶ୍ମିତା କଳସୀ ଶିବିର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଅଧକ୍ଷ ଶ୍ରୀ ରାଉତ ସାଂପ୍ରତିକ ରକ୍ତର ଆବଶ୍ୟକତା ଉପରେ କହିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ପ୍ରଶିକ୍ଷକ ଏଥିରେ ଅଂଶ ଗ୍ରହଣ କରିଥିଲେ। ଭୋଟଦାତା ମହାସଂଘ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରଯାଇଥିଲା।

## କମ୍ୟୁନିଷ୍ଟ ନେତା ଡିବିଏମ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ




ଗୁଣପୁର,୩୦।୧୦(ସମିସ): ୟୁନିଟି ସେଣ୍ଟର ଅଫ୍ କମ୍ୟୁନିଟ ରିଭଲେସେନରି ଅଫ ଇଣ୍ଡିଆ ପକ୍ଷରୁ ଆଜି ଗୁଣପୁର ନଗର ଭବନ ଠାରେ ବିଶିଷ୍ଟ ବିପ୍ଳବୀ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଡିବିଏମ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ଅନନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ବିଭିଏମ ପଟ୍ଟନାୟକ, ଅଧ୍ୟକ୍ଷ ଗିରିଜନ ସଂଘ ଆନ୍ଧ୍ରପ୍ରଦେଶ, ସିଏସ୍‌ଏଚଏନ ମୂର୍ତ୍ତି, ଆନ୍ଧ୍ରପ୍ରଦେଶ, ବ୍ରହ୍ମାନନ୍ଦ ପଟ୍ଟନାୟକ, ବରିଷ୍ଠ ଓକିଲ, ରାଜନିସ ଭାରତୀ,କେ ସୁଧାକର ପଟ୍ଟନାୟକ ବରିଷ୍ଠ ସାମ୍ବାଦିକ, ବି ସତ୍ୟନାରାୟଣ, ନନ୍ଦିକେଶ୍ୱର ଚୌଧୁରୀ, ଏଏସ ନାଇଡୁ, ବି କାନ୍ତା ରାଓ, ଆଦିବାସୀ ନେତା ହେମରାଜ ଦାସ, ବାସୁଦେବ ରାଓ, ଡି ଭେଙ୍କେଟସ୍ୱର, ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପଟ୍ଟନାୟକଙ୍କ ବିପ୍ଳବୀ ଓ ତ୍ୟାଗପୁତ ଜୀବନୀ ଓ ଉଲ୍ଲେଖନୀୟ ଅବଦାନର ସ୍ମୃତି ଚାରଣ କରିଥିଲେ। ନିଃସ୍ୱାର୍ଥପର ସେବା, ଲୋକଙ୍କ ସମସ୍ୟାର ସମାଧାନ, ଆଦିବାସୀଙ୍କ ହକ୍ ପ୍ରଦାନ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ଶେଷରେ ବି କାନ୍ତା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଢୀ ଠାକୁରାଣୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




କୁନ୍ଦୁରା, ୩୦।୧୦(ସମିସ): ସ୍ଥାନୀୟ ପଞ୍ଚାୟତ ଜିରାଗୁଡ଼ା ଠାରେ ମା'ବୁଢୀ ଠାକୁରାଣୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଗତ ୨୦ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ କୋଟପାଡ଼, ଜୟପୁର, ବୈପାରୀଗୁଡ଼ା ବ୍ଲକ ସମେତ ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ଏବଂ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଆଦିରୁ ୧୬ଟି ଦଳ ଭାଗ ନେଇଥିଲେ। ଜିରାଗୁଡ଼ା ଯୁବ କମିଟି ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ନବରଙ୍ଗପୁରର ଇନ୍ଦ୍ରାବତୀ ଦଳ ଦଳ ବିଜୟୀ ଓ କୁନ୍ଦୁରା ବ୍ଲକ କେରମେଟି ଦଳ ରନର୍ସ ହୋଇଥିଲେ। ବିଜୟୀ ଦଳକୁ ସିଲ୍ ସହ ୨୫ ହଜାର ଟଙ୍କା ଏବଂ ରନର୍ସ ଦଳକୁ ସିଲ୍ ସହ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଗାଁ ମୁଖିଆ ଓ ଭଦ୍ରବ୍ୟକ୍ତି ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଗାଁ ଯୁବ କମିଟି ସଦସ୍ୟ ସୁବାସ ନାୟକ, ଦାମୋଦର ଗଣ୍ଡା,ଅଭି ପରଜା, ଦୟା ସଗରିଆ,ବନମାଳୀ ହରିଜନ,ବିଶ୍ୱନାଥ ଭତରା, ଗୋପାଳ ମାଝୀ,ଭକ୍ତରାମ ନାୟକ, କର୍ଣ୍ଣ ଗଣ୍ଡା, ଧନର ପୂଜାରୀ, ଚକ୍ର ମାଝୀ, ସୁଦର୍ଶନ ହରିଜନ ଏବଂ ଯୁବ ଗୋଷ୍ଠୀ ସମସ୍ତ ପ୍ରକାର ଆୟୋଜନ ଓ ପରିଚାଳନା କରିଥିଲେ। ଧନୁର୍ଯ୍ୟ ଗଣ୍ଡା ମଞ୍ଚ ପରିଚାଳନା କରିଥିଲେ।

### କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ବନ୍ଧୁଙ୍କ ପତ୍ନୀଙ୍କୁ ଅସଦାଚରଣ ପାଇଁ ହତ୍ୟାକାଣ୍ଡ: ଆସାମୀ ଗିରଫ



ମାଲକାନଗିରି,୩୦।୧୦(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ତୁମସାପାଲୀ ପଞ୍ଚାୟତର ଇରମାଗୁଡା କେନାଲରେ ଗତ ଦୁଇ ଦିନ ପୂର୍ବେ ଏକ ମୋଟର ସାଇକେଲ ସହ ଲଲେନ ମାଡି ନାମକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତାଙ୍କ ମୃତ୍ୟୁ ଘଟଣାର ପର୍ଦାଫାଶ କରିଛି ମାଲକାନଗିରି ପୋଲିସ। ତେବେ ନିଜ ବନ୍ଧୁଙ୍କ ପତ୍ନୀଙ୍କୁ ଅସଦାଚରଣ କରିବା ଘଟଣାକୁ ନେଇ ଲଲେନଙ୍କୁ ହତ୍ୟା କରାଯାଇଥିବା ବେଳେ ଏହି ଘଟଣାରେ ହତ୍ୟାକାରୀଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଲଲେନ ଓ ସୁକାନ୍ତ ପଡିଆମି ଉଭୟ ସାଙ୍ଗ ଥିବା ବେଳେ ଗତ ୨୭ ତାରିଖ ରାତିରେ ଲଲେନ, ସୁକାନ୍ତ ଏବଂ ଅନ୍ୟ ଜଣେ ସାଂଗ ତ୍ରିନାଥ ମିଶି ଇରମାଗୁଡାର ମିଟୁ ନାମକ ବ୍ୟକ୍ତିଙ୍କ ଘରେ ମଦ ପିଇଥିଲେ। ପରେ ରାତିରେ ତ୍ରିନାଥକୁ ଲଲେନ ଓ ସୁକାନ୍ତ ଘରେ ଛାଡିବା ପରେ ପୁଣି ଲଲେନ ଓ ସୁକାନ୍ତ ମିଶି ସୁକାନ୍ତଙ୍କ ଘରେ ପହଞ୍ଚି ଅତ୍ୟଧିକ ମଦ୍ୟ ପାନ କରିଥିଲେ। କିଛି ସମୟ ପରେ ଲଲେନ ଘରକୁ ଚାଲିଯାଇଥିଲେ। ତେବେ ସେହିଦିନ ବିଳମ୍ବିତ ରାତିରେ ଲଲେନ ମୋଟର ସାଇକେଲ ଯୋଗେ ସୁକାନ୍ତଙ୍କ ଘରକୁ ଆସି ତାଙ୍କ ପତ୍ନୀକୁ ଅସଦାଚରଣ କରୁଥିଲେ। ଏହି ସମୟରେ ଘର ମଧ୍ୟରେ କିଛି ସାମଗ୍ରୀ ପଡିବା ଓ ସ୍ତ୍ରୀଙ୍କ ପାଟି ଶୁଣି ସ୍ୱାମୀ ସୁକାନ୍ତ ନିଦ ଭାଙ୍ଗିବା ପରେ ସେ ତାଙ୍କ ସ୍ତ୍ରୀଙ୍କ ସହ ଲଲେନ ଅସଦାଚରଣ କରୁଥିବା ଦେଖିଥିଲେ, ତେବେ ସୁକାନ୍ତ ଆସୁଥିବା ଦେଖି ସେଠାରୁ ଲଲେନ ଦୌଡ଼ ଯାଇ ମୋଟର ସାଇକେଲରେ ପଳାଉଥିବା ବେଳେ ସୁକାନ୍ତ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିଲେ। ଏହାପରେ ତାଙ୍କ ମର ଶରୀର ଓ ମୋଟର ସାଇକେଲକୁ କେନାଲରେ ଫିଙ୍ଗି ଦେଇଥିଲା। ତେବେ ଏହାପର ଦିନ ଲଲେନଙ୍କ ମାମୁ ଲଲେନଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରି ଏହାର ପର୍ଦାଫାଶ କରିବା ସହ ହତ୍ୟାକାରୀ ସୁକାନ୍ତଙ୍କୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରିଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି।

## ସାଇବର ସୁରକ୍ଷା ସଚେତନତା ଅଭିଯାନ

ମୁନିଗୁଡ଼ା,୩୦।୧୦ (ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟ ପରିସରରେ ମୁନିଗୁଡ଼ା ପୋଲିସ ଆୟୋଜିତ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇବର ସୁରକ୍ଷା ସଚେତନତା ରଥ ମୁନିଗୁଡ଼ା ବଜାର ପରିକ୍ରମା କରି ମହାବିଦ୍ୟାଳୟ ପ୍ରବେଶ ପଥରେ ପହଞ୍ଚିଥିଲା। ସେଠାରେ ମହାବିଦ୍ୟାଳୟ ଦାୟିତ୍ୱରେ ଥିବା ଅତିରିକ୍ତ ଅଧକ୍ଷ ରଜନୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି ଏବଂ ଶତାଧିକ ଛାତ୍ରଛାତ୍ରୀ ସଚେତନ ରଥ ଏବଂ ଅତିଥି ମାନଙ୍କୁ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଭବ୍ୟ ସ୍ୱାଗତ କରି କଲେଜ ପରିସରକୁ ପାଛୋଟି ନେଇଥିଲେ। କଲେଜ ଅଡିଟୋରିୟମରେ ସାଇବର ସୁରକ୍ଷା ସଚେତନତାକୁ ନେଇ ଏକ ଆଲୋଚନା ଚକ୍ର ଅଧକ୍ଷ ଶ୍ରୀ ମିଶ୍ରଙ୍କ ସଭାପତିତ୍ୱ ଓ ସବ୍ ଇନ୍ସପେକ୍ଟର ବିକାଶ ଦେବନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ମୁନିଗୁଡ଼ାରେ ଅବସ୍ଥାପିତ ଉପ ଆରକ୍ଷୀ ଅଧିକ୍ଷକ ସନ୍ତୋଷିନୀ ଓରାମ, ମୁଖ୍ୟବକ୍ତା ଏହି ଅଭିଯାନର ଏକ୍ସପର୍ଟ ତଥା ଇନ୍ସପେକ୍ଟର ଅଭିନାଶ ରେ‡ୀ, ସମ୍ମାନିତ ଅତିଥିଭାବେ ମୁନିଗୁଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ସୌଦାମିନୀ ବେହେରା, ପ୍ରେସ କ୍ଲବ ସଭାପତି ରାଜୀବ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ରହି ସାଇବର ସଚେତନତା କାର୍ଯ୍ୟକ୍ରମ ଆଲୋଚନାର ଶୁଭାରମ୍ଭ କରିଥିଲେ। ଅତିଥିମାନେ ବର୍ତ୍ତମାନ ହେଉଥିବା ସାଇବର ଠକେଇ ଉପରେ ସଚେତନ କରିବାକୁ ଯାଇ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଓ ଟ୍ରେଡିଂ ଠକେଇ, ପାର୍ସଲ/କଷ୍ଟମ ଠକେଇ, ସେକ୍ସେଟୋର୍ସନ ଫାନ୍ଦ, ନକଲି ଋଣ, ତତ୍କାଳ କ୍ରେଡିଟ ଆପ୍, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରି ଓ ଘରୁ କାମ କରିବାର ଠକେଇ ଏବଂ ଇ-କମର୍ସ ରିଫଣ୍ଡ/ଅଫର୍ ଠକେଇ ଉପରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇବା ସହ ଭବିଷ୍ୟତ ପାଇଁ ସତର୍କ କରାଇଥିଲେ। ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ସହ ଏସଆଇ ଜୟଚିନ୍ଦ୍ ସାହୁ, ରବିନାରାୟଣ ସାହୁ, ଅଧ୍ୟାପକ ରମାକାନ୍ତ ଚିରୁଆନ, ଅସିତ କୁମାର ମହାନ୍ତି, ଅଧ୍ୟାପିକା ମୋନାଲିସା ମହାପାତ୍ର, ପ୍ରମିତା ଗୌଡ଼, ପ୍ରେସ କ୍ଲବ ଉପସଭାପତି ମନୋରଞ୍ଜନ ଦଳାଇ, ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ,ଧନୁ କୁଶୁଲିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ମୁନିଗୁଡ଼ା ପୋଲିସ, ସ୍ନାତକ ମହାବିଦ୍ୟାଳୟ କର୍ମଚାରୀ ଓ ପ୍ରେସ କ୍ଲବର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ସାଇବର ସୁରକ୍ଷା ଅଭିଯାନକୁ ନେଇ ମୁନିଗୁଡ଼ା ସହରରେ ଯୁବକ ମାନଙ୍କୁ ନେଇ ଏକ ସଚେତନତା ବାଇକ ଶୋଭାଯାତ୍ରା କରାଯାଇଥିଲା। ସନ୍ଧ୍ୟାରେ ତିନିକୋଣୀଆ ଛକ ନିକଟରେ ସାଇବର ସଚେତନତା ଉପରେ ପୋଲିସ ତରଫରୁ ଏକ ଷ୍ଟ୍ରିଟ୍ କର୍ଣ୍ଣର ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା କାଲି ସକାଳେ ଗଣଦୌଡ କାର୍ଯ୍ୟକ୍ରମ ହେବ ବୋଲି ଥାନାଧିକାରୀ ସୌଦାମିନୀ ବେହେରା କହିଛନ୍ତି।

## ମୁଖ୍ୟ ରାସ୍ତା ପାଲଟିଛି ଗୁଡ଼ାରୀ ବସ୍‌ଷ୍ଟାଣ୍ଡ

ଗୁଡାରୀ, ୩୦।୧୦ (ସମିସ): ଆଜକୁ ପ୍ରାୟ ଆଠବର୍ଷ ତଳେ ଉଦ୍‌ଘାଟନ କରାଯାଉଥିବା ବସଷ୍ଟାଣ୍ଡ ଆଜି ବି ଶୂନ୍‌ଶାନ। ଲକ୍ଷ୍ମୀବସ କିମ୍ବା ରାତ୍ର ରହଣୀ ବସ୍‌କୁ ଛାଡିଦେଲ ବାକି ସମସ୍ତ ବସ୍ ସହର ମୁଖ୍ୟ ରାସ୍ତାରେ ଅଟକୁଛି। ମୁଖ୍ୟରାସ୍ତା ପାଲଟିଛି ବସ୍‌ଷ୍ଟାଣ୍ଡ। କିଛି ମାସ ତଳେ ଗୁଡାରୀ ପରିଷଦର ଇଓ ପ୍ରସନ୍ନ ପାଢୀ ଏହି ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକ ଚିଠି କରିଥିଲେ। ସେହି ଚିଠିରେ ଉଲ୍ଲେଖ ଥିଲା, ସମସ୍ତ ବସ୍ ବସ୍‌ଷ୍ଟାଣ୍ଡ ଭିତରକୁ ଯାଇ ରହଣି କରିବ । ସେଠାରୁ ଯାତ୍ରୀ ନେଇ ଗନ୍ତବ୍ୟ ସ୍ଥଳକୁ ଯିବ । କିନ୍ତୁ ଏବେ ଯେଉଁ ପ୍ରକାରର ପରିସ୍ଥିତିରେ ବସ୍ ରହୁଛି, ସେହି ରାସ୍ତା ଦେଇ ଯାତାୟତ କରୁଥିବା ସାଧାରଣ ଲୋକ ପରିଷଦର ଦୁର୍ବଳତା ଉପରେ ଆଙ୍ଗୁଠି ଦେଖାଉଛନ୍ତି। ଦିନ ତମାମ ବସ ରାସ୍ତାରେ ରହଣି ନ କହିବା ଭଲ। କିନ୍ତୁ ଅପରାହ୍ନ ସମୟରେ ତିନି ଚାରୋଟି ବସର ରହଣି ସହ ସେହି ମୁଖ୍ୟ ରାସ୍ତାର ବସକୁ ବୁଲାଣି କରିବା ଦ୍ୱାରା ସ୍କୁଲ ଛାତ୍ରଛାତ୍ରୀ ସହ ଅନେକ ସରକାରୀ କର୍ମଚାରୀ ଫେରିବା ସମୟରେ ଅସୁବିଧାରେ ପଡୁଛନ୍ତି। ଏଥିପାଇଁ ଲୋକେ ପ୍ରଶାସନର ଅବହେଳାକୁ ଦାୟୀ କରୁଛନ୍ତି । କାରଣ ଯାତାୟତ ରାସ୍ତାକୁ ଅବୋରଧ କରି ରଖିବା, ଏହାକୁ ଦେଖି ପରିଷଦ ଏବଂ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଦୁର୍ଘଟଣାରେ କୌଣସି ସମୟରେ ଜୀବନ ହାନି ଘଟିବା ଆଶଙ୍କାକୁ ଏଡାଇ ଦେଇ ହେବ ନାହିଁ।



### ● ମଦରେ ବିଷ ମିଶାଇ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ

## ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

କୋରୁକୋଣ୍ଡା,୩୦।୧୦(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତୁମସାପାଲ୍ଲୀ ପଞ୍ଚାୟତ ଅଧିନସ୍ଥ ଏମଭି-୧୨ ଗ୍ରାମ ନିକଟସ୍ଥ କେନ୍ଦୁଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସେହି ଗ୍ରାମର ଦେବା ମାଡ଼କାମୀ-(୬୧) ଗତ ରାତିରେ ପରିବାର ଲୋକଙ୍କ ସହିତ ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ମୃତ ଦେବାଙ୍କ ପୁଅ ଭୀମା ମାଡ଼କାମୀ କୋରୁକୋଣ୍ଡା ଥାନାରେ ଏତଲା ପ୍ରଦାନ କରିଛନ୍ତି। ଭୀମା ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ବାପା ବୁଧବାର ସନ୍ଧ୍ୟାରେ ନିଜ ଘରେ ଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ପିଇବା ପାଇଁ ମଦ ଦେଇଥିଲେ। ମଦରେ ବିଷ ମିଶାଇ ବାପାଙ୍କୁ ହତ୍ୟା କରାଯାଇଛି ବୋଲି ପୁଅ ଭୀମା ଅଭିଯୋଗ କରିଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି କୋରୁକୋଣ୍ଡା ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର -୧୭୩/୨୦୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଥାନାଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ କେନ୍ଦୁଗୁଡା ଗ୍ରାମରେ ପହଞ୍ଚିଥିଲେ। ପୁଲିସ ଉପସ୍ଥିତିରେ ଏମଭି -୪୭ ଗ୍ରାମର ଡାକ୍ତର ଦେବାଙ୍କ ମୃତ୍ୟୁ ହୋଇଥିବା ନେଇ ଘୋଷଣା କରିଥିଲେ। ପୁଲିସ ଦେବାଙ୍କ ମୃତ ଶରୀରକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି। କୋରାପୁଟରୁ ଏକ ୩ ଜଣିଆ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ମାଲକାନଗିରି ଜିଲ୍ଲା ଚିକିତ୍ସାଳୟରେ ମୃତ ଦେବାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ପୋଷ୍ଟମଟମ ରିପୋର୍ଟ ଏବଂ ସାଇଣ୍ଟିଫିକ ଟିମର ତଦନ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣା ପଡିବ ବୋଲି କୋରୁକୋଣ୍ଡା ଥାନାଧିକାରୀ ଶ୍ରୀ ବାରିକ କହିଛନ୍ତି।

## ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ ଅଫ୍ ନର୍ସିଂର ଶପଥ ଗ୍ରହଣ



ରାୟଗଡ଼ା, ୩୦।୧୦(ସମିସ): ରାୟଗଡ଼ା ଉପକଣ୍ଠ ପିତାମହଲ ସ୍ଥିତ ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସ୍କୁଲ ଅଫ୍ ନର୍ସିଂ କ୍ୟାମ୍ପସରେ ତୃତୀୟ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ରାୟଗଡ଼ାର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ୟୁନିଭରସିଟି, ରାୟଗଡା କ୍ୟାମ୍ପସର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ରାଜେଶ କୁମାର ପାଢୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ନର୍ସିଂ ସ୍କୁଲର ପ୍ରିନ୍ସିପାଲ୍ ପ୍ରଫେସର ଡକ୍ଟର ଉର୍ମିଳା କାଟ୍ରୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି ନର୍ସିଂରେ ସମର୍ପଣ, ସାଧୁତା ଏବଂ ନୈତିକ ସେବାର ମୂଲ୍ୟବୋଧକୁ ବଜାୟ ରଖିବା ସହ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଯାତ୍ରାରେ ସହାନୁଭୂତି, ଶୃଙ୍ଖଳା ଏବଂ ଜୀବନବ୍ୟାପୀ ଶିକ୍ଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲା। ସମ୍ମାନିତ ଅତିଥି ଡକ୍ଟର ରାଜେଶ କୁମାର ପାଢ଼ୀ ସମାବେଶକୁ ସମ୍ବୋଧିତ କରିଥିଲେ। ମାନବତା ଏବଂ ସେବା ପାଇଁ ଉତ୍ସର୍ଗୀକୃତ କ୍ୟାରିୟର ଭାବରେ ନର୍ସିଂକୁ ବାଛିବା ପାଇଁ ଛାତ୍ରଛାତ୍ରୀଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ମୁଖ୍ୟ ଅତିଥି ଶ୍ରୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

## ବିଶ୍ୱ ମିତବ୍ୟୟିତା ଦିବସ ପାଳିତ




ରାୟଗଡ଼ା,୩୦।୧୦ (ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ବିଶ୍ୱ ମିତବ୍ୟୟୀତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶର ଅର୍ଥନୈତିକ ବିକାଶରେ ସ୍ୱଳ୍ପ ସଂଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଜନସାଧାରଣ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନାରେ ସେମାନଙ୍କର କଷ୍ଟଲବ୍ଧ ସମ୍ବଳକୁ ସୁବିନିଯୋଗ କରି ଦେଶର ପ୍ରଗତିରେ ସହାୟତା ହେବାକୁ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାୟଗଡ଼ା ଜିଲ୍ଲା ସ୍ୱଳ୍ପସଂଚୟ ଏବଂ ଆର୍ଥିକ ଅର୍ନ୍ତଭୁକ୍ତିକରଣ ଅଧିକାରୀ ମନୋଜ କୁମାର ନାହାକ ଦିବସର ମହତ୍ୱ ଏବଂ ତାତ୍ପର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଆକାଶ ରଞ୍ଜନ ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍‌ିତୀୟ ସ୍ଥାନ ସ୍ୱପ୍ନାଶ୍ରୀ ଶତପଥି ଓ ତୃତୀୟ ସ୍ଥାନ ଶୁଭଶ୍ରୀ ପଣ୍ଡା ଅଧିକାର କରିଥିଲେ। ଏହି ପ୍ରିତିଯୋଗିତାର ବିଷୟ " ନିୟମିତ ସଞ୍ଚୟର ଆବଶ୍ୟକତା ଓ ଅନ୍‌ଲାଇନ ଆର୍ଥିକ ଠକେଇ' ସମ୍ପର୍କିତ ସଚେତନତା ରହିଥିଲା। ଏହି ସଚେତନା ସଭାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଡାକ ଡିଭିଜନର ପୋଷ୍ଟମାଷ୍ଟର ତାରିଣୀ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ କୋଷାଧ୍ୟକ୍ଷ ଅଧିକାରୀ ପଙ୍କଜ କୁମାର ମଣ୍ଡଳଙ୍କ ସମେତ ସ୍ୱଳ୍ପ ସଂଚୟ ଏଜେଣ୍ଟ ଉପସ୍ଥିତ ରହିଥିଲେ।

## କାମଧେନୁ ସୁରଭି ଯଜ୍ଞରେ ଧ୍ୱଜା ପ୍ରତିଷ୍ଠା



ଗୁଣପୁର,୩୦।୧୦(ସମିସ): ସ୍ଥାନୀୟ ଜଲତାର ନୂଆଗାଁ ଶିବ ମନ୍ଦିର ନିକଟରେ ବିଶ୍ୱଶାନ୍ତି ପାଇଁ କାମଧେନୁ ସୁରଭୀ ଯଜ୍ଞ ଚାଲିଥିବା ବେଳେ ଆଜି ଧ୍ୱଜ ପ୍ରତିଷ୍ଠା ହୋଇଛି। ନିର୍ବାଣ ଟ୍ରଷ୍ଟ, ଅଖିଳ ଭାରତୀୟ ସନ୍ଥ ସମାଜ, ବିଶ୍ୱହିନ୍ଦୁ ପରିଷଦ, ଶବର ସମାଜର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଜି ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଯୋଗଦେଇ ଇନ୍ଦଧ୍ୱଜ ଓ ହନୁମାନ ଧ୍ୱଜ ପ୍ରତିଷ୍ଠା କରିଥିଲେ। ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ପ୍ରତେକ ଦିନ ୯ଟି ଦମ୍ପତି ପୂଜାରେ ବସୁଥିବା ବେଳେ ଆଜି ଗୋପାଷ୍ଟମୀ ଅବସରରେ ଗୋ-ପୂଜନ କରାଯାଇ ଗୋଶାଳା ଆରମ୍ଭ କରାଯାଇଛି। ଆସନ୍ତା ପୂର୍ଣ୍ଣିମା ଦିନ ଏଠାରେ ୧୦୮ ଟି ଶିବଲିଙ୍ଗ ପ୍ରତିଷ୍ଠା ହେବାର କାର୍ଯ୍ୟକ୍ରମ ରହିଛି। ସ୍ୱାମୀ ନିର୍ବାଣ ନନ୍ଦ ଗିରି, କାଶୀରୁ ଆସିଥିବା ଆଚାର୍ଯ୍ୟ, ଚନ୍ଦ୍ରମୌଳି ତିୱାରୀ, ବ୍ରହ୍ମ ଯୋଗେଶ ତ୍ରିପାଠୀ, ନବୀନ ରଥ, ପ୍ରକାଶ ରଥ ପ୍ରମୁଖ ପୂଜା ଦାୟିତ୍ୱରେ ଥିଲେ। ଆଜି ଅଜିତ ପଣ୍ଡା, ମୁନା ପାଢି, ବିଷ୍ଣୁ ରଥ, ବସନ୍ତ ମିଶ୍ର, ପ୍ରଦୀପ ବାହିନୀପତି, ଶିବରାମ ବେହେରା ଦମ୍ପତି ପ୍ରମୁଖ ପୂଜାରେ ବସିଥିଲେ।

# ମାଦକ ଦ୍ରବ୍ୟ ଚାଷ ଓ ଚୋରାଚାଲାଣ ରୋକିବାକୁ ବୈଠକ



▶ ପ୍ରତିବର୍ଷ ବସୁଛି ବୈଠକ
▶ ବନ୍ଦହେଉନି ଚୋରାଚାଲାଣ

ରାୟଗଡା,୩୦।୧୦(ସମିସ): ରାୟଗଡ଼ା ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଚାଷ ଓ ଚୋରା ଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ରାୟଗଡା ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ଓସ୍ୱାନ ସଭାଗୃହରେ ଏକ ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ଉପଜିଲ୍ଲାପାଳ ଗୁଣୁପୁର ଦୁଧାଲ ଅଭିଶେଖ ଦିଲ୍ଲୀପ ଆୱାସି ମାଧ୍ୟମରେ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିଶେଷ କରି ଜିଲ୍ଲାରେ ମାଦକ ନିଶା ଦ୍ରବ୍ୟ ଗଂଜେଇ ଅବାଧ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ଓ ଚୋରା ଚାଲାଣ ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ କରିବା ,ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କରେ ନିବାରଣ ଉପରେ ସଚେତନତାକୁ ପ୍ରୋତ୍ସାହନ କରିବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଂଚଳ ମାନଙ୍କରେ ନିଶା ଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି କରିବା, ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା ଏବଂ ସରକାରଙ୍କ ତରଫରୁ ଅନ୍ୟ ଚାଷ ଓ ଜୀବିକା କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା। କୃଷି ବିଭାଗ, ଉଦ୍ୟାନ ବିଭାଗ ତରଫରୁ ଗଞ୍ଜେଇ ଚାଷ ବଦଳରେ ସେହି ଅଞ୍ଚଳର ଲୋକଙ୍କୁ ଫଳ, ମସଲା ଓ ଅନ୍ୟ ଅର୍ଥକାରୀ ଫସଲ ଚାଷ ପାଇଁ ପ୍ରବର୍ତ୍ତାଇବା ଓ ମଞ୍ଜି ଯୋଗାଇବା ଉପରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଗୁରୁତ୍ୱ ଦେଇଥିଲେ। ଅବକାରୀ ବିଭାଗକୁ ସକ୍ରୀୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଗଞ୍ଜେଇ ଭଳି ନିଶା ଦ୍ରବ୍ୟ ଚୋରା ଚାଲାଣ ବୃଦ୍ଧି ପାଇଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ ଜାରି ରହିଥିଲେ ମଧ୍ୟ ଏହାକୁ ରୋକିବାରେ ସମ୍ପୂର୍ଣ୍ଣ ସଫଳତା ଏ ଯାଏଁ ମିଳିପାରିନାହିଁ । ଫଳରେ ଜିଲ୍ଲା ପ୍ରଶାସନ ତରଫରୁ ଅନେକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇ ଥିଲେ ମଧ୍ୟ ଫଳାଫଳ ଶୂନ୍ ଏବଂ ଏହା ବନ୍ଦ ହେବାର ନା ଧରୁନି ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ସାହୁ, ଜିଲ୍ଲା କୃଷି ଅଧିକାରୀ ଓ ଅନ୍ୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଜଟିଆଗୁଡା କେନାଲରେ ଡଙ୍ଗା ଚଳାଚଳ ବନ୍ଦ

# ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା, ପ୍ରଶାସନ ନିରବ

ପୋଡ଼ାଗଡ଼, ୩୦।୧୦(ସମିସ):



କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆର ଶୁଣି ପଞ୍ଚାୟତ ଅଧିନସ୍ଥ ଜଟିଆଗୁଡା ଗାଁ ନିକଟସ୍ଥ ମୁରାନ ଡ୍ୟାମ କେନାଲରେ ଜଳସ୍ତର ବୃଦ୍ଧି ପାଇ ଥିବାରୁ ଆଜକୁ ୨୮ ଦିନ ହେଲାଣି ରଶି ଟଣା ଡଙ୍ଗା ଚଳାଚଳ ଠପ୍ ହୋଇ ଯାଇଛି। ଏଥିରେ ପଞ୍ଚାୟତର ୨୪ ଖଣ୍ଡ ଗ୍ରାମବାସୀ ସମେତ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକ ମାନେ ପ୍ରଭାବିତ ହୋଇଛନ୍ତି। ଯାତାୟତ ବିକଳ୍ପ ନ ପାଇ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି, ଜରୁରୀକାଳୀନ ଭାବେ ଯାତାୟତ ପାଇଁ ଅନ୍ୟ ଏକ ଡଙ୍ଗା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଡଙ୍ଗା ଯୋଗାଇ ନ ଦେଲେ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଅଗଣାରେ ଧାରଣାରେ ବସିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସୂଚନା ମୁତାବକ ସ୍ଥାନୀୟ ସରପଞ୍ଚ ଭୁବନ ଜାନୀଙ୍କ ସମେତ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଗତ ୨୦୧୮ରେ ମସିହାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତବାସୀ ଡଙ୍ଗାରେ ଯାତାୟତ ପାଇଁ ଏକ କାତମରା ଡଙ୍ଗା ଯୋଗାଇ ଦେଇଥିଲେ। ସେଥିରେ ନିରାପଦ ଭାବେ ଲୋକେ ଯାତାୟତ କରୁଥିଲେ। ସେହି ଡଙ୍ଗା ପୁରୁଣା ହେବାରୁ କଣା ହୋଇ ପାଣି ଗଳୁ ଥିଲା। ସେହି ଦଦରା ଡଙ୍ଗାକୁ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଗଲା। ଅନ୍ୟ ଏକ ରଶି ଟଣା ଡଙ୍ଗା ଯୋଗାଇ ଦେଲେ। କେନାଲରେ ପାଣି କମ୍ ଥିବାରୁ ରଶି ଟଣା ଡଙ୍ଗା ରେ ଲୋକ କଷ୍ଟେ ମଷ୍ଟେ ଯିବା ଆସିବା କରୁଥିଲେ। ହେଲେ ଗତ ଅକ୍ଟୋବର ୨ ତାରିଖରେ ହୋଇଥିବା ଲଘୁଚାପ ବର୍ଷା ଦ୍ୱାରା କେନାଲରେ ଜଳସ୍ତର ବୃଦ୍ଧି ପାଇଲା। ଆଉ ରଶି ଟାଣି ଯିବା ଆସିବା କରିବାକୁ ସମ୍ଭବ ହେଉନାହିଁ। ସେହି ଦିନ ଠାରୁ ପଞ୍ଚାୟତବାସୀଙ୍କ ଯାତାୟତ ଠପ୍ ହୋଇଯାଇଛି। ହାଟ ବଜାର ଠାରୁ ଆରମ୍ଭ କରି, ପଞ୍ଚାୟତ କାର୍ଯ୍ୟାଳୟ, ଡାକ୍ତରଖାନା, କାଠୋରଗଡା ବ୍ୟାଙ୍କକୁ ଯିବା ଲାଗି ପଞ୍ଚାୟତ ଆର ପାରିରେ ଥିବା ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଏଥିରେ ବହୁତ ପ୍ରଭାବିତ ହେଉଥିବା, ଜଟିଆ ଗୁଡା, ଢେପଗୁଡା, କଷା କେନ୍ଦୁ, ମୁଣ୍ଡିଗୁଡା, ବେନ୍ଦଲା ପ୍ରଭୃତି ଗାଁ ଲୋକ ପ୍ରକାଶ କରିଛନ୍ତି।

● ଆଦର୍ଶ ସରପଞ୍ଚ ସମ୍ମାନ ପ୍ରଦାନ ନାଁରେ ଠକେଇ

# ସରପଞ୍ଚଙ୍କ ଠାରୁ ଲକ୍ଷାଧିକ ଟଙ୍କା ହଡ଼ପ



ନନ୍ଦପୁର,୩୦।୧୦ (ସମିସ): ସରକାର ସାଇବର ସୁରକ୍ଷା ସଚେତନତା ସପ୍ତାହ ପାଳନ ସହ ସଚେତନତା ପରେ ସଚେତନତା କରି ଚାଲିଥିବା ବେଳେ ଠକେଇର ଶିକାରର ତାଲିକା ବଢ଼ିଚାଲିଛି । କେଉଁ ନା କେଉଁ ମାଧ୍ୟମରେ ଲୋକେ ଠକେଇର ଶିକାର ହେଉଛନ୍ତି । ଏପରି ଏକ ଠକେଇର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇ ବସିଛନ୍ତି ନନ୍ଦପୁର ବ୍ଲକ ଅନ୍ତର୍ଗତ ବିଲାପୁଟ ଗ୍ରାମ ପଞ୍ଚାୟତର ସରପଞ୍ଚ ରାଜକିଶୋର ଲେନ୍ଦୁରୁ । ସମ୍ମାନ ଓ ଉପାଧି ସହ ଟଙ୍କା ଆକାରରେ ପୁରସ୍କାର ରାଶି ପାଇବା ପ୍ରଲୋଭନର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇଛନ୍ତି। ମିଳିଥିବା ଖବର ଅନୁସାରେ, ଦୁଇ ମାସ ପୂର୍ବରୁ ଜଣେ ଅଜଣା ବ୍ୟକ୍ତି ଯିଏ ନିଜକୁ ସ୍ମୃତିରଞ୍ଜନ ଡାକୁଆ ଭାବରେ ପରିଚୟ ଦେଇଥିଲେ, ସେ ରାଜକିଶୋରଙ୍କୁ ନିଜ ଜାଲରେ ଫସାଇ ନେଇଥିଲେ। ସରକାରଙ୍କ ପକ୍ଷରୁ 'ଆଦର୍ଶ ସରପଞ୍ଚ ସମ୍ମାନ' ଦେଇ ସମ୍ମାନିତ କରାଇଦେବେ ବୋଲି ମିଥ୍ୟା ଆଶ୍ୱାସନା ଦେଇଥିଲେ। ଏହି ଆଶ୍ୱାସନାରେ ବିଶ୍ୱାସ କରି, ରାଜକିଶୋର ବାବୁ ତାଙ୍କୁ ବାରି ବାରି ଲକ୍ଷାଧିକ ଟଙ୍କା ଦେଇଥିଲେ। ସନ୍ଦିଗ୍ଧ ଜଣକ ତାଙ୍କୁ ଜଣାଇଥିଲେ ଯେ, ସରକାରଙ୍କ ପକ୍ଷରୁ ତାଙ୍କୁ ତିନି ଲକ୍ଷରୁ ଅଧିକ ଅନୁକମ୍ପା ରାଶି ମିଳିବ। ସେଥିପାଇଁ ପ୍ରୋସେସିଂ ଖର୍ଚ୍ଚ ବାବଦରେ ଏକାଧିକ ପର୍ଯ୍ୟାୟରେ ଟଙ୍କା ଦେବାକୁ ପଡ଼ିବ। ଅବଶେଷରେ, ରାଜକିଶୋର ବାବୁ ସେଥିରେ ସନ୍ଦେହ କରି ମାଛକୁଣ୍ଡ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ଗ୍ରହଣ କରି ଅନୁସନ୍ଧାନ ଆରମ୍ଭ କରିଛି।

# ସାଇବର ସୁରକ୍ଷା ସଚେତନତା ଅଭିଯାନ




ସେମିଳିଗୁଡ଼ା,୩୦।୧୦ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା। ଅନ୍ୟତମ ଅତିଥି ଭାବରେ ସେମିଳିଗୁଡା ପୋଲିସ ଥାନା ଅଧିକାରୀ ଅନିତା କୁଜୁର ଉପସ୍ଥିତ ଥିଲେ। ଏହି ଅବସରରେ ଏସଡିପିଓ ସୁମିତ୍ରା ଜେନା କୋରାପୁଟ ପୋଲିସ ଦ୍ୱାରା ପ୍ରସ୍ତୁତ ଏକ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ପ୍ରଦର୍ଶନ କରିଥିଲେ। ଯାହାକି ବର୍ତ୍ତମାନ ସମୟରେ ବୃଦ୍ଧିପାଉଥିବା ବିଭିନ୍ନ ପ୍ରକାରର ସାଇବର ଠକାମି ଏବଂ ସେଗୁଡିକରୁ କିପରି ସୁରକ୍ଷିତ ରହିବେ, ତାହା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମଟିରେ ସେମିଳିଗୁଡା ମହାବିଦ୍ୟାଳୟର ଅଧ୍ୟକ୍ଷା ଝାନ୍ସୀ ସିଂହ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମଟି ରୋଭର ଲିଡର ଶ୍ରୀ ନିରଞ୍ଜନ ପୋଡ଼ ଏବଂ ରେଞ୍ଜର ୟୁନିଟ୍ ଲିଡର ଶ୍ରୀମତୀ ରତ୍ନମଣି କହ୍ନରଙ୍କ ଦ୍ୱାରା ସକ୍ରିୟ ଭାବରେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ଏକ ସାଇବର ସୁରକ୍ଷା ଉପଲକ୍ଷେ ବିତର୍କ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ଶୁଭଙ୍କର ଓ ହର୍ଷିତା ଜିଲ୍ଲା ସ୍ତର ପାଇଁ ଚୟନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ ଡ. ଗୀତା ପଟ୍ଟନାୟକ,ଡ. ଶୁଭ୍ରାଂଶୁ ସୁନ୍ଦର ଦାସ, ଶ୍ରୀ ଦେବରାଜ ନାୟକ, ଶ୍ରୀ ଶିବାଶିଷ ପଟ୍ଟନାୟକ। ଉଲ୍ଲେଖଯୋଗ୍ୟ, ଯେ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ମଧ୍ୟରେ ରୋନାଲି ନାୟକ, ସୁରେଶ କୁମାର ପାଇକରାୟ, ଜ୍ୟୋସ୍ନା ଦାସ, ଡ. ରମେଶ ମଲ୍ଲିକ, ପ୍ରେମାନନ୍ଦ ରାଉତ, ହରେକୃଷ୍ଣ ସାହୁ, ଡ. ପ୍ରିତୀଶ ବେହେରା, ଚିତ୍ତ ରଂଜନ ଦାସ, ରବି ମିଶ୍ର,ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକ, ସୁମିତ୍ରା ଗିରି, ଦୀଗେଶ୍ୱରୀ ଶିଖା, ସଙ୍ଗୀତ ପଣ୍ଡା ଏବଂ ବିଶାଳ ନାୟକ ଆଦି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷାଙ୍କୁ ଅହିଂସା ବିଚାର ସମ୍ମାନ ପାଇଁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାତ୍ୟା ପ୍ରଭାବରେ ବର୍ଷା

# ଘର ଭୁଶୁଡ଼ିଲା, ଅଳ୍ପକେ ବର୍ତ୍ତିଲେ ୮ ଜଣ



କଲ୍ୟାଣସିଂହପୁର,୩୦।୧୦(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଗୁଣ୍ଡୁରୀ ଗୁଡା ଗ୍ରାମରେ ବାତ୍ୟା 'ମୋନ୍ଥା' ଯୋଗୁଁ ଲଗାଣ ବର୍ଷା ଓ ତୁହାକୁ ତୁହା ପବନ ପ୍ରଭାବରେ ଘର ଭୁଶୁଡ଼ି ପଡିଛି। ଅଳ୍ପକେ ବର୍ତ୍ତିଲେ ୮ଜଣ। ସେମାନେ ହେଲେ ହିକକା ନାରୀ, ଲାକି, ପୁଅ ସୀତାରାମ, ବାଙ୍ଗାରି ବିଭୁ, ଧନସିଂ, କୁନା, ଲିପା। ଗୁଣ୍ଡୁରୀ ଗୁଡା ଗ୍ରାମରେ ହିକକା ନାରିଙ୍କ ଘର। ବିଳମ୍ବିତ ରାତିରେ ଘଟଣାଟି ଘଟିଥିଲେ ମଧ ପ୍ରଶାସନ ପହଞ୍ଚି ନାହିଁ। ଖବର ସଂଗ୍ରହରୁ ଜଣାପଡିଛି ଯେ ଉକ୍ତ ପରିବାରର ୮ଜଣ ରହି ଆସୁଛନ୍ତି । ଏମାନେ ରାତିରେ ଶୋଇଥିଲେ। ହଠାତ ଶବ୍ଦ ଶୁଭିବାରୁ ନାରୀ ଉଠିକି ଦେଖିବାବେଳେ କାନ୍ଥଟି ଭୁଷୁଡିବା ଆରମ୍ଭ କରିଥିଲଶ। ସେ ପାଟି କରିବାରୁ ଗ୍ରାମବାସୀ ପାଟିଶୁଣ ଧାଇଁ ଆସି ଦେଖିବାବେଳେ କାନ୍ଥ ଭୂଷୁଡୁଥିବା ଦେଖି ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ଉଦ୍ଧାର କରି ଘରୁ ବାହାର କରିଥିଲେ। ଭାଗ୍ୟବଶତଃ ୮ ପ୍ରାଣୀ ଏତେବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଘରେ ଛୋଟ ଛୋଟ ଶିଶୁ ରହିଥିଲେ। ଏହି ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବି ହେଉଛି। ସେହିଭଳି ସୁନାଖଣ୍ଡ ପଞ୍ଚାୟତର ଗୌଡସାହିରେ ଜଣଙ୍କ ଘର ପଡିଥିବା ଜଣା ପଡିଛି। ଖବର ନେବା ପର୍ଯ୍ୟନ୍ତ ପ୍ରଶାସନ ପହଞ୍ଚି ନଥିବା ଦେଖିବାକୁ ମିଳିଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

କୋଷାଗୁମୁଡା,୩୦।୧୦(ସମିସ): ଜୟପୁରରୁ ନିଜ ଗାଁ କୁ ଫେରିବା ସମୟରେ କୋଷାଗୁମୁଡା ଥାନା ଅନ୍ତର୍ଗତ ପାଇଦାପାଲି ଗ୍ରାମ ନିକଟରେ ଆଜି ସନ୍ଧ୍ୟା ୭ଟା ରେ ଏକ ପିକ୍ ଅପ୍ ଭ୍ୟାନ ଦ୍ରୁତ ଗତିରେ ଆସି ବାଇକ୍ ଚାଳକକୁ ଧକ୍କା ଦେଇଥିଲା। ସେହି ସମୟରେ ରାସ୍ତାରେ ଯାଉଥିବା ଆମ କୋଷାଗୁମୁଡା ସାମ୍ବାଦିକ ଓ କିଛି ଲୋକଙ୍କ ସାହାଯ୍ୟରେ ଏମ୍ବୁଲାନ୍ସରେ ଆଣି କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବାଇକ ଚାଳକ ଯୁବକ ଛତିଶଗଡ଼ ରାଜ୍ୟର ବସ୍ତର ଜିଲ୍ଲାର ଓଡିଆପାଲି ଗ୍ରାମର ରାଜେନ୍ଦ୍ର ନାଗ(୨୦) ବୋଲି ଜଣାପଡ଼ିଛି। ଯୁବକର ଡାହାଣ ଗୋଡ଼ ଭାଙ୍ଗି ଥିବା ବେଳେ ଛାତିରେ ମାଡ଼ ହୋଇଥିବା ଡାକ୍ତର କହିଛନ୍ତି। ଅଜଣା ପିକ୍‌ଅପ୍ ନାମରେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ବାଇକ୍ ଚାଳକ ଓ ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।

# ଗୋ-ପୂଜନ କାର୍ଯ୍ୟକ୍ରମ

ଉମରକୋଟ ୩୦।୧୦(ସମିସ): ଗୋ-ସମ୍ପଦ ବିକାଶ ପ୍ରତିଷ୍ଠାନ ତରଫରୁ ମହିମା ଅଲେଖ ଗୋ ଧାମ, ଏକମ୍ବା ଠାରେ ଗୋ-ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅଁଳା ନବମୀ ପୂର୍ବଦିନ ଗୋପାଷ୍ଟାମୀ ଭାବେ ପାଳନ କରାଯାଏ ଏବଂ ଗୋମାତାଙ୍କୁ ପୂଜା କରିବାର ପରମ୍ପରା ରହିଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଗୋମାତାଙ୍କୁ ମହା ଆଡମ୍ବର ସହକାରେ ପୂଜା କରାଯାଇଛି। ପ୍ରଥମେ ଗୋମାତାଙ୍କୁ ହଳଦୀ ପାଣିରେ ଗାଧୋଇବା ସହ ଚୁଡା, ଗୁଡ,ପାଚିଲା ଫଳ ଇତ୍ୟାଦି ଖାଇବାକୁ ଦିଆଯାଇଥିଲା । ପୂଜକ ପେଣ୍ଡରା ମିଶ୍ର ମନ୍ତ୍ର ଉଚ୍ଚାରଣ କରିଥିଲେ । ଗୋମାତାଙ୍କୁ ଆଳତି କରାଯାଇଥିଲା। ପ୍ରଥମେ ଏକ ବୈଠକର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ମନୋଜ କୁମାର ଶର୍ମା, ସମ୍ପାଦକ ଭାସ୍କର ପାତ୍ର, ସେବା ପ୍ରମୁଖ ରମେଶ ଦୋରା, ବ୍ୟବସ୍ଥା ପ୍ରମୁଖ ସଞ୍ଜୟ ପାତ୍ର, ନୂତନ ଭାରତ ସଂଗଠନର ସୌମେନ୍ଦ୍ର କୁମାର ଦାସ, ଗୁରୁ ଚରଣ ସ୍ୱାଇଁ, ଅଶୋକ ପାତ୍ର ଏବଂ ଏକମ୍ବା ଗ୍ରାମର ସାଲିକ ରାମଗଣ୍ଡ, ସୌମ୍ୟ ଭାଇ, ମିଟୁ ପାତ୍ର, ରମେଶ ଦୋରା, ସନ୍ତୋଷ ଜେନା, ମୁକେଶ ଆଗ୍ରୱାଲ ଓ ଅନେକ ଗୋଭକ୍ତ ଏଥିରେ ଅଂଶ ଗ୍ରହଣ କରିଥିଲେ। ଉପ ସଭାପତି ସୁନିଲ କୁମାର ବେହେରା ଓ ମନୋହର ମଣ୍ଡଳ ଓ ଅନ୍ୟମାନେ ଏହାର ସୁପରିଚାଳନା ଓ ସହଯୋଗ କରିଥିଲେ।

# ବିଶ୍ୱ ମିତବ୍ୟୟିତା ଦିବସ ପାଳିତ



କୋରାପୁଟ,୩୦।୧୦(ସମିସ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଟଙ୍କା ସଞ୍ଚୟ କରିବା ହେଉଛି ଏକ ଶିକ୍ଷା, ଯାହାକୁ ଆମେ ପିଲା ଦିନରୁ ମାତା ପିତାଙ୍କଠାରୁ ଶିଖିଥିଲୁ। ଅବଶ୍ୟ ଏହା ଆମ ଜୀବନର ଶେଷ ପର୍ଯ୍ୟାୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କାରଣ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଟଙ୍କା ସଞ୍ଚୟ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ ଶ୍ରୀ ନାୟକ। ଲିଡ ବ୍ୟାଙ୍କ ମେନେଜର ଦେବେନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦେଶର ବିକାଶରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅର୍ଥ ସଞ୍ଚୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମତ ରଖିଥିଲେ। ସାରା ବିଶ୍ୱରେ ସଞ୍ଚୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରା ଯାଉଛି। ବାଲ୍ୟ କାଳରୁ ପିଲା ଟଙ୍କା ସଞ୍ଚୟ କରିବାର ଆବଶ୍ୟକତା ରହିଛି। ସରକାର ଏନେଇ ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି ଯାହା ଫଳରେ ପରବର୍ତ୍ତୀ ସମୟରେ ପାଠପଢ଼ା ଆର୍ଥିକ ସମସ୍ୟା ରହିବ ନାହିଁ କହିଥିଲେ। ସାଇବର ଥାନା ଅଧିକାରୀ ଡିଏସପି ଭବାନୀ ପ୍ରଧାନ ସଞ୍ଚୟ ଟଙ୍କା କିଭଳି ସୁରକ୍ଷିତ ରଖିବେ ସେନେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସଂଗଠନ, ଛାତ୍ରଛାତ୍ରୀ ମାନଙ୍କୁ ସଞ୍ଚୟର ମହତ୍ତ୍ୱ ବିଷୟରେ ବୁଝାଇବା ସହ ସଞ୍ଚୟ କରିଥିବାରୁ ସେମାନଙ୍କୁ ସମ୍ମାନିତ କରା ଯାଇଥିଲା। ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଦେଶୀ ମଦ ଜବତ: ୩ ଗିରଫ

କୋରାପୁଟ,୩୦।୧୦(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀ ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ସ୍ଥାନରେ ଚଢଉ କରି ୧୯ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ବେଆଇନ ମଦ ବିକ୍ରୀ ଅଭିଯୋଗରେ ଜଣେ ମହିଳାଙ୍କ ସମେତ ତିନିଜଣଙ୍କୁ ଗିରଫ କରିଛନ୍ତି। ଅବକାରୀ ଟିମ ସୁନାବେଡ଼ା ଥାନା ଅନ୍ତର୍ଗତ ଟିକାପାର ଓ ସେମିଳିଗୁଡ଼ା ଥାନା ଅନ୍ତର୍ଗତ ରାଜନାଗୁଡ଼ା ଗ୍ରାମରେ ଚଢ଼ଉ କରିଥିଲେ। ଟିକାପାର୍ ଗ୍ରାମରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଗୁରୁରାମ ଚପାଡି ଏବଂ ଗୁରୁବାରି ପାମିଆକୁ ଗିରଫ କରିବା ସହ ଉଭୟଙ୍କ ନିକଟରୁ ଯଥାକ୍ରମେ ୮ ଲିଟର ଓ ୫ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ରାଜନାଗୁଡ଼ାରେ ଚଢଉ କରି ସବୁକୁ ଇରାୟା ନାମକ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୬ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲେ। ଅଭିଯୁକ୍ତ ମାନଙ୍କ ବିରୋଧରେ ମାମଲା ରୁଜୁ କରି ସମସ୍ତଙ୍କୁ ସେମିଳିଗୁଡା ଜେଏମ୍‌ଏଫସି କୋର୍ଟ ଚାଲାଣ କରା ଯାଇଥିବା ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସଦର ଅବକାରୀ ଓଆଇସି ଜଗବନ୍ଧୁ ଜାନି, ଏଏସଆଇ ଏଲିଜା ବିଶୋଇ ଓ ଅନ୍ୟମାନେ ଚଢ଼ଉରେ ସାମିଲ ହୋଇଥିଲେ।

# ଗୁଟ୍‌ଖା, ଧୂମ୍ରପାନ ସାମଗ୍ରୀ ଜବତ

ଜୟପୁର ,୩୦ ।୧୦(ସମିସ): ଜୟପୁର ପୌରସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ପକ୍ଷରୁ ଏକ ମିଳିତ ଭାବେ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ ଚିକିତ୍ସାଳୟ, ସରକାରୀ ଓ ଘରୋଇ ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡିକର ୧୦୦ ମିଟର ଦୂରତା ମଧ୍ୟରେ ବିଭିନ୍ନ ଦୋକାନରେ



ବିକ୍ରି ହେଉଥିବା, ଗୁଟ୍‌ଖା, ସିଗାରେଟ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଉପରେ ଚଢ଼ଉ କରାଯାଇଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସହରର ଜିଲ୍ଲା ଚିକିତ୍ସାଳୟ, ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଘରୋଇ ଜୁନିୟର ମହାବିଦ୍ୟାଳୟର ନିକଟରେ ରହିଥିବା ଉପରୋକ୍ତ ସାମଗ୍ରୀ ବିକ୍ରି ହେଉଥିବା କେନ୍ଦ୍ର ଉପରେ ଚଢ଼ଉ କରାଯାଇଥିଲା। ସମୁଦାୟ ୧୪ଟି ଦୋକାନ ଉପରେ ଚଢ଼ଉ କରାଯାଇ ଗୁଟ୍‌ଖା, ସିଗାରେଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥଲା। ୩ ହଜାର ୮ ଶହ ଟଙ୍କା ଜରିମାନା ବାବଦକୁ ପୌରସଂସ୍ଥା ପକ୍ଷରୁ ଆଦାୟ କରାଯାଇଛି। ଏଥିରେ କୋରାପୁଟ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ଜଣେ ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବସାଇ ସ୍ୱରୁପଙ୍କ ନେତୃତ୍ୱରେ ଜୟପୁର ପୌରସଂସ୍ଥା ସ୍ୱାସ୍ଥ୍ୟ ଓ ପରିମଳ ନିରୀକ୍ଷକ ଭୁବନୀ ହାଲବା , କର୍ମଚାରୀ ଏବଂ ଟାଉନ୍ ଥାନା ପୁଲିସ ଉପସ୍ଥିତ ରହିଥିଲେ।

# ୬ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ

**କାଲିମେଳା,୩୦।୧୦(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ.ପି.ଭି-୩୧ ଗ୍ରାମ ନିକଟରେ ୬ କେଜି ଗଞ୍ଜେଇ ଜବତ କରିଛି କାଲିମେଳା ପୁଲିସ। କାଲିମେଳା ପୋଲିସ ଦିନରେ ପାଟ୍ରୋଲିଂ କରୁଥିବା ସମୟରେ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏମ.ପି.ଭି-୩୧ ଗ୍ରାମ ନିକଟରେ ଦୁଇ ଯୁବକଙ୍କୁ ସନ୍ଦେହ ଜଣକ ଭାବେ ଯାଞ୍ଚ କରିବାରୁ ସେମାନଙ୍କ ଠାରୁ ୬ କେଜି ଗଞ୍ଜେଇ ଠାବ କରିଥିଲେ। ଏକ ଏୟାର ବ୍ୟାଗରେ ଲୁଚାଇ ବେଆଇନ ଭାବରେ ଗଞ୍ଜେଇକୁ ଆନ୍ଧ୍ରକୁ ପରିବହନ କରୁଥିବା ସମୟରେ କାଲିମେଳା ପୋଲିସ ଉକ୍ତ ଗଞ୍ଜେଇ ଜବତ କରିବା ସହ ୨୫୮/୨୫ ରେ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ହୋଇଥିବା ୨ ଅଭିଯୁକ୍ତ ତାଡିପାମୁଲା ଭାମସି ଓ ରାଚରଲା ଭାମସି । ଉଭୟ ଜାଗିଟିଆଲ ଜିଲ୍ଲାର ହୋଇଥିବା ବେଳେ ତାଙ୍କ ଠାରୁ ଗୋଟିଏ ମୋବାଇଲ୍ ଫୋନ୍ ,ଦୁଇଟି ଆଧାର କାର୍ଡ ,ଦୁଇଟି ପାନ କାର୍ଡ ଏବଂ ନଗଦ ୬୦୦୦ ଟଙ୍କା ଜବତ କରିଥିବା କାଲିମେଳା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

## ସାମ୍ବାଦିକ ନାଁରେ ଅର୍ଥ ଆଦାୟ; ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ନନ୍ଦପୁର,୩୦।୧୦(ସମିସ): ସାମ୍ବାଦିକତା ଆଳରେ ଚାଲିଛି ଅର୍ଥ ଆଦାୟ। ନନ୍ଦପୁର ବ୍ଲକ୍‌ର ଶିମିଳିଗୁଡା ଓ ପଟାଙ୍ଗୀ ଅଞ୍ଚଳ ବହୁ ୟୁଟ୍ୟୁବର ନିଜକୁ ସାମ୍ବାଦିକ କହି ବ୍ୟବସାୟ ଅନୁଷ୍ଠାନ, ଶିକ୍ଷା ଅନୁଷ୍ଠାନରେ ନିଜ ନିଜର ଖାତିରି ଦେଖାଇ ଅର୍ଥ ଆଦାୟ କରୁଛନ୍ତି। ନିଜକୁ ପ୍ରଭାବଶାଳୀ ଜିଲ୍ଲାସ୍ତରୀୟ ସାମ୍ବାଦିକ କହି ନନ୍ଦପୁର ଅଞ୍ଚଳର ପ୍ରକୃତ ସାମ୍ବାଦିକଙ୍କ ବିରୋଧରେ କହି ଟଙ୍କା ଆଦାୟ କରୁଛନ୍ତି । ଏହିପରି ସଙ୍ଗୀନ ଅଭିଯୋଗ ନନ୍ଦପୁର ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ବ୍ୟବସାୟୀ ଅନୁଷ୍ଠାନ ମାନଙ୍କ ଠାରୁ ଆସିଛି। ସାମ୍ବାଦିକ ଭଳି ଏକ ପବିତ୍ର ବୃତ୍ତି ଢ଼ାଲରେ ଅଧିକାରୀଙ୍କୁ ଡରାଇ ଧମକାଇ ଅର୍ଥ ଆଦାୟ କରିବା ସହ ସାମ୍ବାଦିକ ବୃତ୍ତିକୁ ବଦନାମ କରାଯାଉଛି। ଏଭଳି ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ସାହିତ୍ୟିକ ଡ.ସୁରେଶ ଦାଶଙ୍କ ହୃଦ୍‌ଘାତରେ ପରଲୋକ



ଜୟପୁର,୩୦ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ବିଶିଷ୍ଟ ବୁଦ୍ଧିଜୀବି, ସୁସଂଗଠିକ, ସାହିତ୍ୟିକ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଡ. ସୁରେଶ ଚନ୍ଦ୍ର ଦାଶଙ୍କର ହୃଦଘାତରେ ବିଶାଖପାଟଣାସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ୨୬ ତାରିଖରେ ରାୟଗଡାକୁ କୌଣସି କାର୍ଯ୍ୟରେ ଯାଇଥିବା ବେଳେ ତାଙ୍କୁ ହଠାତ୍ ହୃଦଘାତ ହୋଇଥିଲା। ତାଙ୍କୁ ତୁରନ୍ତ ବିଶାଖପାଟଣା ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ରାତି ସାଢେ ୧୦ ଟା ସମୟରେ ତାଙ୍କର ପରଲୋକ ଘଟିଛି। ସେ ଏହା ପୂର୍ବରୁ ଡେଙ୍ଗୁ ଜ୍ୱର ଏବଂ ନିମୋନିଆରେ ପୀଡିତ ହୋଇଥିଲେ। ଆଜି ପୂର୍ବାହ୍ନ ସାଢେ ୧୧ଟା ସମୟରେ ତାଙ୍କ ମରଶରୀର ଜୟପୁର ଠାରେ ପହଞ୍ଚିଥିଲା। ସହରର ବୁଦ୍ଧିଜୀବି, ସାହିତ୍ୟିକ ପ୍ରମୁଖ ତାଙ୍କ ଘରକୁ ଯାଇ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜୟପୁର ଚମ୍ପାଖୁପୁଲି ଶ୍ମଶାନ ଠାରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା। ବଡ଼ପୁଅ ଜିତେନ୍ଦ୍ର ତାଙ୍କୁ ମୁଖାଗ୍ନି ଦେଇଥିଲେ।

ଡବଲ ଇଞ୍ଜିନ ସରକାରର ବୈମାତୃକ ମନୋଭାବ


# କୋରାପୁଟରୁ ଦିଲ୍ଲୀ ଓ ବାଲେଶ୍ୱରକୁ ଚାଲିପାରିବନି ଟ୍ରେନ୍




କୋରାପୁଟ,୩୦।୧୦(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକ ମଧ୍ୟ ବହୁ ଆଶା ରଖି ଡବଲ ଇଞ୍ଜିନ ସରକାର ନାରା ଉପରେ ଭରସା କରି ବିଜେପିକୁ ଭୋଟ ଦେଇ ଗୋଟିଏ ଲୋକସଭା ଆସନ ସହ ୬ ଟି ବିଧାନସଭା ଆସନରେ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ମାନଙ୍କୁ ବିଜୟୀ କରାଇଥିଲେ। ହେଲେ ବର୍ତ୍ତମାନ ଦେଢ଼ ବର୍ଷ ଭିତରେ ଯାହା ଦେଖିବାକୁ ମିଳୁଛି ଡବଲ ଇଞ୍ଜିନ ସରକାରର ଡବଲ ବିକାଶ ନାରା କେବଳ ଏକ ଧୂଆଁ ବାଣ ବ୍ୟତୀତ କିଛି ନାହିଁ। ବିଶେଷ କରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ରେଳବାଇ କ୍ଷେତ୍ରରେ ଯେଉଁଳି ବିକାଶ ହେବା କଥା ତାହା ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ମନେ ହେଉଛି। ରେଳ ମନ୍ତ୍ରଣାଳୟ ନାମକୁ ମାତ୍ର ରାୟଗଡ଼ା ଡିଭିଜନ ଖୋଲି ଜଣେ ଡିଆରଏମଙ୍କୁ ନିଯୁକ୍ତି ଦେଇଛି। କିନ୍ତୁ ଏଠାରେ କିଛି କାମ ହେଉ ନାହିଁ। ଯାହା ଆବଶ୍ୟକ ପୂର୍ବ ଭଳି ୱାଲଟିୟର ଡିଭିଜନରୁ କାର୍ଯ୍ୟକାରୀ ହେଉଛି। ସେହିପରି କୋରାପୁଟ ଠାରୁ ନୂଆଦିଲ୍ଲୀକୁ ଏକ ଟ୍ରେନ୍ ଚଳାଚଳ ପାଇଁ ଦୀର୍ଘ ଦିନରୁ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାବାସୀ ଦାବି କରି ଆସୁଛନ୍ତି । କିନ୍ତୁ ରେଳ ବିଭାଗ ସେଥିପ୍ରତି ଗୁରୁତ୍ୱ ଦେଉନଥିବା ମନେ ହେଉଛି। ଉପରୋକ୍ତ ଜିଲ୍ଲାବାସୀ ବିଭିନ୍ନ କାର୍ଯ୍ୟ ପାଇଁ ନୂଆଦିଲ୍ଲୀ ଯିବାକୁ ହେଲେ ରାୟଗଡ଼ା କିମ୍ବା ବିଶାଖାପାଟଣା ଯିବାକୁ ପଡୁଛି। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟ ପକ୍ଷରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେଉଁଝର ଜିଲ୍ଲାର ଲୋକେ ସରକାରୀ ଚାକିରୀ କରୁଥିବା ବେଳେ ଅନେକ ବାଣିଜ୍ୟ ବ୍ୟବସାୟ କରୁଛନ୍ତି। ସେମାନଙ୍କ ଯାତାୟାତ ପାଇଁ କେବଳ କଟକ ଯାଏ ବସ ସୁବିଧା ରହିଛି। ତେଣୁ ଉତ୍ତର ଓଡ଼ିଶା ସହ ଯୋଗାଯୋଗ ନିମନ୍ତେ କୋରାପୁଟ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଏକ ଟ୍ରେନ ଚଳାଚଳ କରିବାକୁ ବିଭିନ୍ନ ସମୟରେ ଦାବି କରା ଯାଇଛି। କଂଗ୍ରେସ ନେତା ପୂର୍ବତନ ବିଧାୟକ ନିମାଇ ସରକାର ୨୦୨୫ ଏପ୍ରିଲ ୫ ରେ ଏ ସମ୍ପର୍କରେ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ଆବଶ୍ୟକତା ପ୍ରତି ଗୁରୁତ୍ୱ ଦେଇ କୋରାପୁଟ ଠାରୁ ନୂଆଦିଲ୍ଲୀ ଏବଂ ବାଲେଶ୍ୱରକୁ ଟ୍ରେନ ଚଳାଚଳ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ରେଳବାଇ ଏହାକୁ ଅଗ୍ରାହ୍ୟ କରି କୋରାପୁଟ ଷ୍ଟେସନରେ ଆନୁସଙ୍ଗିକ ବ୍ୟବସ୍ଥା ନଥିବାରୁ ଏଠାରୁ କୌଣସି ଟ୍ରେନ ଚଳାଚଳ ଆରମ୍ଭ କରିବା ସମ୍ଭବ ନୁହେଁ ବୋଲି ଚଳିତ ମାସ ୨୧ ତାରିଖରେ ରେଳ ବିଭାଗ ପକ୍ଷରୁ ଶ୍ରୀ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ସେହିପରି ଜୟପୁର ଠାରୁ ମାଲକାନଗିରି ଏବଂ ନବରଙ୍ଗପୁରକୁ ପ୍ରସ୍ତାବିତ ନୂଆ ରେଳ ଲାଇନ୍ ତ୍ୱରାନ୍ୱିତ କରା ଯିବାକୁ ମଧ୍ୟ ପୂର୍ବତନ ବିଧାୟକ ଦାବି କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇନଥିବା ଜଣାଇଛନ୍ତି। ଅନ୍ୟ ପକ୍ଷରେ ମାଲକାନଗିରି ଠାରୁ ଭଦ୍ରାଚଳମ୍ ରେଳ ଲାଇନ କାର୍ଯ୍ୟ ମଧ୍ୟ ଦ୍ୱନ୍ଦ୍ୱରେ ଥିବା ଜଣାପଡ଼ିଛି। ଡବଲ ଇଞ୍ଜିନ ସରକାର ଅବିଭକ୍ତ କୋରାପୁଟ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ପୂର୍ବତନ ବିଧାୟକ ନିମାଇ ସରକାର ଅଭିଯୋଗ କରିଛନ୍ତି। ଡବଲ ଇଞ୍ଜିନ ଡବଲ ବିକାଶ କେବଳ ଏକ ନିର୍ବାଚନ ସ୍ଲୋଗାନ ବୋଲି ଶ୍ରୀ ସରକାର ଭାରତୀୟ ଜନତା ପାର୍ଟି ସରକାରକୁ ସମାଲୋଚନା କରିବା ସହ ଅବିଭକ୍ତ କୋରାପୁଟ ଜିଲ୍ଲା ପ୍ରତି ରେଳବାଇର ବୈମାତୃକ ମନୋଭାବକୁ ଆସନ୍ତା ଦିନରେ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ବିଶ୍ୱାସ ହେଉଛି ସେଭଳି ଏକ ପକ୍ଷୀ, ଯିଏ ଅରୁଣୋଦୟ ପୂର୍ବରୁ ଆଲୋକ ଦେଖିପାରେ।
-ରବୀନ୍ଦ୍ରନାଥ ଟାଗୋର।

## ଦୁର୍ନୀତି ଦାନବର ଦୌରାତ୍ମ୍ୟ

ଏକ ରାଷ୍ଟ୍ରାୟତ୍ତର ଉଦ୍ୟୋଗର ପୂର୍ବତନ ବିତ୍ତ ଅଧିକାରୀ ସାମାଜିକ ଗଣମାଧ୍ୟମରେ ବର୍ଣ୍ଣନା କରିଥିବା ଅଙ୍ଗେନିଭା ଘଟଣାର ହୃଦୟବିଦାରକ କାହାଣୀ ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ବେଙ୍ଗାଲୁରୁ ନିବାସୀ କେ ଶିବକୁମାରଙ୍କ ସହିତ ଘଟିଥିବା ଘଟଣା ଯେତିକି ହୃଦୟବିଦାରକ ତାଙ୍କ ଟିପ୍ପଣୀ ତା'ଠାରୁ ଅଧିକ ଚିନ୍ତାଜନକ। ୩୪ବର୍ଷୀୟା ଝିଅର ମୃତ୍ୟୁ ପରେ ଡାକ୍ତରଖାନାରୁ ପୋଷ୍ଟମର୍ଟମ ଏପରିକି ଶ୍ମଶାନ ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ କିଭଳି ଲାଞ୍ଚ ଦେବାକୁ ପଡ଼ିଛି, ତାହା ଶିବକୁମାର ଉଲ୍ଲେଖ କରିବା ପରେ ଦୁଇ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଚିରାଚରିତ ଭାବେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇସାରିଛି। ଶେଷରେ ଶିବକୁମାର ଲେଖିଛନ୍ତି 'ଆର୍ଥିକ ସ୍ୱଚ୍ଛଳ ଥିବାରୁ ମୁଁ ସେମାନଙ୍କ ଦାବି ପୂରଣ କରିପାରିଲି; କିନ୍ତୁ ଗରିବଟିଏ କ'ଣ କରିବ?' ସମାଜିକ ଗଣମାଧ୍ୟରେ ଶିବକୁମାରଙ୍କ ଏହି ମର୍ମଭେଦୀ ବର୍ଣ୍ଣନା ଓ ବେଦନା ଏଭଳି ସମୟରେ ଆସିଛି ଯେତେବେଳେ ସାରା ଦେଶ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରୁଛି।

ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର। ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ। ଏଭଳି କାଦୁଅ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ। ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ ସାଧନା କଲେ ମଧ୍ୟ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ। ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ। ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହିଁ କି ପୁଲିସ୍ ଅଭିଯୋଗ ରଖୁନାହିଁ। ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ୍ୟ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ। ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି। ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ। ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର। ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ।

## ମେରୁ ମିଳନ

ସାମ୍ପ୍ରତିକ ବିଶ୍ୱ ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ଦୁଇ ମହାଶକ୍ତି ଓ ଦୁଇ ମେରୁ (ଉତ୍ତର ବିଶ୍ୱ ଓ ଦକ୍ଷିଣ ବିଶ୍ୱ)ର ଅଧିପତି ବୋଲାଉଥିବା ଆମେରିକା ଓ ଚୀନ୍ ରାଷ୍ଟ୍ରମୁଖ୍ୟ ପରସ୍ପରକୁ ଭେଟିବା ନିଶ୍ଚୟ ବିଶ୍ୱ ଶାନ୍ତି ଓ ସମୃଦ୍ଧି ପାଇଁ ଅନେକ ଗୁରୁତ୍ୱ ବହନ କରେ। ଏହି ସାକ୍ଷାତ ଆଲୋଚନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଜି-୨' ଆଖ୍ୟା ଏବଂ ମୋଟ ୧୦ ନମ୍ବରରୁ ୧୨ ନମ୍ବର ଦେବା ପରେ 'ଦ୍ୱିଧ୍ରୁବୀୟ ବିଶ୍ୱ ସମୀକରଣ' ଆହୁରି ସ୍ପଷ୍ଟ ହୋଇଛି। 'ଆମେରିକା ଫାଷ୍ଟ' ନୀତିକୁ ପ୍ରାଧାନ୍ୟ ଦେଇ ଆସୁଥିବା ଟ୍ରମ୍ପ ଏବେ 'ଚୀନ୍ ଫାଷ୍ଟ' ନୀତି ଘୋଷଣା କରି ଆମେରିକା ସହଯୋଗୀ ରାଷ୍ଟ୍ରଙ୍କୁ ହରଡ଼ ଘଣାରେ ପକାଇଛନ୍ତି। ବିଶେଷକରି ଭାରତର ଭବିଷ୍ୟ କୂଟନୈତିକ ରଣନୀତି ଆହୁରି ଜଟିଳ ହେବାକୁ ଯାଉଛି।

ଚୀନ୍‌କୁ ରଣନୈତିକ ପ୍ରତିଯୋଗୀ ଦୃଷ୍ଟିରେ ଦେଖି ଆସୁଥିବା ଟ୍ରମ୍ପ ନିଜ ଦ୍ୱିତୀୟ ପାଳିରେ ସେହି ଦେଶ ବିରୋଧରେ ଯେଉଁ ବିଶାଳ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିଲେ ସେଥିରେ ସମଗ୍ର ବିଶ୍ୱର ଆର୍ଥିକ, ବାଣିଜ୍ୟିକ ଓ ସାମାଜିକ ନିରାପତ୍ତା ଅସ୍ଥିର ଓ ଜଟିଳ ହୋଇପଡ଼ିଥିଲା। କିନ୍ତୁ ଟ୍ରମ୍ପଙ୍କ ଆଭିମୁଖ୍ୟରେ ହଠାତ୍ ଏହି ପରିବର୍ତ୍ତନ ଆଶାର ନୂଆ କିରଣଟିଏ ସୃଷ୍ଟି କରିଛି। ସାମ୍ପ୍ରତିକ ସେମିକଣ୍ଡକ୍ଟର ପରିଚାଳିତ ବିଶ୍ୱରେ ବିରଳ ମୃତ୍ତିକା ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ତେଣୁ ଟ୍ରମ୍ପଙ୍କ ଯେସାକୁ ତେସା ନୀତିର ଜବାବ୍ ଦେଇ ଚୀନ୍ ମଧ୍ୟ ଆମେରିକାକୁ ବିରଳ ମୃତ୍ତିକା ରପ୍ତାନୀ କାଣ୍ଟଛାଣ୍ଟ କରିବା ପରେ ହଠାତ୍ ଟ୍ରମ୍ପଙ୍କ ଦମ୍ଭ ଭାଙ୍ଗିଛି ଏବଂ ସେ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କ ସହିତ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷରେ ଆମେରିକାର ଏହି ପରିବର୍ତ୍ତିତ ଆଭିମୁଖ୍ୟରେ ଜାପାନ୍, ଦକ୍ଷିଣ କୋରିଆ ଆଦି ପୁରୁଣା ବନ୍ଧୁ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନିବେଶର ଭବିଷ୍ୟତ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି।

ଏହି ପୃଷ୍ଠଭୂମିରେ ବିଶ୍ୱର ଦୁଇ କଡ଼ା ପ୍ରତିଦ୍ୱନ୍ଦ୍ୱୀ-ସହଯୋଗୀ ଶକ୍ତି ସହିତ ଭାରତ କିଭଳି ସମନ୍ୱୟ ରକ୍ଷା କରିବ ତାହା ଉପରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ସାର୍ବଭୌମର ଗରିମା ରକ୍ଷା ନିର୍ଭର କରୁଛି। ଚୀନ୍ ବହୁପୂର୍ବରୁ ପାକିସ୍ତାନକୁ ଆଶ୍ରୟ ଦେଇ ଭାରତ ବିରୋଧରେ ପ୍ରୟୋଗ କରିଚାଲିଛି। 'ଅପରେସନ୍ ସିନ୍ଦୂର' ପରେ ଆମେରିକା ମଧ୍ୟ ପାକିସ୍ତାନ ପଟକୁ ଢଳିଛି। ବାଂଲାଦେଶ ଉଭୟ ଚୀନ୍ ଓ ପାକିସ୍ତାନ ପାଇଁ ନିଜ ଘରର କବାଟ ଖୋଲିସାରିଛି। ଏବେ ଟ୍ରମ୍ପଙ୍କ ଜିନ୍‌ପିଙ୍ଗ ସୁହାଗ ଭାରତକୁ ଅନେକ ଦିଗରେ ଦୋଛକିରେ ଠିଆ କରିଛି। ଦକ୍ଷିଣ ସାଗରରେ ଚୀନର ଆଧିପତ୍ୟ ହ୍ରାସ ପାଇଁ ଭାରତକୁ ସଦସ୍ୟ ରୂପେ ନେଇ ଆମେରିକା ଚତୁଃରାଷ୍ଟ୍ରୀୟ ସଂଗଠନ(କ୍ୱାଡ୍) ଗଠନ କରିଥିବା ବେଳେ ନୂଆ ଜି-୨ ସମୀକରଣରେ 'କ୍ୱାଡ୍'ର ଭବିଷ୍ୟତ ଓ ତହିଁରେ ଭାରତର ଭୂମିକା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି।

ଏସବୁର ଊର୍ଦ୍ଧ୍ୱରେ ତର୍ଜମା କଲେ ଉଭୟ ଆମେରିକା ଓ ଚୀନ୍ ଭରସାଯୋଗ୍ୟ ରାଷ୍ଟ୍ର ନୁହନ୍ତି। ସ୍ୱାର୍ଥପର ଭାବରେ ଦୁହିଁଙ୍କ ସ୍ୱଭାବ ସମାନ। ପଦାର୍ଥ ବିଜ୍ଞାନର ମୌଳିକ ତତ୍ତ୍ୱ ଅନୁଯାୟୀ ସମମେରୁ ପରସ୍ପରକୁ ବିକର୍ଷଣ ଏବଂ ବିଷମ ମେରୁ ଆକର୍ଷଣ କରେ। ତେଣୁ ଏବେ 'ବ୍ୟବସାୟ ପ୍ରଥମ' ନୀତିରେ ଆକର୍ଷିତ ହୋଇଥିବା ସମଭାବାପନ୍ନ ଦୁଇମେରୁର ବିକର୍ଷଣ ମଧ୍ୟ ବିଶ୍ୱ ଖୁବ୍ ଶୀଘ୍ର ଦେଖିବ। ସେ ପର୍ଯ୍ୟନ୍ତ ଭାରତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ।

# ଆମ ଉତ୍ତରପିଢ଼ିର କଥା ଓ ବ୍ୟଥା

**ସଲିଳା ତ୍ରିପାଠୀ**




ଏଇ ବୋଧେ ପ୍ରଥମ ପିଢ଼ି, ଯେଉଁମାନେ ରାଗ-ଅନୁରାଗ, ମାନ-ଅଭିମାନ ଆଉ ଅନୁଶାସନ ଠାରୁ ବହୁ ଦୂରରେ। ସେମାନଙ୍କର ବୁଝାମଣାଟି ଖୁବ୍ ସରଳ ଆଉ ସିଧା। ଜନ୍ମ ହେବାଟା ସେମାନଙ୍କର ହାତରେ ନଥିଲା। ମାତ୍ର ଜୀବନଟା କେବଳ ତାଙ୍କର ତାକୁ ଉପଭୋଗ କରିବା ପାଇଁ ମନ ମଧ୍ୟରେ ଅନେକ ଲାଳସା। ଯୁବକ ହେବା ପୂର୍ବରୁ ଯୌବନର ଉଦ୍ଦାମତା ସେମାନଙ୍କ ପାଖରେ ଭରିଯାଇଛି। ବୌଦ୍ଧିକ, ନୈତିକ ଓ ସର୍ବୋପରି ଆତ୍ମିକ ଜ୍ଞାନର ଧାର ଧାରିବାକୁ ସେମାନେ ଅନିଚ୍ଛୁକ। ଯଦି କେତେଜଣ ହାତଗଣତି ବାହାରିବେ ସେଇମାନେ ଆକାଶରେ ଚନ୍ଦ୍ର, ସୂର୍ଯ୍ୟ ହୋଇ ଆଲୋକିତ କରିବେ। ମାତ୍ର ସେପ୍ରକାର ଇଚ୍ଛାଶକ୍ତି ସେମାନଙ୍କର ହେବ ବା କାହିଁକି? ପିତାମାତାଗଣ ଏବେ ନାଚାର। ନିଜ ଜୀବନର ସଂଘର୍ଷ, ସଂସ୍କାର ଏବେ ପ୍ରହେଳିକା ଭଳି ଲାଗୁଛି। ପିଲାମାନେ ଉପଦେଶକୁ ଅଯଥା ହସ୍ତକ୍ଷେପ ବୋଲି ଭାବୁଛନ୍ତି।

ସ୍କୁଲ ଯିବା ପାଇଁ ପାଞ୍ଚଟଙ୍କିଆ ଅଖା ବ୍ୟାଗ୍ ଏବେ ଆମେରିକାନ୍ ଟୁରିଷ୍ଟର୍‌ରେ ପରିଣତ ହୋଇଛି। ପରଟା ଆଳୁଭଜାର ଟିଫିନ୍‌ରେ ଏବେ ବାସି ପିଜା, ବର୍ଗର ପଶୁଛି। ସୁଜି, ସିମେଇକୁ ପଚାରେ କିଏ? ଚିନି ପରଟାର ଆନନ୍ଦକୁ ଏମାନେ ଆଡ଼ଆଖିରେ ଅନେଇବେନି। ଦଉଡ଼ିଆ ଖଟ ଆଉ କନ୍ଥାର ନିଦକୁ ଏମାନେ ଝୁରିବେନି। ଜେଜେଙ୍କର ଗୋଡ଼ ଘଷି ଦେଇ ୨୦ ପଇସି, ଚାରଣା ପାଇବାକୁ ମନ କରିବେନି। ବରଂ ପକେଟ୍ ମନି ପାଇବାର ଅଧିକାରପଣରେ ପିତାମାତାଙ୍କୁ ବିପର୍ଯ୍ୟସ୍ତ କରି ଚାଲିଥିବେ। ଷ୍ଟ୍ରିଟ୍ ଲାଇଟ୍‌ର ଆଲୁଅରେ ପାଠପଢ଼ି ବଡ଼ ମଣିଷ ହେବାର ଆବଶ୍ୟକତା ଏମାନଙ୍କୁ ନାହିଁ। ଏମାନେ ସଞ୍ଜ ହେଲେ ଲଣ୍ଠନ, ଡିବିର ଧୂଆଁକୁ ଖୋଜି ପାଇବେନି। ଇନ୍‌ଭର୍ଟର ଆଉ ଏୟାର କଣ୍ଡିସନ୍ ଯୁଗରେ ଏ.ସି. ରୁମ୍‌ରୁ ବାହାରି ମା'ର ରନ୍ଧାଘରେ ପଶି କାମରେ ସାହାଯ୍ୟ କରିବାକୁ ଚାହିଁବେ ନାହିଁ। ବାପାଙ୍କର ଫେରିବା ବାଟକୁ ଆତୁର ହୋଇ ଚାହିଁ ଛୋଟ ମୋଟ ଦରବଟିଏ ପାଇଁ ଅଳି କରିବେ ନାହିଁ, ବରଂ ମାସ ଶେଷକୁ ହଜାର ହଜାର ଖର୍ଚ୍ଚ କରି ସାରିଲା ପରେ ପିତାମାତା ଅଯୋଗ୍ୟ ପ୍ରମାଣିତ ହେବାଟା ଦେହସୁହା ହେବା ସାର ହେବ। ମା' ବାପାଙ୍କର ଆଖିର ଲୁହ ଏମାନଙ୍କୁ ଛଳନା ପରି ଲାଗିବ।

ବର୍ଷା ଛାଡ଼ିଗଲା ପରେ ମାଟି ରାସ୍ତାର ପାଣି ସୁଅରେ କାଗଜ ଡଙ୍ଗା ଭସାଇବାର ଆନନ୍ଦକୁ ଅନୁଭବ କରିବେ ନାହିଁ; ବରଂ ବର୍ଷାରେ ଓଦା ହେଲେ ଥଣ୍ଡା ଧରିବ ଓ ଇନ୍‌ଫେକ୍‌ସନ୍ ହେବା ଭୟରେ ଟ୍ୟାବ୍ ଓ ମୋବାଇଲ ନହେଲେ ଲାପ୍‌ଟପ୍ ଧରି ଘରେ ପଥର ମୂର୍ତ୍ତି ପରି ବସି ରହିବେ। ଭାଇ ଭଉଣୀମାନେ ଏକାଠି ହେଲେ ତାସ୍, ଲୁଡୁ କିମ୍ବା ଗପସପ ନକରି ସମସ୍ତେ ଗୋଟେଗୋଟେ ସ୍ମାର୍ଟଫୋନ୍ ଧରି ସେଇ ଅନ୍‌ଲାଇନ୍ ଗେମ୍ ବାବଦରେ କଥା ହେବେ। ଘରକୁ କୁଣିଆ ଆସିଲେ ପାଦ ତଳେ ଲାଗୁ ନଥିବାର ଖୁସିକୁ ନ ବୁଝି ଉପହାର ଆଶାରେ ଅନାଇ ରହିବେ। ଅର୍ଥର ସାଗରରେ ବୁଡ଼ିରହି ଜୀବନର ଲକ୍ଷ୍ୟକୁ ଉପଭୋଗ ଛଡ଼ା ଆଉକିଛି ଭାବିବା ପାଇଁ ସମୟ ପାଇବେ ନାହିଁ। ଛୁଟିମାନଙ୍କରେ ପିଉସୀ, ମାଉସୀ ଆଉ ମାମୁଁ ଘରକୁ ଯାଇ ବିଭିନ୍ନ ପରିବେଶରେ ଖାପଖୁଆଇ ଚଳିବାର ଆଦବ କାଇଦାକୁ ଶିଖିବାକୁ ଚାହିଁବେ ନାହିଁ। ବରଂ ହଲିଡେ ଟୁର୍‌ରେ ଦେଶ ବିଦେଶକୁ ଯିବା ପାଇଁ ଏମାନେ ବ୍ୟାକୁଳ। ଉଡ଼ାଜାହାଜର ଶବ୍ଦକୁ ଶୁଣି ତା'କୁ ଦେଖିବା ପାଇଁ ବିକଳ ମନ ଏବେ ସେଥିରେ ବସିବା ପାଇଁ ଝଗଡ଼ା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ।

କୋଉ ବରଷ ବରଷରେ ଷ୍ଟୁଡିଓକୁ ଯାଇ କିମ୍ବା ସ୍କୁଲର ଶେଷବର୍ଷଗୁଡ଼ିକରେ ଫଟୋ ଉଠା ହେବାର ସୁଖକୁ ଏମାନେ ପ୍ରତି ମୁହୂର୍ତ୍ତରେ ସ୍ମାର୍ଟଫୋନ୍‌ରେ ଫଟୋ ଉଠାଇ ପୁଣି ସେଲ୍‌ଫି ନେଇ ନିଜ ସୌନ୍ଦର୍ଯ୍ୟର ରୂପରେଖକୁ ହାତରେ ତୋଳି ଧରିବାର ଖୁସିରେ ବିଭୋର ହେବେ। ଜୀବନର ସମସ୍ତ ସୁଖକୁ କ୍ଷଣିକରେ ପାଇନେବାର ଆକାଂକ୍ଷାରେ ଏମାନେ ପାଗଳ ହୋଇ ଘୁରିବୁଲିବେ। ଶିକ୍ଷାକୁ ନୈତିକ ମୂଲ୍ୟବୋଧର ଆଧାର ବୋଲି ମନେ ନକରି ମୁଠାମୁଠା ଟଙ୍କାର ସ୍ୱପ୍ନ ଦେଖିବେ। ରଙ୍ଗର ନାମ ଜାଣିବାକୁ ଇନ୍ଦ୍ରଧନୁକୁ ଦେଖିବା ପାଇଁ ଚାତକ ପରି ଅନାଇ ବସିବେ ନାହିଁ; ବରଂ ଭିନ୍ନଭିନ୍ନ ପ୍ରକାର ରଙ୍ଗ ପେନ୍‌ସିଲ୍ ସେମାନଙ୍କ ହାତମୁଠାରେ। ସେମାନେ ଯେମିତି ଚାହିଁବେ ସେମିତି ରଙ୍ଗ କରିପାରିବେ। ତେଣିକି ଚିତ୍ର ଆଙ୍କିବାର କ୍ଷମତା ଥାଉ ବା ନଥାଉ। ଆକାଶର ରଙ୍ଗକୁ ନୀଳ ବଦଳରେ ଗୋଲାପୀ ଦେଲେ ସେଇଟା ହେବ ସେମାନଙ୍କର ସୃଜନଶୀଳତା।

ସରକାରୀ ହେଉ ଅବା ବେସରକାରୀ ସମସ୍ତେ ସ୍କୁଲ ଯିବେ ଆଉ ସମାନ ସୁବିଧା ଲାଭ କରିବେ। ସବୁରି କଣ୍ଠ ଗୀତ ଗାଇବ, ସମସ୍ତେ ତୂଳୀ ଧରିବେ, ସମସ୍ତେ ମଧ୍ୟ ପାଦରେ ତାଳ ଦେଇ ନୃତ୍ୟ କରିବେ। ସବୁଠାରୁ ଭଲ ଖୋଜିବା ପାଇଁ ବିଚାରକମାନେ ବ୍ୟତିବ୍ୟସ୍ତ ହୋଇପଡ଼ିବେ। ପ୍ରତ୍ୟେକ ନିଜ ପିଲାକୁ ପ୍ରଥମ ସ୍ଥାନରେ ଦେଖିବା ପାଇଁ ଆଉ ସୋସିଆଲ୍ ମିଡିଆରେ ବିଜ୍ଞାପିତ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଥିରେ ରୀତିମତ ଝଗଡ଼ା କରିବେ। ମୋହଗ୍ରସ୍ତ ପିତାମାତା ଧୃତରାଷ୍ଟ୍ର-ଗାନ୍ଧାରୀଙ୍କ ପରି ଆଖିରେ ପଟି ବାନ୍ଧି ପିଲାମାନଙ୍କୁ ନିଜର ସର୍ବଶ୍ରେଷ୍ଠ ଅହଂକାର ରୂପେ ବ୍ୟବହାର କରିବେ। ଅବଶ୍ୟ ଏହା ଯୁଗ ଯୁଗ ଧରି ଚାଲିଆସିଛି 'ମୋ ପିଲା ଭଲ' ବାକ୍ୟଟି ପିତାମାତାଙ୍କର ପ୍ରମୁଖ ଅସ୍ତ୍ର।

ଏଇ ପିଢ଼ି ରିଅଲ୍ ଲାଇଫ୍‌କୁ ରିଲ୍‌ସ ବନାଇବାରେ ଆନନ୍ଦିତ ହେବେ। ମାତ୍ର ବାସ୍ତବ ଜୀବନର ମର୍ମକୁ ବୁଝିବା ପାଇଁ ଅବହେଳା କରିବେ। ଏମାନଙ୍କ ପାଖରେ ଅନେକ ଭାବର ଅଭାବ ରହିଯିବ। ମାତ୍ର ସେମାନେ ଜୀବନକୁ ପଶାପାଲିର ଗୋଟିରେ ଖେଳେଇ ଚାଲିଥିବେ। ମୁହୂର୍ତ୍ତକୁ ନେଇ ବଞ୍ଚିବାରେ ଥିବା ଆନନ୍ଦକୁ ବୁଝିନେବା ଏମାନଙ୍କ ପାଇଁ ସହଜ ହୋଇଯିବ। ହେଲେ ଆନ୍ତରିକତା ଆଉ ଭାବପ୍ରବଣତାକୁ ଏମାନେ ହେୟଜ୍ଞାନ କରିବେ। ପ୍ରତ୍ୟେକଟି କଳାକୌଶଳ ଶିଖିବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡୁଥିବା ଏଇ ସମୟରେ ବଞ୍ଚିବାର କଳାଟିକୁ ଏମାନଙ୍କୁ କିଏ ଶିଖାଇବ? ଅଭାବ ଅନଟନ ଭିତରୁ ମୁଣ୍ଡ ଟେକିଥିବା ଏମାନଙ୍କର ପିତାମାତା ସେମାନଙ୍କୁ ସମସ୍ତ ସ୍ୱାଚ୍ଛନ୍ଦ୍ୟ ଦେଉଦେଉ ନିଜେ ଦିନେ ଅପଚରା ହୋଇ ରହିବେ ସେକଥା ଜାଣି ମଧ୍ୟ ପୂର୍ବ ଓ ପର ପିଢ଼ି ମଧ୍ୟରେ ନିଜର ଅସ୍ତିତ୍ୱକୁ ହରାଇ ବସିବେ।

ସେମାନଙ୍କର ପିତାମାତା କ'ଣ ସେମାନଙ୍କର ଦୁଃଖକୁ ବୁଝି ପାରିବେ? ସେମାନେ ତ କହିବେ ତୁମେମାନେ ଅଯୋଗ୍ୟ, ଅପାରଗ ଆମ ଭଳି ପିଲାମାନଙ୍କୁ ଅନୁଶାସନରେ ବାନ୍ଧିପାରିଲ ନାହିଁ। ଭୁଲ୍‌ଟିଏ କଲେ ଅପରାଧୀ ଭଳି ଦଣ୍ଡ ଭୋଗୁଥିବା ପିଲାଦିନ ଏବେ ପରିବର୍ତ୍ତିତ। ଏବେ ସେଇ ପିଲାମାନଙ୍କ ହାତରେ ଜିଭ ଭଳି ଅପରାଧୀର ଛୁରୀ, ଯାହା ଏପରି ତୀକ୍ଷ୍ଣ ଯେ ସବୁକିଛି କାଟି ଦେଇ ହେବ। ପୁଣି କଥା କଥାକେ ମୃତ୍ୟୁକୁ ଆପଣେଇବାର ମିଠା ଧମକ। ସେମାନଙ୍କୁ ସମ୍ଭାଳିବା ପାଇଁ ଆମ୍ଭେମାନେ ଅସମର୍ଥ ଆଉ ଦୁର୍ବଳ। ଆଉ ଆମ ପିଲାମାନେ ସୁଖ, ସ୍ୱାଚ୍ଛନ୍ଦ୍ୟ, ବିଳାସ ଏବଂ ସର୍ବୋପରି ଯାନ୍ତ୍ରିକ ଦ୍ରବ୍ୟ ପାଖରେ ପଣବନ୍ଦୀ।

ଏବେ ବି କ'ଣ ସେମାନଙ୍କୁ ବନ୍ଦୀ ଜୀବନରୁ ମୁକୁଳାଇ ଆତ୍ମସମୀକ୍ଷା ଏବଂ ଖୋଲା ଆକାଶକୁ ଟାଣି ଆଣିବାର ସମୟ ଆସିନାହିଁ? କାରଣ ମୂଲ୍ୟବୋଧ ବିନା ଜୀବନ ବୃଥା। ଯେମିତି ସ୍ପନ୍ଦନ ବିନା ହୃଦୟ। ସମସାମୟିକ ପିତାମାତାଗଣ ଏବେ ତ୍ରିଶଙ୍କୁ ସମ। ପୋଥିଗତ ଆଦର୍ଶ ଆଉ ଯୁଗୋପଯୋଗୀ ହେବାର ମଝିଦରିଆରେ ବୁଡି ମରିବା ହିଁ ସେମାନଙ୍କର ଭାଗ୍ୟ। ହୁଏତ ଏକ ଦୃଢ଼ ଆହ୍ୱାନ; ନଚେତ୍ ଆନ୍ଦୋଳନକୁ ଅପେକ୍ଷା, ଯାହା ସେମାନଙ୍କୁ ଭବିଷ୍ୟତ ବଂଶଧରକୁ ସଜାଡ଼ିବା ପାଇଁ ଶକ୍ତି ଯୋଗାଇବ। କାହିଁକି ନା ସେମାନେ ତ ସମସ୍ତଙ୍କୁ ନେଇ ବାଟ ଚାଲିବାର ଶପଥ ନେଇଛନ୍ତି। ସେମାନଙ୍କ ପାଇଁ ଅତୀତ ଓ ଭବିଷ୍ୟତ ଉଭୟ ପ୍ରିୟ। ନୁହେଁ କି?

ବୋଲଗଡ଼, ମୋ: ୮୭୬୩୭୮୮୬୧୪

# ଭବିଷ୍ୟବାଣୀ ଓ ବାସ୍ତବତା

**ମନୋରଞ୍ଜନ ମହାନ୍ତି**

ଏବେ ଅଧିକ ସଂଖ୍ୟକ ଲୋକ ନିଜ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ନିକଟକୁ ଯାଉଛନ୍ତି। ପୁଅଝିଅମାନେ କେଉଁ ପାଠ ପଢ଼ିଲେ କୃତିତ୍ୱ ଅର୍ଜନ କରିବେ, କିପରି ଚାକିରି ପାଇବେ, ପ୍ରଚୁର ଅର୍ଥ ଉପାର୍ଜନ କରିବେ, ସମାନ ସ୍ତରରେ ବିବାହ କରିବେ ଇତ୍ୟାଦି ଜାଣିବା ପାଇଁ ଭବିଷ୍ୟତବକ୍ତାମାନଙ୍କ ପରାମର୍ଶ ଗ୍ରହଣ କରାଯାଉଛି। ଏପରିକି ଘର ଖଣ୍ଡେ ତିଆରି କରିବା ସମୟରେ କେଉଁଠି ଠାକୁର ଘର, ରୋଷେଇ ଘର, ଶୋଇବା ଘର, ଶୌଚାଳୟ, ଜଳାଶୟ ଇତ୍ୟାଦି ରହିବ ଜାଣିବା ପାଇଁ ସଂପୃକ୍ତ ବିଜ୍ଞାନୀମାନଙ୍କ ସହିତ ଯୋଗାଯୋଗ ରକ୍ଷା କରାଯାଉଛି। ଘରପ୍ରତିଷ୍ଠାର ଶୁଭଦିନ ସ୍ଥିର କରି ହୋମକ୍ରିୟା ପାଇଁ ପୁରୋହିତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଏ। ଗଭୀର ଭାବରେ ଚିନ୍ତା କରି କେହି କେହି କହନ୍ତି, ମଣିଷ ତା'ର ଆତ୍ମସନ୍ତୋଷ ପାଇଁ ଏସବୁ କରିଥାଏ।

ଭବିଷ୍ୟତବକ୍ତାମାନଙ୍କ କଥା ବେଳେବେଳେ ସତ୍ୟ ହୁଏ, ବେଳେବେଳେ ହୁଏ ନାହିଁ। ବିଜ୍ଞାନୀମାନଙ୍କ ସହିତ ପରାମର୍ଶ କରି ଘର ତିଆରି କଲେ ବି ଅନେକ ସମୟରେ ଘରେ ଅଭାବ, ଅଶାନ୍ତି ସୃଷ୍ଟି ହୁଏ। ବିଧିବିଧାନ ଅନୁଯାୟୀ ଯେତେ ହୋମଯଜ୍ଞ ଆୟୋଜନ କଲେ ବି ମଣିଷ ଯାବତୀୟ ଅଶୁଭ ଅମଙ୍ଗଳର ସମ୍ମୁଖୀନ ହୁଏ। ଯା'ର ଅର୍ଥ ନୁହେଁ ଯେ ଭବିଷ୍ୟତବକ୍ତା, ଗୃହନିର୍ମାଣ-ବିଜ୍ଞାନୀ, ପୁରୋହିତଙ୍କ ପରାମର୍ଶ ଲୋଡ଼ିବା ଉଚିତ ନୁହେଁ। କିନ୍ତୁ ସେମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବା, ସେମାନଙ୍କ କଥାକୁ ଶେଷକଥା ବୋଲି ଗ୍ରହଣ କରିବା ବିଜ୍ଞତା, ବିଚାରବୋଧର ସୂଚନା ନୁହେଁ।

ତେନ୍‌ଜିଂଙ୍କ ଆତ୍ମଚରିତ 'ଦି ଟାଇଗର୍ ଅଫ୍ ଦି ସ୍ନୋଜ୍'ରେ ଏକ ଭାବୋଦ୍ଦୀପକ, ପ୍ରଭାବଶାଳୀ ବର୍ଣ୍ଣନା ରହିଛି। ଏଭରେଷ୍ଟ୍ ଆରୋହଣ କରିବା ପୂର୍ବରୁ ତେନ୍‌ଜିଂ ଓ ନିଉଜିଲାଣ୍ଡର ଏଡ୍‌ମଣ୍ଡ ହିଲାରି କାଠମାଣ୍ଡୁସ୍ଥିତ ପଶୁପତିନାଥ ମନ୍ଦିରର ମୁଖ୍ୟ ପୁରୋହିତ (ଯିଏ ଜଣେ ଭବିଷ୍ୟତବକ୍ତା ମଧ୍ୟ)ଙ୍କୁ ସାକ୍ଷାତ କଲେ। ପୁରୋହିତ ସେମାନଙ୍କ ହସ୍ତରେଖାକୁ ଅନୁଧ୍ୟାନ କରି କହିଲେ ସେମାନଙ୍କ ମଧ୍ୟରୁ କେହି ହେଲେ ସାଗରମଥା (ନେପାଳି ଭାଷାରେ ଏଭରେଷ୍ଟ୍‌କୁ ସାଗରମଥା ବୋଲି କୁହାଯାଏ)ରେ ପହଞ୍ଚି ପାରିବେ ନାହିଁ ଏବଂ ଆରୋହଣ କରିବା ସମୟରେ ଦୁଇଜଣଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିବେ। କିନ୍ତୁ ଦୁଇଜଣଯାକ ପୁରୋହିତଙ୍କ କଥାରେ ଗୁରୁତ୍ୱ ନଦେଇ ଏଭରେଷ୍ଟ୍ ଆରୋହଣ କଲେ ଏବଂ ୧୯୫୩ ମସିହା ମେ ୨୯ ତାରିଖରେ ପୃଥିବୀର ସର୍ବୋଚ୍ଚ ପର୍ବତ-ଶୃଙ୍ଗରେ ପହଞ୍ଚିପାରିଲେ।

ଯୁବକ ଜହିରୁଦ୍ଦିନ୍ ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ପ୍ରଥମ ପାନିପଥ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲାବେଳେ ଜଣେ ନୁଜୁମୀ (ଆରବୀ ଭାଷାରେ ନୁଜୁମୀର ଅର୍ଥ ଭବିଷ୍ୟତବକ୍ତା) କହିଲେ ସେ ଯୁଦ୍ଧରେ ପରାସ୍ତ ହେବେ, ଏପରିକି ମୃତ୍ୟୁବରଣ କରିପାରନ୍ତି। ବାବର ଏକଥାକୁ ଆଦୌ ଭ୍ରୂକ୍ଷେପ କଲେ ନାହିଁ, ଯୁଦ୍ଧରେ ଅବତୀର୍ଣ୍ଣ ହେଲେ ଏବଂ ଜୟ ଲାଭ କରି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କଲେ, ଯେଉଁ ସାମ୍ରାଜ୍ୟ ୧୮୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୃଢ଼ମୂଳ ହୋଇ ରହିଲା। ବାର୍ବାଡୋସ୍ ନିକଟରେ ଏକ ଦରିଦ୍ର ପରିବାରରେ ଗୋଟିଏ ଶିଶୁ ଜନ୍ମ ହେଲା। ଜନ୍ମ ସମୟରୁ ତା'ର ଥିଲା ଛଅଟି ଆଙ୍ଗୁଳି ଓ ଦୁଇଟି ଦାନ୍ତ। ଗାଁର ଜଣେ ଭବିଷ୍ୟତବକ୍ତା ତା'ର ମୁହଁକୁ ଦେଖି କହିଲେ 'ସେ ଗୋଟେ ପିଶାଚର ସନ୍ତାନ, ଦଶବର୍ଷ ବୟସ ହେବା ପୂର୍ବରୁ ମୃତ୍ୟୁବରଣ କରିବ।' ଆଶ୍ଚର୍ଯ୍ୟର କଥା, ସେହି ଶିଶୁ ଏବେ ୮୯ବର୍ଷର ବୃଦ୍ଧ, କ୍ରୀଡ଼ାଜଗତର ଜଣେ କିମ୍ବଦନ୍ତୀ ପୁରୁଷ, ପଶ୍ଚିମ ଭାରତୀୟ କ୍ରିକେଟ ଖେଳାଳି ଗାର୍‌ଫିଲ୍ଡ୍ ସୋବର୍ସ୍।

ପାଣିନିଙ୍କ ବାପା ମା'ଙ୍କୁ ଜଣେ ଭବିଷ୍ୟତବକ୍ତା କହିଲେ, 'ପାଣିନିଙ୍କ କପାଳରେ ପାଠ ନାହିଁ। ସେ ଆଦୌ ପଢ଼ାପଢ଼ି କରିବେ ନାହିଁ।' ସମସ୍ତଙ୍କ ମନରେ ଦୁଃଖ ହେଲା। ପାଣିନି ଚିନ୍ତିତ ହୋଇ ଗୋଟିଏ ପୋଖରୀ କୂଳରେ ବସିଥିବା ବେଳେ ଦେଖିଲେ କୂଳରେ ଗୋଟିଏ ସ୍ଥାନରେ ମାଟି ଦବିଯାଇ ଗୋଲ ଆକାର ଧାରଣ କରିଛି। ପୋଖରୀକୁ ପାଣିନେବା ପାଇଁ ଆସୁଥିବା ପ୍ରତ୍ୟେକ ଲୋକ ମାଠିଆରେ ପାଣି ଭରି ପ୍ରଥମେ ସେହି ସ୍ଥାନରେ ରଖୁଛନ୍ତି; ତା'ପରେ କାଖକୁ ବା କାନ୍ଧକୁ ଉଠାଇ ଘରକୁ ଫେରୁଛନ୍ତି। ପାଣିନି ଜଣଙ୍କୁ ପଚାରିଲେ, 'ଏହି ସ୍ଥାନରେ ମାଟି ଦବିଲା କିପରି ଏବଂ ଏହା ଗୋଲ ଆକାର ଧାରଣ କଲା କିପରି?' ଉତ୍ତର ମିଳିଲା, 'ସ୍ଥାନଟି ପ୍ରଥମେ ସମତଳ ଥିଲା। ସବୁଲୋକ ଏଠି ମାଠିଆ ରଖିରଖି କ୍ରମାଗତ ଚାପ ହେତୁ ମାଟି ଦବିଯାଇ ଗୋଲାକାର ହୋଇଗଲା।' ପାଣିନି ଚିନ୍ତା କଲେ, 'କ୍ରମାଗତ ଚାପ ହେତୁ ଯଦି ସମତଳ ଭୂମିଟି ପରିବର୍ତ୍ତିତ ହେଉଛି, ଅର୍ଥାତ୍ ଦବିଯାଇ ଗୋଲ ଆକାର ଧାରଣ କରିପାରୁଛି, କ୍ରମାଗତ ଉଦ୍ୟମ କଲେ ମୋର ମଧ୍ୟ ପରିବର୍ତ୍ତନ ହେବ। ଅର୍ଥାତ୍ ମୁଁ ପାଠ ପଢ଼ିପାରିବି, ଭଲ ପଢ଼ିପାରିବି।' ଘରକୁ ଫେରିଗଲେ ଓ ପାଠପଢ଼ାରେ ମନୋନିବେଶ କରି ଶ୍ରେଷ୍ଠ ବୈୟାକରଣିକ ଭାବରେ ଖ୍ୟାତି ଅର୍ଜନ କଲେ।

ସୁତରାଂ ଆମର ଭବିଷ୍ୟତ ସମ୍ପର୍କରେ ଭବିଷ୍ୟତବକ୍ତାମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ, ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମର ଜୀବନ-ଗଠନର ସଂକଳ୍ପ ଓ ସାଧନା। ତେନ୍‌ଜିଂ, ହିଲାରି, ବାବର, ଗାର୍‌ଫିଲ୍ଡ୍ ସୋବର୍ସ୍, ପାଣିନି ଓ ଆହୁରି ଅନେକ ବ୍ୟକ୍ତି ଭବିଷ୍ୟତବକ୍ତାମାନଙ୍କ କଥାକୁ ଆଦୌ ଗୁରୁତ୍ୱ ନଦେଇ ନିଜ ନିଜ ଜୀବନର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେହି ଲକ୍ଷ୍ୟସ୍ଥଳରେ ପହଂଚିବା ପାଇଁ ଆବଶ୍ୟକ ସାଧନା ନିରତ ହୋଇଛନ୍ତି ଓ ପହଞ୍ଚି ପାରିଛନ୍ତି। ଠିକ୍ ସେହିପରି ଆମେ ବାସଗୃହ ନିର୍ମାଣ କଲା ବେଳେ ଠାକୁର ଘର, ଜଳାଶୟ, ଶୋଇବା ଘର, ରୋଷେଇ ଘର, ଶୌଚାଳୟ ଇତ୍ୟାଦିର ଦିଗ ନିର୍ଣ୍ଣୟ ସମ୍ପର୍କରେ ବିଜ୍ଞାନୀମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ହେଉ ବା ନହେଉ; ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହେଉଛି ଆମେ ସତ୍‌ପନ୍ଥାରେ ଆୟ କରି ସତ୍‌ପନ୍ଥାରେ ବ୍ୟୟ କରିବା ଏବଂ ପରିବାରରେ ସମସ୍ତଙ୍କ ମଧ୍ୟରେ ସଦ୍‌ଭାବର ପରିବେଶ ରଚନା କରିବା।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୭୨୮୨୯୭୨

# ଦୁର୍ଯ୍ୟୋଧନଙ୍କ ନାମରେ ପୈଠ ହୁଏ ଖଜଣା

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ହସ୍ତିନାପୁରର ରାଜା ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ୧୦୦ ପୁତ୍ର ମଧ୍ୟରେ ଜ୍ୟେଷ୍ଠ ଦୁର୍ଯ୍ୟୋଧନ ହେଉଛନ୍ତି ଅହଂକାର ଓ କ୍ରୋଧର ପ୍ରତୀକ। କିନ୍ତୁ ଆସୁରିକ ପ୍ରବୃତ୍ତି ଯୁକ୍ତ ଦୁର୍ଯ୍ୟୋଧନଙ୍କୁ କେରଳର ଗୋଟିଏ ସ୍ଥାନରେ ଜଣେ ଦୟାଳୁ ଓ ରକ୍ଷକ ଦେବତା ଭାବେ ପୂଜା କରାଯାଉଛି। ସ୍ଥାନୀୟ ଗ୍ରାମବାସୀମାନେ ଦୁର୍ଯ୍ୟୋଧନଙ୍କୁ 'ଅପୁପା' ବୋଲି କହିଥା'ନ୍ତି। 'ଅପୁପା'ର ଅର୍ଥ ହେଉଛି ଜେଜେ। ଏହାବ୍ୟତୀତ ଦେବଭୂମି ଉତ୍ତରାଖଣ୍ଡର ଜଖୋଲ ଗାଁରେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଏକ ମନ୍ଦିର ଅଛି।

କେରଳର କୋଲମ୍‌ଠାରେ ଶକୁନି ମନ୍ଦିର ନିକଟରେ ଅଛି ଦୁର୍ଯ୍ୟୋଧନଙ୍କ ବିଶାଳ ଓ ଭବ୍ୟ ମନ୍ଦିର। 'ପୋରୁବାଝି ପେରୁଭିରୁଥି ମଲନାଡ଼ା' ନାମକ ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏଠାରେ ଦୁର୍ଯ୍ୟୋଧନଙ୍କର କୌଣସି ମୂର୍ତ୍ତି ନାହିଁ, ବରଂ ତାଙ୍କର ପ୍ରିୟ ଅସ୍ତ୍ର ଗଦାକୁ ପୂଜାର୍ଚ୍ଚନା କରି ନିଜର ମଙ୍ଗଳକାମନା କରିବା ସହିତ ମନସ୍କାମନା ପୂର୍ଣ୍ଣ ହେବା ପାଇଁ ଆଶିଷ ମାଗିଥା'ନ୍ତି। ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କର ସମସ୍ତ ମନସ୍କାମନା ଦୁର୍ଯ୍ୟୋଧନ ପୂରଣ କରିଥା'ନ୍ତି ବୋଲି ଜନଶ୍ରୁତି ରହିଛି। ଏଠାରେ ଭୋଗ ସ୍ୱରୂପ ତାଡ଼ି (ତାଳରସରେ ପ୍ରସ୍ତୁତ ଏକପ୍ରକାର ମାଦକଦ୍ରବ୍ୟ) ପୂଜା କରାଯାଏ ଏବଂ ଏହି ପ୍ରସାଦକୁ ତୀର୍ଥ ପ୍ରସାଦ ଭାବେ ଶ୍ରଦ୍ଧାଳୁଙ୍କୁ ମଧ୍ୟ ଦିଆଯାଏ। 'ମଲନାଡ଼ା' ଦୁଇଟି ଶବ୍ଦର ସମଷ୍ଟି। 'ମଲା' ହେଉଛି ପାହାଡ଼ ଏବଂ 'ନାଡ଼ା' ଅର୍ଥ ମନ୍ଦିର। ତେଣୁ କୌରବ ୧୦୦ ଭାଇଙ୍କ ମନ୍ଦିରଗୁଡ଼ିକ ଛୋଟ ଛୋଟ ପାହାଡ଼ ବା ମୁଣ୍ଡିଆ ଉପରେ ନିର୍ମାଣ କରାଯାଇଥିବାରୁ ଏହାର ନାମ 'ମଲନାଡ଼ା' ହୋଇଛି।

ଲୋକକଥା ଅନୁସାରେ, ଏକଦା ଦୁର୍ଯ୍ୟୋଧନ ତାଙ୍କର ୯୯ ଭାଇଙ୍କ ସହିତ ପାଣ୍ଡବମାନଙ୍କ (ଅଜ୍ଞାତବାସରେ ଥିବା ସମୟରେ) ସନ୍ଧାନ କରି କୋଲମ୍‌ଠାରେ ପହଞ୍ଚିଲେ। ତାଙ୍କୁ ବହୁତ ଶୋଷ ଲାଗୁଥିଲା। ତେଣୁ ସେ ନିକଟସ୍ଥ ଏକ ଗାଁକୁ ପାଣି ମାଗିବାକୁ ଯାଇଥିଲେ। ସେଠାରେ ଜଣେ ବୃଦ୍ଧା ତାଙ୍କୁ ପାଣି ପରିବର୍ତ୍ତେ ତାଡ଼ି ଦେଇଥିଲେ। ଏଥିରେ ଦୁର୍ଯ୍ୟୋଧନଙ୍କ ଶୋଷ ମେଣ୍ଟିବା ସହ ଏହା ତାଙ୍କୁ ଖୁବ୍ ସ୍ୱାଦିଷ୍ଟ ଲାଗିଥିଲା। ତେଣୁ ସେ ଖୁସି ହୋଇ ଗାଁବାସୀଙ୍କ ଉଦ୍ଦେଶ୍ୟରେ ଚାଷଜମି ଦାନ କରିବା ସହ ଜମିଗୁଡ଼ିକ ସବୁବେଳେ ଫସଲରେ ଶସ୍ୟଶ୍ୟାମଳା ହେଉ ବୋଲି ଆଶୀର୍ବାଦ ଦେଇଥିଲେ। ଆଶ୍ଚର୍ଯ୍ୟର କଥା ଯେ, ବର୍ତ୍ତମାନ ସମୟରେ ମଧ୍ୟ ଏହି ଜମିର କର (ଟ୍ୟାକ୍ସ) ଦୁର୍ଯ୍ୟୋଧନଙ୍କ ନାମରେ ପଇଠ କରାଯାଉଛି। ଦୁର୍ଯ୍ୟୋଧନ ସେହି ଗାଁକୁ ଶୁକ୍ରବାର ଦିନ ଆସିଥିଲେ ଏବଂ ଆସନ୍ତା ଶୁକ୍ରବାରକୁ ସେ ଗାଁ ଫେରିବେ ବୋଲି ପ୍ରତିଶ୍ରୁତି ଦେବା ସହ କହିଥିଲେ ଯେ, ସେ ଯଦି ନଫେରନ୍ତି, ତେବେ ଗ୍ରାମବାସୀ ତାଙ୍କର ଅନ୍ତିମ ସଂସ୍କାର କରିଦେବେ। ଗୋଟିଏ ସପ୍ତାହ ଅପେକ୍ଷା କରିବା ପରେ ଦୁର୍ଯ୍ୟୋଧନ ଫେରି ନଥିବା ଦେଖି ଗାଁର ଲୋକମାନେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କଲେ ଏବଂ ତାଙ୍କର ଆତ୍ମା ଫେରିଆସିଥିବାର ବିଶ୍ୱାସ କରି ମନ୍ଦିର ନିର୍ମାଣ କରାଇ ଥିଲେ। ତେଣୁ ଏବେ ମଧ୍ୟ ଦୁର୍ଯ୍ୟୋଧନଙ୍କ ଆତ୍ମାର ଅସ୍ତିତ୍ୱକୁ ବିଶ୍ୱାସ କରି ପ୍ରତ୍ୟେକ ଶୁକ୍ରବାରଦିନ ସେଠାରେ ବିଶେଷ ପୂଜାର୍ଚ୍ଚନା କରାଯିବା ସହ ତାଡ଼ି ଭୋଗ ଅର୍ପଣ କରାଯାଉଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦୁର୍ଯ୍ୟୋଧନଙ୍କ ଉଦ୍ଦେଶ୍ୟରେ 'ମଲନାଡ଼ା ମହୋତ୍ସବ'ର ଆୟୋଜନ ହୋଇଥାଏ, ଯେଉଁଥିରେ ପ୍ରକୃତିର ସୁରକ୍ଷା ଓ ଭଲ ଫସଲ ଉତ୍ପାଦନ ପାଇଁ ଆଶିଷ ଭିକ୍ଷା କରାଯାଏ। ୮ ଦିନ ଧରି ଚାଲୁଥିବା ଏହି ଉତ୍ସବରେ ଲକ୍ଷାଧିକ ଭକ୍ତ ଯୋଗ ଦିଅନ୍ତି।

ଦୁର୍ଯ୍ୟୋଧନଙ୍କ ସହିତ ଅନ୍ୟ କୌରବ ଭାଇ ଓ ଭଗ୍ନୀ ଦୁଶାଳାଙ୍କର ମନ୍ଦିର ମଧ୍ୟ କୋଲମଠାରେ ଅଛି। ମହାଭାରତ ଯୁଦ୍ଧ ପରେ ଦୁଶାଳା ଭୋକଶୋଷରେ ଅତିଷ୍ଠ ହୋଇ ରାଜ୍ୟ ଛାଡ଼ି ପଳାଇ ଆସିଥିଲେ। କୋଲମଠାରେ ପହଞ୍ଚିବା ପରେ ସେ ଗୋଟିଏ ଜମିରେ କାଠି ଦ୍ୱାରା ଭୂମିରୁ ପାଣିର ଉତ୍ସ ସୃଷ୍ଟି କରିଥିଲେ ଏବଂ ସେହି କାଠିକୁ ଉକ୍ତ ଜମିରେ ପୋତି ଦେଇଥିଲେ ବୋଲି ଲୋକକଥା ଅଛି। ତେଣୁ ଉକ୍ତ ଜମିରେ ଦୁଶାଳାଙ୍କର ଗୋଟିଏ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ମନ୍ଦିର ଦୁର୍ଯ୍ୟୋଧନ ମନ୍ଦିରଠାରୁ ମାତ୍ର ୬ କି.ମି. ଦୂର ଏବଂ ଏହି ଜମିରୁ ହେଉଥିବା ଫସଲ କେବଳ ଠାକୁରଙ୍କ ଭୋଗ ପାଇଁ ପାଇଁ ଉଦ୍ଦିଷ୍ଟ।

ଉତ୍ତରାଖଣ୍ଡରେ ଥିବା ଦୁର୍ଯ୍ୟୋଧନଙ୍କ ମନ୍ଦିର ସ୍ଥାନୀୟ ଲୋକକଥା ଅନୁସାରେ ନିର୍ମାଣ କରାଯାଇଛି। ଏକଦା ଦୁର୍ଯ୍ୟୋଧନ ଉତ୍ତରାଖଣ୍ଡର ଜୋନ୍‌ସୋର୍-ବାବର କ୍ଷେତ୍ର ହନୋଲ୍ ଯାତ୍ରାରେ ଆସିଥିଲେ। ଏଠାକାର ପ୍ରାକୃତିକ ସୁନ୍ଦରତାରେ ସେ ବିମୋହିତ ହୋଇ ସ୍ଥାନୀୟ ଦେବତା ମହାସୁଙ୍କୁ ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗୋଟିଏ ଘାଟି ମାଗିଲେ। ମହାସୁ ଦୁର୍ଯ୍ୟୋଧନଙ୍କୁ ଘାଟି ଦେବା ପାଇଁ ଗୋଟିଏ ସର୍ତ୍ତର୍ ରଖିଲେ ଯେ, ସବୁବେଳେ ସେ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ସହିତ ତାଙ୍କର ଦୁଃଖକଷ୍ଟ ହରଣ କରିବେ। ଏଥିରେ ଦୁର୍ଯ୍ୟୋଧନ ରାଜି ହୋଇଗଲେ। ସେବେଠାରୁ ଆଜି ପର୍ଯ୍ୟନ୍ତି ଦୁର୍ଯ୍ୟୋଧନ ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଜଖୋଲ୍ ଗାଁର ରକ୍ଷକ ଦେବତା ଭାବେ ପୂଜା ପାଇ ଆସୁଛନ୍ତି। କୁହାଯାଏ ଯେ, ଦୁର୍ଯ୍ୟୋଧନଙ୍କ ମୃତ୍ୟୁରେ ଲୋକମାନେ ଏତେମାତ୍ରାରେ କାନ୍ଦିଥିଲେ ଯେ, ସେମାନଙ୍କ ଲୁହରୁ ତମସ ନାମକ ନଦୀର ଉତ୍ପତ୍ତି ହୋଇଥିଲା, ଯାହାକୁ ଏବେ ଟୋସ୍ ନଦୀ କୁହାଯାଉଛି। ଏହା ବ୍ୟତୀତ ଦୁର୍ଯ୍ୟୋଧନଙ୍କ ମନ୍ଦିର ନିର୍ମାଣକୁ ନେଇ ଏକାଧିକ ଲୋକକଥା ଅଛି। ଏହି ମନ୍ଦିରକୁ ବର୍ତ୍ତମାନ ସମୟରେ ଗୋଟିଏ ଶୈବପୀଠ ବୋଲି କୁହାଯାଉଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଚଳାବସ୍ଥା

## ମିଳୁନି ସରକାରୀ ଅନୁଦାନ; ବକେୟା ୧.୪୫ କୋଟି

**ସାମଗ୍ରୀ ଦେବାକୁ ମନା କରିଦେଲେ ଟେଣ୍ଡରଧାରୀ**

**ପ୍ରଶାସନ ହସ୍ତକ୍ଷେପ ସତ୍ତ୍ୱେ ଆନ୍ଦୋଳନକୁ ଓହ୍ଲାଇବେ ସେବାୟତ**



**ବାରିପଦା, ୩୦।୧୦ (ସମିସ):** ମନ୍ଦିର ପରିଚାଳନା ପାଇଁ ଦୀର୍ଘଦିନ ହେଲା ସରକାରୀ ଅନୁଦାନ ମିଳୁ ନ ଥିବାରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିରରେ ଅଚଳାବସ୍ଥା ଦେଖାଦେଇଛି। ଫଳରେ ଗୁରୁବାର ଟେଣ୍ଡରଧାରୀଙ୍କ ସାମଗ୍ରୀ ଯୋଗାଣ ବନ୍ଦ ନିଷ୍ପତ୍ତି ପରେ ଦିଅଁଙ୍କ ନିତ୍ୟାନୀ ସେବା ଓ ଭୋଗଲାଗି ବନ୍ଦ ଆଶଙ୍କା ଦେଖାଦେଇଥିଲା; ହେଲେ ପ୍ରଶାସନର ହସ୍ତକ୍ଷେପ ପରେ ସେବା ଓ ଭୋଗ ପାଇଁ ସାମଗ୍ରୀ ପୂର୍ବଭଳି ଯୋଗାଯିବାକୁ ଥିବାବେଳେ ଉତ୍ପନ୍ନ ପରିସ୍ଥିତି ଟଳିଛି; ପରନ୍ତୁ ଏହାର ସ୍ଥାୟୀ ପ୍ରତିକାର ନ ହେଲେ ସେବାୟତମାନେ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେ ବାରିପଦା ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ବାର୍ଷିକ ଖୋଲା ଟେଣ୍ଡର ଆହ୍ୱାନ କରାଯାଇଥାଏ।

ଦୈନନ୍ଦିନ ସେବା ଓ ବିଭିନ୍ନ ଭୋଗ ପାଇଁ ଗ୍ରୋସରୀ ଓ ପୂଜା ସାମଗ୍ରୀ, କାଠ, ଲୁଗା, ମିଠା, ପାନ, ଦୁଗ୍ଧ, ଘିଅ ଆଦି ଯୋଗାଇବା ପାଇଁ ଭିନ୍ନ ଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଟେଣ୍ଡର ନେଇଛନ୍ତି ; କିନ୍ତୁ ସେମାନଙ୍କୁ ଠିକ ସମୟରେ ତାଙ୍କର ଟଙ୍କା ଦିଆଯାଉ ନ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରତିଦିନ ସେବା ଓ ଭୋଗ ସହିତ ପର୍ବପର୍ବାଣି ପାଇଁ ଅତିରିକ୍ତ ଖର୍ଚ୍ଚ ମଧ୍ୟ ରହିଛି। ଏହି କ୍ରମରେ ଏ ଯାଏ ୧ କୋଟି ୪୫ ଲକ୍ଷ ଟଙ୍କା ବାକି ପଡ଼ିଛି।

ଗୁରୁବାର ଜଣେ ଯୋଗାଣକାରୀ ଦେଢବର୍ଷ ଧରି ୨୨ଲକ୍ଷରୁ ଊର୍ଦ୍ଧ୍ୱର୍ ଟଙ୍କା ପାଇନଥିବାରୁ ସାମଗ୍ରୀ ଯୋଗାଇବାକୁ ମନା କରିଦେଇଥିଲେ। ଫଳରେ ମନ୍ଦିରର ଅଚଳାବସ୍ଥା ସହିତ ଠାକୁର ଉପାସ ରହିବା ପରିସ୍ଥିତି ଆଶଙ୍କା ସୃଷ୍ଟି ହୋଇଥିଲା। ଏ ନେଇ ରାଜ୍ୟ ସେବାୟତ ସଂଘ ସଭାପତି ଶ୍ରୀ ତ୍ରିପାଠୀ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଅଧ୍ୟକ୍ଷ ସଞ୍ଜିବ ରାଉତ, ସୁଜିତ ମହାନ୍ତି ଭାରପ୍ରାପ୍ତ ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡାଙ୍କୁ ସାକ୍ଷାତ କରିଥିଲେ। ଯୋଗାଣ ସାମଗ୍ରୀ ଯୋଗାଉଥିବା ଟେଣ୍ଡରଧାରୀ ମଧ୍ୟ ଉପସ୍ଥିତ ଥିଲେ। ଖୁବଶୀଘ୍ର ସମାଧାନ ପନ୍ଥା ବାହାର କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବାରୁ ପୂର୍ବବତ ସାମଗ୍ରୀ ଯୋଗାଯିବା ନିଷ୍ପତ୍ତି ହୋଇଥିଲା। ତେବେ ବାରମ୍ବାର ଏପରି ଅଚଳାବସ୍ଥା ଦୂର ପାଇଁ ସ୍ଥାୟୀ ପଦକ୍ଷେପ ନ ନିଆଗଲେ ମନ୍ଦିରର ସେବାୟତଗଣ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଦିଅଁଙ୍କ ନିକଟରେ ପ୍ରତିଦିନ ସକାଳ ୬ଟା, ପୂର୍ବାହ୍ନ ୧୦ଟା, ୧୧ଟା, ଅପରାହ୍ନ ୫ଟା, ସନ୍ଧ୍ୟା ୭ଟା, ୯ଟା ଓ ୧୦ଟାରେ ଗୋପାଳ ବଲ୍ଲଭ, ଖେଚୁଡ଼ି, ମୋଟା ଅନ୍ନ, ଆରିଷା ପିଠା, ସରୁ ଅନ୍ନ, ଖିରି-କାକରା, ବଲ୍ଲଭ, ମୋହନ ଭୋଗ, ଉଖୁଡା ଓ ମିଠା ଭୋଗଲାଗି ହୋଇଥାଏ। ସାମଗ୍ରୀ ଯୋଗାଣ ବନ୍ଦ ଚେତାବନୀ ଦେବା ପରେ ଏହି ସମସ୍ତ ଭୋଗ ବନ୍ଦ ଆଶଙ୍କା ଦେଖାଦେଇଥିଲା। ତେବେ ବାରିପଦାର ଦେବୋତ୍ତର ବିଭାଗ ଅଧୀନରେ ୨୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥି ନିମନ୍ତେ ୪୪ ହଜାର ୭୦୦ ଏକର ଜମି ଖଞ୍ଜାଥିବା ସ୍ଥଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା ଓ ଲୋକଙ୍କ ଜବରଦଖଲରେ ରହିଛି। ଫଳରେ ଉକ୍ତ ଜମିରୁ କୋଣସି ରାଜସ୍ୱ ଆୟ ହୋଇପାରୁନାହିଁ। ତେଣୁ ଉକ୍ତ ଜମିରୁ ମଠ, ମନ୍ଦିର ପରିଚାଳନା ନେଇ ସୁବ୍ୟବସ୍ଥା କରିବାକୁ ଦାବି ହେଉଛି। ଓଡିଆ ଅସ୍ମିତାର ଦ୍ୱାହି ଦେଇ ସରକାର ପରିବର୍ତ୍ତନ ପରେ ମନ୍ଦିର ପରିଚାଳନା ଅବ୍ୟବସ୍ଥା ବାସ୍ତବିକ ନିନ୍ଦନୀୟ ଓ ଅକ୍ଷମଣୀୟ ବୋଲି କୁହାଯାଉଛି।

# ନୀରବିଗଲେ କବି ତଥା ରାଜନେତା ଶଙ୍କର ପରିଡ଼ା



**ପୁରୀ,୩୦।୧୦(ସମିସ):** ବିଶିଷ୍ଟ କବି ତଥା ପ୍ରବୀଣ ରାଜନେତା ଶଙ୍କର୍ଷଣ (ଶଙ୍କର) ପରିଡ଼ାଙ୍କ ୬୬ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଫୁସ୍‌ଫୁସ୍ ଜନିତ କ୍ୟାନ୍ସରରେ ପୀଡ଼ିତ ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ବମ୍ବେରେ ଚିକିତ୍ସିତ ହୋଇ ଭୁବନେଶ୍ୱର ଘରକୁ ଫେରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ମଙ୍ଗଳବାର ରାତିରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଭେଣ୍ଟିଲେଟର୍‌ରେ ଚିକିତ୍ସାଧୀନ ଥିବାବେଳେ ଗୁରୁବାର ତାଙ୍କର ପରଲୋକ ଘଟିଛି। ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ପ୍ରଥମେ ତାଙ୍କ ଜନ୍ମମାଟି ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁକୁ ନିଆଯାଇଥିଲା। ସେଠାରୁ ପୁରୀ ବାସଭବନ 'ଇନ୍ଦ୍ରପ୍ରସ୍ଥ'କୁ ଅଣାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ପରେ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ସାନଭାଇ ଗୋଲକ ପରିଡ଼ା ମୁଖାଗ୍ନି ଦେଇଥିବା ବେଳେ ପାଖରେ ୨ କନ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ଶୁଭେଚ୍ଛୁ, ସମ୍ପର୍କୀୟ, ସାହିତ୍ୟିକ, କବି ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ମାର୍କଣ୍ଡପୁର ଗାଁରେ ୧୯୬୧ ମସିହାରେ ଜନ୍ମିତ ଶଙ୍କର ପୁରୀ ଏସ୍‌ସିଏସ୍ କଲେଜରୁ ବିଏ ପାସ୍ କରିଥିଲେ। ଏଜୁକେସନରେ ଏମ୍‌ଏ କରିଥିବା ଶଙ୍କର ଓଡ଼ିଶାର ଜଣେ ତରୁଣ କବି ଭାବେ ପରିଚୟ ସାଉଁଟିଥିଲେ। ସେ ଥିଲେ ଶବ୍ଦର କବି। ତାଙ୍କର ପ୍ରକାଶିତ କବିତା ପୁସ୍ତକ ମଧ୍ୟରେ 'ମାୟାମଞ୍ଚ', 'ଶବ୍ଦ ଦର୍ପଣ', 'ନିଜ ପାଇଁ ନାନାବାୟା ଗୀତ', 'ସମୟର ସ୍ୱରବର୍ଣ୍ଣ', 'ଚିତ୍ରାକ୍ଷର' ଏବଂ 'କବିତା କଣିକା' ଥିଲା ଅନ୍ୟତମ। କେବଳ କବିତାରେ ନୁହେଁ, ଜଣେ ରାଜନେତା ଭାବେ ସେ ବେଶ୍ ପରିଚୟ ସୃଷ୍ଟି କରିପାରିଥିଲେ। ବାଲିପୁଟ ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଜନପ୍ରତିନିଧି, ପୁରୀ ସଦର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ, ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ କତା ଶିଳ୍ପ ନିଗମର ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ପଞ୍ଚାୟତ ପରିଷଦର ସଭାପତି ରହିଥିଲେ। ପଞ୍ଚାୟତିରାଜ ଉପରେ ଜାତୀୟସ୍ତରରେ ଏକଦା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିରାଟ ବ୍ୟକ୍ତିତ୍ୱ, ପ୍ରଚଣ୍ଡ ବାଗ୍ମୀ ପୁରୁଷ, ବିଶିଷ୍ଟ ସମାଲୋଚକ, ରାଜନୈତିକ ସମୀକ୍ଷକ ସ୍ୱର୍ଗତ ପରିଡ଼ା ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ଜନସଚେତନତା ସୃଷ୍ଟି କରୁଥିଲେ। ୮ ବର୍ଷ ଧରି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଅବସ୍ଥାପିତ ହୋଇ ସେବା ଦେଇଛନ୍ତି। ଓଡ଼ିଆ ଯୁବ ଲେଖକ ସମ୍ମିଳନୀର ସଭାପତି, ଅଭିନନ୍ଦନିକାର ଉପଦେଷ୍ଟା ଓ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ଉପଦେଷ୍ଟା ଭାର ତୁଲାଇଛନ୍ତି। ସେ ହିଁ ଏକମାତ୍ର ରାଜନେତା ଯାହାଙ୍କ ବିଜୟରେ ଖୁସି ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅକ୍ଟୋବର ୧୭ରେ ଶେଷ ଜନ୍ମଦିନ ହସ୍ପିଟାଲ ବେଡ୍‌ରେ ପାଳନ ବେଳେ ଲେଖିଥିଲେ ଶେଷ କବିତା 'ଆଜି ହାସ୍‌ପାତାଳରେ ଜନ୍ମଦିନ'।

ମରଶରୀର ନିକଟରେ ପତ୍ନୀ ଶୁଭ୍ରା ନାୟକ ପରିଡ଼ା, ଝିଅ ଶକ୍ତି ସ୍ୱରୂପା, ଶକ୍ତି ସମ୍ପନ୍ନାଙ୍କ ସମେତ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ରକ୍ଷକ ନାୟକ, ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ପବିତ୍ର ମୋହନ ଦାଶ, ଚିନ୍ମୟ ବିବେକ, ମଧୁସୂଦନ ମିଶ୍ର, ବୀରେନ୍ଦ୍ର ଭୂଷଣ ହୋତା, ଅଜୟ ପ୍ରଧାନ, ବ୍ରଜକିଶୋର ସାହୁ, ମାନମୟୀ ରଥ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ୨ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାରିପଦା/ଉଦଳା, ୩୦।୧୦(ସମିସ):** ବିଚାରପତି ପ୍ରଦୀପ କୁମାର ବେହେରା ୨ ଜଣ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ଆଦେଶ କରିଛନ୍ତି। ସେହିପରି ଅନ୍ୟଜଣେ ଦୁଷ୍କର୍ମକାରୀଙ୍କୁ ୧୦ ବର୍ଷ ଜେଲ ଓ ୨୫ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ପ୍ରକାଶ କରିଛନ୍ତି। ଆଦେଶନାମା ଅବମାନନା କଲେ ଆଉ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଆଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଜେଲ୍ ଜଗିବେ...

ଚମ୍ପଟ ମାରିବା ଘଟଣାକୁ ମାସେ ପୂରିବାକୁ ଯାଉଛି। ଦୁଇ କୁଖ୍ୟାତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାରଙ୍କର ପତ୍ତା ପୁଲିସ ପାଇନାହିଁ। ଏପରିକି ଏହି ଫେରାର୍ ଘଟଣା ପଛରେ କୁଖ୍ୟାତ ଅପରାଧୀ ସୁବ୍ରତ ସିଂହ ସହ ରାଜ୍ୟର କିଛି ଜେଲ୍ କର୍ମଚାରୀଙ୍କ ବୁଝାମଣା ଅଭିଯୋଗର ତଦନ୍ତ ହୋଇନାହିଁ। ସେହିପରି କିଛି ଦିନ ତଳେ ସୋର ଜେଲରୁ ଜଣେ ଚକମା ଦେଇ ଖସି ଯାଇଥିବାବେଳେ ଚୌଦ୍ୱାର ଜେଲରେ ଗୋଷ୍ଠୀ ସଂଘର୍ଷ, ନୟାଗଡ଼ ଜେଲରେ ବନ୍ଦୀମାନଙ୍କ ମଧ୍ୟରେ ମୁହାଁମୁହିଁ ଘଟଣା ଜେଲସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନିଜ ଛବି ସୁଧାରିବାକୁ ଜେଲ୍ ବିଭାଗ ହୋମ୍‌ଗାର୍ଡ଼ମାନଙ୍କୁ ଜେଲରେ ନିଯୁକ୍ତି ଦେବାକୁ ଯୋଜନା କରିଛି। ମାତ୍ର ଏହାପରେ ଯଦି କୌଣସି ଜେଲରୁ କଏଦୀ ବା ଅପରାଧୀ ଫେରାର ହୁଅନ୍ତି; ସେଥିପାଇଁ ଉତ୍ତରଦାୟୀ କିଏ ହେବ ? ଜେଲ୍‌ରେ ନିଯୁକ୍ତ ହୋମ୍‌ଗାର୍ଡ଼ ନା ଜେଲ୍ ବିଭାଗ ଅଧିକାରୀ ? ଏ ସମ୍ପର୍କରେ ଜେଲ୍ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନାହିଁ।

## ଖଣି ପଟ୍ଟାଦାରଙ୍କ...

ହୋଇପାରିଛି। ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ଆଦାୟ ହୋଇପାରି ହୋଇ ନ ଥିବାରୁ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅପରପକ୍ଷେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ତୁରନ୍ତ ସୁଧାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ସେ ବ୍ୟକ୍ତିଗତ ଭାବରେ ଏନେଇ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରିବେ ଏବଂ ଯେଉଁ ଆଇନଗତ ପଦକ୍ଷେପ ଆବଶ୍ୟକ, ତାହା ଗ୍ରହଣ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ଖଣ୍ଡପୀଠଙ୍କୁ ଅବଗତ କରିବା ପରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପାଇଁ ୮ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ଡିସେମ୍ବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ନେଇ ତାରିଖ ଧାର୍ଯ୍ୟ ହୋଇଛି।

## ଜଷ୍ଟିସ୍ ସୂର୍ଯ୍ୟକାନ୍ତ...

୧୪ ମାସ ଦାୟିତ୍ୱରେ ରହିବେ। ସେ ୨୦୨୭ ଫେବୃଆରୀ ୯ ରେ ଅବସର ଗ୍ରହଣ କରିବେ। ଜିଜେଆଇ ଗଭାଇ ସୋମବାର ପ୍ରଧାନ ବିଚାରପତି ପଦ ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନାମ ସୁପାରିସ କରିଥିଲେ। ୨୦ ବର୍ଷର କାର୍ଯ୍ୟକାଳରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏକାଧିକ ମାମଲାରେ ଐତିହାସିକ ରାୟ ଶୁଣାଇଛନ୍ତି। ପେଗାସସ୍ ଗୁପ୍ତଚର ମାମଲାରେ ସେ ଖଣ୍ଡପୀଠର ଅଂଶ ଥିଲେ। ସେ ସାଇବର ବିଶେଷଜ୍ଞଙ୍କ କମିଟି ଗଠନ କରି ଏହି ମାମଲାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହରିୟାଣାର ପ୍ରଥମ ବ୍ୟକ୍ତି ଭାବେ ସିଜେଆଇ ଭାବେ ନିଯୁକ୍ତି ପାଇଛନ୍ତି। ସେ ବିହାର ଏସ୍‌ଆଇଆର୍ ମାମଲରେ ମଧ୍ୟ ଶୁଣାଣି କରିଥିଲେ। ମେଟ୍ରିକ ପରୀକ୍ଷା ଦେବାକୁ ଯିବା ବେଳେ ସେ ପ୍ରଥମଥର ପାଇଁ ସହର ଦେଖିଥିଲେ।

## ଆଣବିକ ଗବେଷଣା...

କରାଯାଉଛି। ତାଙ୍କଠାରୁ ଜବତ ହୋଇଥିବା ପରମାଣୁ ତଥ୍ୟ ଓ ସମ୍ବେଦନଶୀଳ କାଗଜପତ୍ର ଏହି ନେଟ୍‌ୱର୍କକୁ ସେ ବିକ୍ରି କରିବାକୁ ଚେଷ୍ଟା କରୁଥିବା ସନ୍ଦେହ କରାଯାଉଛି। ଅଖତାର କୁତ୍‌ବୁଦ୍ଦିନ ଗତ କିଛିବର୍ଷ ହେବ ଭିନ୍ନ ଭିନ୍ନ ନାମରେ ନିଜର ପରିଚୟ ସୃଷ୍ଟି କରୁଥିଲେ।

## ନବୀନଙ୍କ ଇଙ୍ଗିତ...

ରୋଡ୍ ପର୍ଯ୍ୟନ୍ତ ନବୀନଙ୍କ ଶୋଭାଯାତ୍ରା ପୂର୍ବରୁ ତାଙ୍କର ଟ୍ୱିଟ୍ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ପୂରା ଉତ୍ସାହିତ କରିଛି। ନବୀନଙ୍କ ଏହି ଗସ୍ତ ସବୁ ରାଜନୈତିକ ସମୀକରଣକୁ ବଦଳାଇଦେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଦଳୀୟ ପ୍ରାର୍ଥୀ ରୂପେ ସ୍ନେହାଙ୍ଗିନୀଙ୍କୁ ମନୋନୀତ କରି ନବୀନଙ୍କ ନିଷ୍ପତ୍ତି ବିରୋଧୀଙ୍କୁ ଚକିତ କରିଥିଲା। ସେହିପରି ଦଳର ରଣନୀତିକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶାର ଦମଦାର ନେତାମାନଙ୍କୁ ପ୍ରଚାର ଏବଂ ନିର୍ବାଚନ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ବିଶେଷକରି ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ, ଏନ୍‌ଏସିଯାଏଁ ନିର୍ଦ୍ଦିଷ୍ଟ ନେତାଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂଆପଡ଼ା ରାଜନୀତି ପାଣିପାଗକୁ ମାପି ନବୀନ ପ୍ରଥମେ ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟି କରିଥିଲେ। ଏହାପରେ ପରେ ଦଳର ଆଗଧାଡ଼ିର ନେତାଙ୍କୁ ବିବିନ୍ନ ଦାୟିତ୍ୱ ନ୍ୟସ୍ତ କରିଥିବା ବେଳେ ଦଳ ସୁଚିନ୍ତିତ ଢଙ୍ଗରେ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜାରି ରଖିଛି। ବଡ଼ ବଡ଼ ସଭା ବଦଳରେ ଦଳୀୟ ନେତାମାନେ ଗୋଟିଏ ଦିନରେ ପ୍ରାୟ ୨୦ରୁ ଅଧିକ ସଭା କରୁଛନ୍ତି। ଏପରିକି ବିଜେଡିର ଜଣେ ନେତାଙ୍କୁ ଜଗିବା ପାଇଁ ଶାସକ ବିଜେପି ୩ ଜଣଙ୍କୁ ଲଗାଇଥବା ନେଇ ସ୍ଥାନୀୟ ଅଞ୍ଚଳର ରାଜନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ସେହିପରି ନିଜେ ପ୍ରାର୍ଥୀ ସ୍ନେହାଙ୍ଗିନୀ ଏକାଧିକ ସ୍ଥାନରେ ପଦଯାତ୍ରା କରି ନିଜ ପାଇଁ ଭୋଟ ମାଗୁଛନ୍ତି। ଏପଟେ ନବୀନ ଦଳରୁ ଦୂରେଇ ରହିଥିବା ଟାଣୁଆ ନେତାଙ୍କୁ ପୁଣିଥରେ ଦଳକୁ ଫେରାଇ ଦଳର ଶକ୍ତି ବୃଦ୍ଧି କରିଛନ୍ତି।

ସ୍ଥାନୀୟ ଅଞ୍ଚଳରେ ଦଳର ଟାଣୁଆ ନେତା ଭାନୁପ୍ରତାପ ସିଂହ ପ୍ରତ୍ୟକ୍ଷ ଭାବରେ ପ୍ରଚାରରେ ନିଜକୁ ସାମିଲ କରିଛନ୍ତି ଓ ସ୍ନେହାଙ୍ଗିନୀଙ୍କୁ ନୂଆପଡ଼ା ରାଜନୀତିର ସବୁ ଦାଓପେଞ୍ଚ ସମ୍ପର୍କରେ ଅବଗତ କରିଛନ୍ତି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ କ୍ଷମତାରେ ନ ଥିଲେ ବି ନୂଆପଡ଼ାରେ ନବୀନଙ୍କର ସ୍ୱତନ୍ତ୍ର କ୍ରେଜ ରହିଛି। ନୂଆପଡ଼ା ଜିଲ୍ଲାରେ ଯାହା କିଛି ବିକାଶ ହୋଇଛି, ତାହା ନବୀନଙ୍କ ସମୟରେ ହିଁ ହୋଇଛି। ନବୀନ ନିଜେ ପ୍ରଚାର ମଞ୍ଚ ଧରିଲେ ଏହାର ପ୍ରଭାବ ନିଶ୍ଚୟ ଅନୁଭୂତ ହେବ ବୋଲି ବିରୋଧୀ ଦଳର ସମର୍ଥକମାନେ ମଧ୍ୟ ମତ ଦେଉଛନ୍ତି। ନବୀନ ପ୍ରଚାର ମଇଦାନକୁ ଓହ୍ଲାଇବା ପରେ ନୂଆପଡ଼ା ପ୍ରଚାର ରାଜନୀତି ଆହୁରି ଉଷ୍ମତା ଧରିବ ବୋଲି ଏବେ ସାଧାରଣରେ ମତପ୍ରକାଶ ପାଇଛି।

## ଅଷ୍ଟ୍ରେଲିଆକୁ ହରାଇ...

ଏହି ବିଜୟ ସହ ଭାରତ ତୃତୀୟଥର ଲାଗି ବିଶ୍ୱକପ୍ ଫାଇନାଲରେ ପହଞ୍ଚିଛି। ଏଥିପୂର୍ବରୁ ୨୦୦୫ ଓ ୨୦୧୭ ସଂସ୍କରଣରେ ଭାରତ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଉଭୟଥର ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ଖେଳାଯିବ। ପୂର୍ବରୁ ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକା ୧୨୫ ରନରେ ଇଂଲଣ୍ଡକୁ ହରାଇ ପ୍ରଥମଥର ଲାଗି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା।

## ମାଉସୀ-ଝିଆରୀ...

ଭିମସାରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଓମ ଓ ପାୟଲ ଭାଇ-ଭଉଣୀ। ସେମାନେ ବଲାଙ୍ଗିରର ମୂଳ ବାସିନ୍ଦା। ବାପା ବୁର୍ଲାରେ ଚାକିରି କରୁଥିବାରୁ ମଝିରେ ମଝିରେ ବୁଲି ଆସନ୍ତି। କିଛି ଦିନ ତଳେ ସେମାନେ ବାପାଙ୍କ ପାଖକୁ ଆସିଥିଲେ। ଆଜି ଏକ ବାଇକ୍ ଓମ୍, ପାୟଲ ଓ ସେମାନଙ୍କ ଭଉଣୀ ଝିଅ ମାନିଆକୁ ସାଙ୍ଗରେ ନେଇ ସମ୍ବଲପୁର ସହରକୁ ଆସିଥିଲେ। ବୁଲାବୁଲି ସାରି ସେମାନେ ବୁର୍ଲା ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା କାର୍ (ନଂଓଡି୧୫ଏକ୍ସ-୫୩୧୫) ସେମାନଙ୍କୁ ଫିଲ୍ମ ଷ୍ଟାଇଲରେ ଧକ୍କା ଦେଇଥିଲା। ଏଥିରେ ବାଇକ୍‌ରୁ ପାୟଲ ଛିଟିକି ଓଭରବ୍ରିଜ ତଳକୁ ଖସି ପଡ଼ିଥିଲେ। ଓଭରବ୍ରିଜ ଉପରେ ଓମ ଓ ମାନିଆ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ସେମାନଙ୍କୁ ବୁର୍ଲା ପଠାଇଥିଲା। ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଓମ ଗୁରୁତର ରହିଛନ୍ତି। ସେପଟେ ଦୁର୍ଘଟଣା ଘଟାଇଥିବା କାରଟି ପୁଲିସ ଅଟକ ରଖିଥିବା ସୂଚନା ଦେଇଛି। କାର୍ ଚାଳକ ନିଶାଗ୍ରସ୍ତ ଅବସ୍ଥାରେ ଥିଲେ ନା ନାହିଁ ତାହା ଏବେ ଯାଏ ସ୍ପଷ୍ଟ ହୋଇନାହିଁ।

## ଗୋଟିଏ ଦେଶ...

ସୂଚନାଯୋଗ୍ୟ ଯେ ୨୦୨୨ ଅକଟୋବରରେ ରାଜ୍ୟ ଗୃହ ବିଭାଗ ସଚିବମାନଙ୍କର ଚିନ୍ତନ ଶିବିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଏହି ପ୍ରସ୍ତାବ ଦେଇଥିଲେ। ଏହାପରେ ୨୦୨୩ରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କୁ ଚିଠି ଲେଖି ମତାମତ ଲୋଡ଼ିଥିଲା। ଦେଶବ୍ୟାପୀ ପୁଲିସ କର୍ମଚାରୀଙ୍କ ପରିଚୟ, ଦାୟିତ୍ୱବୋଧ ଓ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏହା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ଜୀବନ ନେଉଛି...

ଫଳରେ ଏଭଳି ଅଘଟଣ ଘଟିଛି। ଅଗ୍ନିଶମ ବିଭାଗ ସୂଚନା ଅନୁସାରେ, ଗତ ୧୬ ତାରିଖରେ ଭୁବନେଶ୍ୱରରେ ରହୁଥିବା କେନ୍ଦୁପାଟଣା ଅଞ୍ଚଳର ଶିଶିକାନ୍ତ ସାହୁ(୩୭) ନିଜ କାର୍ ଆସି ମୁଣ୍ଡଳୀବ୍ରିଜ୍ ଉପରେ ମହାନଦୀକୁ ଡେଇଁ ପଡ଼ିଥିଲେ। ୩ଦିନ ପରେ ତାଙ୍କ ମୃତ ଉଦ୍ଧାର କରାଯାଇଥିଲା। ଗତ ୧୭ତାରିଖ ରାତିରେ ଗୋପାଳପୁର ନିକଟ କାଠଯୋଡ଼ି ବ୍ରିଜ୍ ଉପରେ ଅଶୁରେଶ୍ୱର ଅଞ୍ଚଳର ଅବିନାଶ ମହାପାତ୍ର(୩୩) ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ପାଣି କମ୍ ଥିବାରୁ ତାଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଗତ ୨୩ ତାରିଖରେ ଜଗତପୁର ଥାନା ଅଞ୍ଚଳରେ ଶିବାନୀ ମଲ୍ଲିକ(୨୫) ଯୋବ୍ରା ବ୍ରିଜ୍ ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହକୁ ୨୪ ତାରିଖ ପୂର୍ବାହ୍ନରେ ଚିତ୍ରୋତ୍ପଳା ନଦୀରୁ ଉଦ୍ଧାର କରାଯାଇଥିଲା। ଗତ ୨୭ତାରିଖରେ ବକ୍ସିବଜାର ଅଞ୍ଚଳର ମହେଶ୍ୱରୀ ପାଣ୍ଡେ(୩୬) ଯୋବ୍ରା ବ୍ୟାରେଜ୍ ଉପରେ ସ୍କୁଟି ରଖି ନଦୀକୁ ଡେଇଁଥିଲେ। ତାଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆଜି ନଦୀରେ ଜଣେ ନାବାଳକ ଗାଧେଇବା ଅବସ୍ଥାରେ ବୁଡ଼ି ଯାଇଛି। ମୋଟ୍ ୧୫ଦିନ ମଧ୍ୟରେ ୫ଜଣ ନଦୀରେ ବୁଡ଼ି ଯାଇଥିବା ବେଳେ ୨ଜଣଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଗତବର୍ଷ ୩୯ଜଣ ମହାନଦୀ ଓ କାଠଯୋଡ଼ିରେ ବୁଡ଼ି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ଜଣଙ୍କ ମୃତ୍ୟୁ ଘଟିଥିଲା। ଗତବର୍ଷ ନଦୀକୁ ଡେଇଁ ଆତ୍ମହତ୍ୟା କରିବା ଓ ନଦୀରେ ବୁଡ଼ିଯିବା ଘଟଣାକୁ ଲକ୍ଷ୍ୟ ରଖି ବ୍ରିଜ୍ ବାଡ଼ରେ ୬ଫୁଟ୍ ଉଚ୍ଚତାର ତାରଜାଲି ଲଗାଯିବା ଯୋଜନା କରାଯାଇଥିଲା। ବ୍ରିଜ୍ ମଧ୍ୟରେ ସିସି କ୍ୟାମେରା ଲଗାଯିବା ସହିତ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ବି କୁହାଯାଇଥିଲା। କଟକ ସହରରେ ଥିବା ସମସ୍ତ ବ୍ରିଜ୍‌ରେ ଆତ୍ମହତ୍ୟାନିରୋଧ ବିକଳ୍ପ ବ୍ୟବସ୍ଥା କରାଯିବାକୁ ଉଭୟ ଜିଲ୍ଲା ପ୍ରଶାସନ, ମହାନଗର ନିଗମ, ଜଳସମ୍ପଦ ବିଭାଗ ମିଳିତ ଭାବେ ପ୍ରକ୍ରିୟା ଆରମ୍ଭ କରିଥିଲା। ମୁଣ୍ଡଳୀ, ନରାଜ, ସୁଭାଷ ସେତୁ, ମଧୁ ସେତୁ ଓ ଜାତୀୟ ରାଜପଥରେ ମହାନଦୀ ଓ କାଠଯୋଡ଼ିରେ ଥିବା ସେତୁରେ ତାରଜାଲି ଲଗାଯିବାକୁ ସମସ୍ତ ପୂର୍ବପ୍ରସ୍ତୁତି ହୋଇଥିଲା। ଏହା ଭିତରେ ୧ ବର୍ଷ ବିତିଯାଇଛି। ଚିହ୍ନଟ ସ୍ଥାନରେ ସିସି କ୍ୟାମେରା ଲଗାଯିବା ତ ଦୂରର କଥା ତାର ଜାଲି ଲଗାଯାଇ ପାରିନାହିଁ। ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ଉଠିଛି।


**NOTICE**

By virtue of an affidavit sworn before the Notary Public, Cuttack, dated 28.10.2025, I, Chanda Murmu, aged about 33 years, W/o Bhuktu Marndi, resident of At-Nusadihi, Badada, PS-Rairangpur, Dist-Mayurbhanj, Odisha, Pin-757043, have changed my son's name from Piru Marandi to Piru Marndi. Henceforth, he shall be known as Piru Marndi for all purposes.

Chanda Murmu

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-122025-OFC

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଝାରସୁଗୁଡ଼ା ରୋଡ଼(RD)-ସିଙ୍ଗାପୁର ରୋଡ଼(RD) ଜଂକ୍ସନ(Ex), ଲାଖୋଲି(Ex) - ଟିଟିଲାଗଡ଼ ଏବଂ ସମ୍ବଲପୁର ଜଂକ୍ସନ - କେରେଜଙ୍ଗା(Ex) ସେକ୍ସନରେ କବଚ ଏବଂ LTE ନିମନ୍ତେ ଯୋଗାଯୋଗ ବ୍ୟାକ୍‌ବୋନ୍ ଭାବେ ଅପ୍ଟିକାଲ ଫାଇବର କେବୁଲର ଯୋଗାଣ, ପରିବହନ, ଗର୍ତ୍ତ ଖନନ, ବିଛାଇବା, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ।

**ଆନୁମାନିକ ମୂଲ୍ୟ (₹) :** 33,90,01,238/-, EMD (₹) : 18,45,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.12.2025 ରିଖ 1030 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, (T&NW), ଭୁବନେଶ୍ୱର

PR-149/CI/25-26

**AFFIDAVIT**

By virtue of an affidavit no-2807 sworn before the Executive Magistrate, Sukinda on dtd-29/10/2025, I **Bhanumati Mohanta,** W/o- Nilamber Mohanta resident of At- Sansailo Tata Colony, Po- Sansailo, Ps- Sukinda, Dist- Jajpur, Pin-755018, I have changed my name from **Bhanumani Mohanta** (old name) to **Bhanumati Mohanta** (new name). Henceforth both the name **Bhanumani Mohanta** and **Bhanumati Mohanta** is one & same person & I shall be known as **Bhanumati Mohanta** for all future purposes.

Bhanumati Mohanta

**AFFIDAVIT**

By virtue of an affidavit sworn before the Notary Public, Baripada, District- Mayurbhanj, dated- 30/10/2025, I **Prativa Manjari Dan,** aged 60yrs, W/o- Suresh Chandra Pradhan, resident of At/Po- Takatpur, Ps- Baripada, District- Mayurbhanj, Pin- 757003, Odisha declare that **Prativa Manjari Dan** & **Prativa Manjari Pradhan** is one and same person. The same is mentioned in my daughter's Certificates, daughter's name **Ipsita Pradhan,** and Henceforth shall be used for all purpose.

**NOTICE**

By virtue of an affidavit sworn before the Notary Public, Sunabeda dated 27/10/2025 I, Sri Raghu Guntha, S/o- Chaitan Guntha, Vill.- Badaput, Po.- Semala, Ps.- Nandapur, District- Koraput, Odisha declare that, I have changed my son's name from **Parshu Guntha** to **Porsuram Guntha**. Henceforth, my son shall be known as **Porsuram Guntha** for all purposes.

Sd/- Raghu Guntha

**AFFIDAVIT**

I Biplab Kumar Jena, age- 48 , of Resident-At/Po- Durpal,Ps- Kamarda,Dist-Balasore , Odisha, declared by affidavit before In The Court of Executive Magistrate , Remuna, No.1143, dtd-17/10/2025 that as per Aadhar my actual name is Biplab Kumar Jena ,wife's name is Madhusmita Dutta and my daughter's name is Akarsha Jena, which has wrongly mentioned in my daughter Birth certificate that Kumari Akarsha Jena , D/o- Biplab Kumar and Madhusmita Jena . Hence I Declared that Kumari Akarsha Jena & Akarsha Jena , Biplab Kumar & Biplab Kumar Jena, Madhusmita Jena & Madhusmita Dutta same and one person for all future purpose.

**AFFIDAVIT**

I, Susmita Behera, W/o- Manoj Kumar Behera, resident of Good Will Residency, Flat No. 201, Block-B, Jail Road, Jharpada, PO- Budheswari Colony, Bhubaneswar, Dist- Khurda, PIN- 751006, Odisha declare by this affidavit No. 289, dtd- 30.10.2025 that now onwards I shall be known as **SASMITA BEHERA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Padampur, I, Yashraj Gupta, At-Padampur W.No.1, Po-Rajborasambar, Ps-Padampur, Dist-Bargarh, Odisha-768036 have changed my name from S. Rajkumar Gupta to Yashraj Gupta. Henceforth I shall be known as Yashraj Gupta for all purposes.

**Sd/- Yashraj Gupta**

**NOTICE**

By virtue of an affidavit sworn before the Notary Public, Cuttack, dated 27.10.2025, I, Anuradha Sahoo, W/o Gyanaranjan Acharya, D/o Harihar Sahoo, permanent resident of At/P.O. - Batira, Dist-Kendrapara, Odisha, Pin-754140 and presently residing at At-Nuabazar, P.O. – Paradeep, Dist-Jagatsinghpur, Odisha, Pin-754142, have changed my name and surname from Anuradha Acharya to Anuradha Sahoo. Henceforth, I shall be known as Anuradha Sahoo for all purposes.

**Sd/- Anuradha Sahoo**

**OFFICE OF THE PRINCIPAL**
**Kusum Devi Satsang Women's Degree College,**
**Darakhapatna, Cuttack - 753013**
Email: kdswomensdegreecollege@gmail.com

**WANTED**

As per letter of the Regional Director of Education vide no. 6961 Dt. 28.10.2025, some guest faculties in subjects like Odia, Political Science, Sanskrit are required for engagement. Retired faculties below the age of 69 years may apply through the HIMS Portal on or before 31.10.2025 (Friday).

**Sd/- Principal-cum-Secretary**
Kusum Devi Satsang Women's Degree College, Darakhapatna, Cuttack - 753013

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**Notice**
**(Above 18 years of age)**

By virtue of an affidavit sworn before the Excutive Magistrate,(K) Udala, Mayurbhnaj, dated 13-10-2025 I, Uday Nath Hansdah, Address At/ Po- Gayalmara , Ps- Khunta, Dist- Mayurbhanj, Pin- 757104 declare that I have changed my name Udaya Hansadaha to Uday Nath Hansdah. Henceforth I shall be known as Uday Nath Hansdah for all purposes.

**Uday Nath Hansdah**

**OFFICE OF THE PRINCIPAL**
**PRIYADARSHINI INDIRA DEGREE COLLEGE**
**JUNAGARH, DIST: KALAHANDI**
E-mail: pidmahavidyalaya@gmail.com

**WANTED**

Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis. The retired faculties and Non-Teaching members below the age of 69 years may apply through HIMS portal on or before 31.10.2025 as per letter No. 57198 and No.-57203 dated 23.10.2025, the remuneration for the above positions shall be paid as per the approved norms.

**Sd/- Principal-cum-Secretary**
P.I. Degree College, Junagarh

**AFFIDAVIT**

By virtue of an affidavit executed by Executive Magistrate . Athgarh on Dtd.27 . 10 .2025. I Govinda Sundi S/O Turi Sundi of Village..Orda .P/O.. Gobara P/S.. Gurudijhatia Dist. Cuttack declare that my actual name is Gobinda Sundi but in my Adharcard it was wrongly mentioned as bhuGobind Sundi instead of Gobinda Sundi. Henceforth I Shall be known as Gobinda Sundi in all purpose.

**Sd/- Gobinda Sundi**

**AFFIDAVIT**

By virtue of an affidavit sworn before the Executive Magistrate, Sambalpur, I, Meenakshi Hota, W/o- Subodh Hota, D/o Sharad Kumar Panda, resident of New Telecom Colony, Modipada, Sambalpur, Odisha, do hereby declare that my name has been wrongly mentioned as Minakhi Hota in my Aadhaar Card No. 2449 6953 4547. My correct name is **Meenakshi Hota** and both names refer to the same person.

**OFFICE OF THE PRINCIPAL**
**MANGALPUR WOMEN'S DEGREE COLLEGE**
**MANGALPUR, JAJPUR**

**WANTED**

As per the notification of DHE, Odisha vide letter no. 57198 and 57203, dtd. 23.10.2025, applications are invited from the eligible retired candidates for engagement of guest faculties in the subject of political science & non teaching posts of Asst. Librarian, Jr. Clerk on contractual basis. Vacancies of said posts are already uploaded in HIMS portal of the college interested candidates shall apply only through HIMS portal before 01.11.2025
NB: The eligibility, remuneration & tenure of contractual engagement shall be made as per Government notification.

**Sd/- Principal-cum-Secretary**
Mangalpur Womens degree college.

**AFFIDAVIT**

By virtue of an affidavit sworn before the Executive Magistrate, Bhawanipatna, Kalahandi, I, Ashutosh Purohit, Village/Po- Kaudola, Ps- Ampani, Dist- Kalahandi, Odisha, Pin- 766019, do hereby that my minor son's correct name is SRINIBAS PUROHIT, but in his Aadhaar wrongly mentioned as SRINIBASH PUROHIT. That both the names are same and one person.

**Sd/- Ashutosh Purohit**

**AFFIDAVIT**

By virtue of an affidavit sworn before the Addl. Tahasildar-cum-Executive Magistrate, Boudh, I SUSHIL MEHER, age -27, S/o - Dwaru Meher, resident of Vill.: Jamatangi, Po- Manupali, Ps- Manamunda, Dist.: Boudh-762015 declare by this affidavit no 1495 dated 30/10/2025 my father shall be known as **DUARU MEHER** for all future purposes.

# ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ



ତେନ୍ତୁଳିଖୁଣ୍ଟି,୩୦।୧୦(ସମିସ): ନବରଙ୍ଗପୁର ଖାତିଗୁଡା ସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ବିଦ୍ୟାଳୟଅଧ୍ୟକ୍ଷ ଡ. ପୀତବାସ ପ୍ରହରାଜ ଜିଲ୍ଲାପାଳଙ୍କୁ ଫୁଲତୋଡ଼ା ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟଅଧ୍ୟକ୍ଷ ଡ. ପ୍ରହରାଜ, ନବରଙ୍ଗପୁର ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ ଦାଶ, ବିଦ୍ୟାଳୟ ଉପାଧ୍ୟକ୍ଷ ପି. ସୀତାରାମ, ଇନ୍ଦ୍ରାବତୀ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିନୟ କୁମାର ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ପ୍ରଦୀପ ହୋତା, ଜିଲ୍ଲାପରିଷଦ ଅଧ୍ୟକ୍ଷଙ୍କ ପ୍ରତିନିଧି ରୁପେ ଦେବେନ୍ଦ୍ର ଜଗନ୍ନାଥ ନାୟକ, ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପ ବିଭାଗ ଯନ୍ତ୍ରୀ ଇଂ କେ.ସନ୍ତୋଷ କୁମାର, ଅଭିଭାବକ ମଣ୍ଡଳୀ ପ୍ରତିନିଧି ଦୀନବନ୍ଧୁ ପରିଡ଼ା ଓ ପୃଥ୍ୱିରାଜ ପାଇକରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲ୍ଲାପାଳ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ। ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ନବୋଦୟ ବିଦ୍ୟାଳୟର ଭୂମିକା ସ୍ୱତନ୍ତ୍ର ବୋଲି ଜିଲ୍ଲାପାଳ ଡଃ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନିୟମିତ ବ୍ୟବଧାନରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଅଭିଜ୍ଞ ଅଧ୍ୟାପକ ଅଧ୍ୟାପିକା ଯୋଗାଇ ଦେବାକୁ ଅଭିଭାବକ ମଣ୍ଡଳୀ ପକ୍ଷରୁ ନିବେଦନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ସାରଣୀରେ ମାଣ୍ଡିଆରେ ପ୍ରସ୍ତୁତ କେକ୍ , ବିସ୍କୁଟ ,ପିଠା, ଲଡୁ, କ୍ଷୀରି, ଲସି ସମେତ ମାଣ୍ଡିଆରେ ପ୍ରସ୍ତୁତ ଅନ୍ୟାନ୍ୟ ସୁଷମ ଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ନବୋଦୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଅଂଶ ଗ୍ରହଣ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ପରିସରରେ ଭାଲୁ ପାଚେରୀ ଡେଇଁ ପ୍ରବେଶ କରୁଥିବାରୁ ପାଚେରୀ ଉଚ୍ଚତା ବଢ଼ାଇବାକୁ ନିବେଦନ କରାଯାଇଥିଲା। ଦୂରଦୂରାନ୍ତରୁ ଆସୁଥିବା ଅଭିଭାବକଙ୍କ ନିମନ୍ତେ ଏକ ପ୍ରତୀକ୍ଷାଳୟ, ଶୌଚାଳୟ ସମେତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଷୟରେ ଅବଗତ ହୋଇ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ଅଧ୍ୟାପକ ମୁକେଶ ଗେହ୍ଲଟ, ଅଧ୍ୟାପକ ୱାଇପି. ସିଂ ସଞ୍ଜୟ ସିଂ ଭୋରା, ସୁଶାନ୍ତ କୁମାର ପାଲ୍ ,ବରିଷ୍ଠ ଅଧିକାରୀ ସୁଜାତା ସାହୁ, ସନ୍ତୋଷ କୁମାର ମହାନ୍ତି, ପରେଶ୍ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ‘ମୋନ୍ଥା’ ପ୍ରଭାବରେ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

କଲ୍ୟାଣସିଂହପୁର,୩୦।୧୦(ସମିସ):



‘ମୋନ୍ଥା’ ପ୍ରଭାବରେ ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ୧୪ ପଞ୍ଚାୟତର ଖରିଫ ଧାନ ଫସଲ ବେଶ ପ୍ରଭାବିତ ହୋଇଛି। ଫଳରେ ଫଳ ଧରିଥିବା ଧାନକେଣ୍ଡା ଓ ପାଚିଲା ଧାନ ଫସଲ ପବନ ଓ ଲଗାଣ ବର୍ଷାରେ ଧରାଶାୟୀ ହୋଇଛି। ଦୀର୍ଘ ଦୁଇ ଦିନ ଧାନକେଣ୍ଡା ପାଣିରେ ପଡ଼ି ରହିଥିବାରୁ ଚାଷୀର ଚିନ୍ତା ବଢ଼ିଛି। ପାଣି ଭର୍ତ୍ତି ଧାନ ବିଲରୁ ଚାଷୀ ଉଜୁଡ଼ା ଫସଲକୁ ଛାଣୁଥିବାର ଦୟନୀୟ ଚିତ୍ର ଅଧିକାଂଶ ପଞ୍ଚାୟତରେ ଦେଖିବାକୁ ମିଳିଛି। ଚଳିତ ବର୍ଷ ଭଲ ଫସଲ ହୋଇଥିଲା। ଧାନ,କପା ଓ ପନିପରିବା ଚାଷ ପାଇଁ ପାଗ ଆରମ୍ଭରୁ ଅନୁକୂଳ ରହିଥିଲା। ଏଣୁ ଚାଷୀ ମାନେ ହାତ ଉଧାରି ଓ ବ୍ୟାଙ୍କ, ସମବାୟ ସମିତିରୁ କରଜ କରି ରୁଆ, ବେଉଷଣ, ବିହନ ଆଣି ଚାଷ କରିଥିଲେ। ଆଶା ରହିଥିଲା ଚଳିତ ବର୍ଷ ଉଭୟ ଧାନ ଓ ପନିପରିବା ଓ କପା ଫସଲରୁ ଭଲ ଦୁଇ ପଇସା ରୋଜଗାର ହେବ। ହେଲେ ବାତ୍ୟା ଓ ଭାରି ବର୍ଷା ସବୁକିଛି ଛାରଖାର କରିଦେଇଛି। ବିଭିନ୍ନ ପଞ୍ଚାୟତରେ ପ୍ରମୁଖ ବର୍ଷକର ଫସଲ ଆଖି ଆଗରେ ନଷ୍ଟ ହୋଇଯାଇଥିବାରୁ କେମିତି କରଜ ସୁଝିବେ ସେଥିପାଇଁ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ସରକାରୀସ୍ତରରେ କ୍ଷୟକ୍ଷତି ଆକଳନ କରାଯାଇ ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଚଳିତ ବାତ୍ୟା ଓ ବର୍ଷାରେ ପନିପରିବା ଫସଲ ବ୍ୟାପକ ନଷ୍ଟ ହୋଇଯାଇଛି। ଅ ଲଡ଼ି, ବିନସ, ମୂଳା, ଫୁଲକୋବି, ବାଇଗଣ, ଜହ୍ନି, ପୋଟଳ, କୁନ୍ଦୁରି, ପତ୍ରକୋବି, କଲରା, ଲଙ୍କା ଫସଲ ଗଛ ମୂଳରେ ପାଣି ରହିଥିବାରୁ ନଷ୍ଟ ହୋଇଯାଇଛି। ଯାହା ଫଳରେ ବଜାରରେ ପନିପରିବା ମୂଲ୍ୟ ବୃଦ୍ଧି ହୋଇଛି। ସେପଟେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବେଳେ ବର୍ଷକର ଫସଲ ଉଜୁଡ଼ିଯିବା ଆଶଙ୍କା କରାଯାଇଛି। ଏଣୁ ନିଜ ପରିବାର ସଦସ୍ୟ ତୁଣ୍ଡରେ କେମିତି ଅହାର ଜୁଟାଇବ ସେଥିପାଇଁ ଚାଷୀର ଚିନ୍ତା ବଢ଼ିଛି। ସମଗ୍ର ବ୍ଲକ ଅଞ୍ଚଳର ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଯାଇଥିବା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛି। ବାତ୍ୟା ‘ମୋନ୍ଥା’ ଆସିବା ପୂର୍ବରୁ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ସୂଚନା ଦେବା କଥା । କିନ୍ତୁ ଆଜିଯାଏ ଚାଷୀ କୃଷି ବିଭାଗର କର୍ମଚାରୀ କି କୃଷି ମିତ୍ର କେହି ବି ଚାଷୀଙ୍କୁ ସଚେତନା କରିନଥିବାରୁ ନିୟମଗିରି ଅଞ୍ଚଳରେ ପାହାଡ଼ ଉପରେ ଚାଷ କରିଥିବା ଓ ବିଭନ୍ନ ପଞ୍ଚାୟତରେ ଝୁଡୁଙ୍ଗଚାଷ ବର୍ଷାରେ ଭିଜି ନଷ୍ଟ ହୋଇ ଯାଇଥିବାର ବ୍ୟାପକ କ୍ଷତି ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସେହିପରି କରପା, ନାରାୟଣ ପୁର, ବୁଡ଼ାଗୁଡା, ସେରିଗୁମ୍ମା, ପଲମା, ଶିକର ପାଇ ପଞ୍ଚାୟତ ଅଞ୍ଚଳର ପାହାଡ଼ ଓ ଡିପ ଜମିରେ ହେଇଥିବା ମାଣ୍ଡିଆ, କାନ୍ଦୁଲ ବିରି ଭଳି ଅନେକ ଫସଲ ପବନ ଓ ଲଗାଣ ବର୍ଷାରେ ପ୍ରାୟ ନଷ୍ଟ ହୋଇଥିଲେ ବି ବ୍ଲକର କୃଷି ବିଭାଗ ସବୁଜାଣି ଚୁପ ବସିବା ଘଟଣା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ବୋଲି ପ୍ରକାଶ କରିଛନ୍ତି। ଏହି ଅଞ୍ଚଳରେ କପା ଚାଷ ଉପରେ ନିର୍ଭର କରନ୍ତି କପା ଗଛ ଅଛି । ମାତ୍ର ଫଳ ନାହିଁ, ସାହୁକାରକୁ କିପରି ଋଣ ଶୁଝିବେ ଏବେ ଚାଷୀଙ୍କ ମୁଣ୍ଡରେ ବଡ଼ ଚିନ୍ତା ଘାରିଛି। ପ୍ରଶାସନ ପକ୍ଷରୁ ତଦନ୍ତ କରି କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଅନୁରୋଧ କରିଛନ୍ତି।

# ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ

ବିଷମକଟକ,୩୦।୧୦(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା’ ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଷମକଟକ ପୁଲିସ ଥାନା ତରଫରୁ ମା’ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ି ଏବଂ ଥାନାର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅଶ୍ୱିନୀ କୁମାର ପଣ୍ଡା ସାଇବର ଠକେଇ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଶେଷରେ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଉତ୍ସବ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଇଁ ଥାନା ତରଫରୁ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନ ଅଧିକାରୀ ଶ୍ରୀ ପାଢ଼ି ପିଲାମାନଙ୍କୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପରେ କହିଥିଲେ ଏବଂ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନର ଅଧ୍ୟାପକ ନିରଞ୍ଜନ ପାଢ଼ୀ, ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ତୁଷାରକାନ୍ତି ନାୟକ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧ୍ୟାପିକା ସୁଚିସ୍ମିତା ନାୟକ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ କ୍ରସର ନିର୍ମାଣ, ତଦନ୍ତ ଦାବି



କଲ୍ୟାଣସିଂହପୁର,୩୦।୧୦(ସମିସ): କ୍ରସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗଣମାଧ୍ୟମକୁ ତହସିଲଦାର ରଞ୍ଜନ ମାନସେଠ ଜାଣି ନ ଥିବା ପ୍ରକାଶ କରିଛନ୍ତି। ଆରମ୍ଭ ହେବା ପୂର୍ବରୁ ରାଜସ୍ୱ, ଖଣି, ବନ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ମିଳିତରେ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଜନ ଶୁଣାଣି ହେବାର ନିୟମ ରହିଛି। ପରିତାପର ବିଷୟ ଦୀର୍ଘ ଦୁଇ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ କେମିତି ତହସିଲଦାର ଜାଣି ପାରିଲେ ନାହିଁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରି ପଞ୍ଚାୟତ ସୀମାନ୍ତରେ ଏହି କ୍ରସର ସରକାରୀ ଗୋଚର ଜମିରେ ହୋଇଥିବାରୁ ପ୍ରବଳ ବିରୋଧ ଆରମ୍ଭ ହୋଇଥିଲା। ସରକାରୀ ଜମିରେ କାଙ୍ଗସିରି ଗ୍ରାମର କିଛିଲୋକ ପୂର୍ବ ପୁରୁଷରୁ ବିଭିନ୍ନ ଚାଷ କରିଆସୁଥିଲେ। ସେହି ଜମିରେ ହାତୀମୁଣ୍ଡା, କାଙ୍ଗସିରି ଓ ଆଖପାଖ ଗ୍ରାମର ଲୋକେ ଛେଳି ମେଣ୍ଢା, ଗାଈ ଗୋରୁ ଚରାଉ ଥିଲେ। କ୍ରସର ନିର୍ମାଣ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ ପୂର୍ବରୁ କରିଥିଲେ। କୌଣସି ପଦକ୍ଷେପ ଗ୍ରହଣ କଲେନି ପ୍ରଶାସନ। ଚାରିଆଡୁ ନିରାଶ ହୋଇ ଶେଷରେ ନିର୍ମାଣାଧୀନ କ୍ରସର ଆଗରେ ଧାରଣାରେ ବସି ପ୍ରତିବାଦ କରିଛନ୍ତି। ସିଙ୍ଗାରି ଓ ଧାମୁଣିପଙ୍ଗା ଦୁଇ ପଞ୍ଚାୟତର ଶତାଧିକ ଲୋକଙ୍କ ସହ କନ୍ଧକୁଳ ହାତ ବଢ଼ାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କାଙ୍ଗଶିରୀ ଗାଁର ଏକ ପାହାଡ଼ ପାଖରେ ଥିବା ସରକାରୀ ଜମିରେ ଗତ ଦୁଇ ବର୍ଷ ହେଲା ଏକ ପଥର କ୍ରସର ନିର୍ମାଣ ଚାଲିଛି। ଏହାକୁ ଖୋଲିବା ପୂର୍ବରୁ ପଲ୍ଲୀସଭାର ଅନୁମତି ନେଇ କାର୍ଯ୍ୟକାରୀ ହେବା କଥା । କିନ୍ତୁ ରାଜସ୍ୱ, ଖଣି, ବନ, ପ୍ରଦୂଷଣ ବିଭାଗ ବିନା ଜ୍ଞାତସାରରେ କିପରି ନିର୍ମାଣ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ନାଗାବଳି ନଦୀ ଓ ଜଙ୍ଗଲ ରହିଛି। କରଲାପାଟ ଓ କଲ୍ୟାଣସିଂହପୁର ବନାଞ୍ଚଳ ହାତୀ କରିଡ଼ର ହୋଇଥିବାରୁ କ୍ରସର ନିର୍ମାଣ ହେଲେ ପ୍ରଭାବିତ ହେବାର ଆଶଙ୍କା ରହିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରମ୍ବାର ତହସିଲଦାର ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ୍ୟ ସୁଫଳ ମିଳି ନ ଥିବାରୁ ଧାମୁଣିପଙ୍ଗା ଓ ସିଙ୍ଗାରି ପଞ୍ଚାୟତବାସୀ ଏହି କ୍ରସରକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏଥିଲାଗି କ୍ରସର ଆଗରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କ୍ରସର ଦ୍ୱାରା ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରତି ବିପଦ ଅଛି ବୋଲି ଆଲୋଚନା ହୋଇଥିଲା। ପରେ ଧାରଣା ଆରମ୍ଭ ହୋଇଥିଲା। କନ୍ଧକୁଳ ସଭାପତି ଯୋଗେନ୍ଦ୍ର ୱାଡ଼େକା, ସିପିଆଇଏମ୍ ଜିଲ୍ଲା ସଭାପତି ଦୋରା କାଣ୍ଡଗାରି, ଆଦିବାସୀ ଅଧିକାର ମଞ୍ଚର ସଭାପତି ରବି ସୁନା, ଚାଷୀ ମୁଲିଆ ସଙ୍ଘ ସଭାପତି ଯୋଗେନ୍ଦ୍ର ନାଏକ, ମାନୁ ଶିକକାଙ୍କ ସମେତ ଅଞ୍ଚଳବାସୀ ଏଥିରେ ସାମିଲ୍ ହୋଇଥିଲେ। ଏନେଇ କ୍ରସର ମାଲିକଙ୍କୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ତହସିଲଦାର ରଞ୍ଜନ କୁମାର ମାନସେଠ୍ କହିଛନ୍ତି, କ୍ରସର ସରକାରୀ ଜମିରେ ଥିବା ସମ୍ପର୍କରେ ସେ ଜାଣି ନାହାନ୍ତି। ବେଆଇନ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ। କୋଡିଏ ଦିନ ବିତିଯିବା ପରେ ତହସିଲଦାର ମାନସେଠ କ୍ରସର ତଦନ୍ତ କରିବେ କଣ କିଛି ଜାଣିନି ବୋଲି ପୁଣି ଗଣମାଧ୍ୟମରେ ପ୍ରକାଶ କରିଥିଲେ। ତହସିଲଦାର ଜାଣି ନାହାନ୍ତି ନା କ୍ରସର ମାଲିକଙ୍କ ସହ ହାତ ମିଶାଇ ଜାଣିଶୁଣି ଚୁପ ରହୁଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ବେଆଇନ କ୍ରସର ନିର୍ମାଣକୁ ଆଦିବାସୀ ସଂଘ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଛି, ଉପ ଜିଲାପାଳ ପଦକ୍ଷେପ ନେବା ଜରୁରୀ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କୋଟିକୋଟି ଟଙ୍କା ଖର୍ଚ୍ଚ କରି କାହାର ଛତ୍ରଛାୟା ତଳେ ଠିକାଦାର କ୍ରସର ନିର୍ମାଣ କରୁଛି ତାହା ଲୋକଙ୍କୁ ଚକିତ କରିବା ସ୍ୱାଭାବିକ। ପ୍ରକୃତରେ ରାଜସ୍ୱ, ବନ, ଖଣି, ପ୍ରଦୂଷଣ ବିଭାଗ ଜାଣତର ହେଉଛି ନା ବେଆଇନ ଭାବେ ନିର୍ମାଣ ହେଉଛି ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିକଟରେ ଅଭିଯୋଗ କରାଯାଇଛି। ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ସୀତମ୍ ବୈଷୟିକ ମହାବିଦ୍ୟାଳୟରେ ଶୋକସଭା

ସେମିଳିଗୁଡ଼ା,୩୦।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସୀତମ୍ ବୈଷୟିକ ମହାବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ଏବଂ ବିଶିଷ୍ଟ ବ୍ୟବସାୟୀ ଲକ୍ଷ୍ମଣ କୁମାର ରାଉତଙ୍କ ବିୟୋଗରେ ସ୍ଥାନୀୟ ଶିକ୍ଷା ଜଗତ ଏବଂ ସମଗ୍ର ବ୍ୟବସାୟିକ ସମୁଦାୟର ଏକ ଅପୂରଣୀୟ କ୍ଷତି ଘଟିଛି। ୧୯ ଅକ୍ଟୋବରରେ ୭୫ ବର୍ଷ ବୟସରେ ତାଙ୍କର ପରଲୋକ ନିଜସ୍ୱ ବାସଭବନରେ ହୋଇଥିଲା। ଶ୍ରୀ ରାଉତଙ୍କ ପାଇଁ ସିତମ୍ ଅଡିଟୋରିୟମରେ ଶ୍ରୀକୃଷ୍ଣ ସିଂହ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଶୋକ ସଭାରେ ସୀତମ୍‌ର ସମସ୍ତ ଡାଇରେକ୍ଟର, କର୍ମକର୍ତ୍ତା, ଅଧ୍ୟାପକ, ଅଧ୍ୟାପିକା ଡିପିଏସର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଧୂପ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଡାଇରେକ୍ଟର ପ୍ରେମାନନ୍ଦ ପୃଷ୍ଟି, ବିନୋଦ ସାମଲ, ଅର୍ଜୁନ ନାୟକ, କାର୍ତ୍ତିକ ପରିଡ଼ା ନିଜସ୍ୱ ଅନୁଭୂତି ପ୍ରଦାନ କରିଥିଲେ। ଚିରଞ୍ଜିବୀ ପାତ୍ର, ଲାଲୁ ମହାପାତ୍ର, ମନୋଜ ମହାନ୍ତି, ରାଜୁ ସାମଲ, ଡ. ରାଜେଶ କୁମାର ଦୋରା ,କଳ୍ପତରୁ ଦାସ, ରଞ୍ଜିତ ଚହଟରାଏ, ଇ.ଅନିତା ପ୍ରଧାନ, କ୍ଷୀରୋଦ କୁମାର ପାତ୍ର, ମହେଶ୍ୱର ପାଣିଗ୍ରାହୀ, ନାରାୟଣ ପରିଡ଼ା, ରଙ୍କଧର ସାମଲ , ସେମିଳିଗୁଡା ମହାବିଦ୍ୟାଳୟର ଝାନ ସି ସିଂହ, ଶୁଭ୍ରାଂଶୁ ସୁନ୍ଦର ଦାସ, ହରପତି , ଚିତ୍ତରଞ୍ଜନ ଦାସ,ଛାତ୍ରୀ ପାର୍ବତୀ ଭୋଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶୋକ ସଭାରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ଭାବରେ ସେ ଯେଉଁ ଦୂରଦର୍ଶିତା ପ୍ରଦର୍ଶନ କରିଥିଲେ, ତାହା ଏହି ଶିକ୍ଷା କେନ୍ଦ୍ର ସୀତମ୍‌କୁ ପୂର୍ଣ୍ଣାଙ୍ଗ ସ୍ୱରୂପ ଦେବାରେ ସାହାଯ୍ୟ କରିଥିଲା। ତାଙ୍କର ଦାୟିତ୍ୱ ବୋଧ କର୍ମଠତା ମହାବିଦ୍ୟାଳୟ ପରିବାର ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇରହିବ। ସଭାରେ ଅଧ୍ୟକ୍ଷା ଡ. ଝାନ୍ ସି ସିଂହ ତାଙ୍କ ଜୀବନର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ।

# ଗୋ-ପୂଜନ ଓ ଭାଗବତ କଥା

ମାଲକାନଗିରି, ୩୦।୧୦(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅର୍ନ୍ତଗତ ପରକନମାଳା ଗ୍ରାମ ପଞ୍ଚାୟତର ସିରିପେଟା ଗ୍ରାମରେ ଆଜି ଗୋପାଷ୍ଟମୀ ଉତ୍ସବ ଧୂମଧାମରେ ପାଳନ ହୋଇଯାଇଛି। ଏହି ଅବସରରେ ଗୋ-ସ୍ନାନ, ଗୋ-ପୂଜନ, ଗୋ ଗ୍ରାସ୍ ସେବନ ଓ ନାମସଂକୀର୍ତ୍ତନ ପ୍ରଭୃତି କାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମକୁ ଗୋ ସୁରକ୍ଷା ମଞ୍ଚର ସଭାପତି ରାମକୃଷ୍ଣ ଚୌଧୁରୀ, ମନ୍ତ୍ର ଓ ଶ୍ଳୋକ ପାଠ କରିଥିଲେ। ମନ୍ଦିର ସଭାପତି ସନାତନ ମାଢ଼ୀ, ସମ୍ବନ୍ଧ ମାଢ଼ୀ, ଗଣେଶ ପ୍ରସାଦ ଦାଶ, ଭଗବାନ ସାହୁ ଓ ରମେଶ ଚନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବାପନପାଲ୍ଲି ଗ୍ରାମରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହନ୍ତ ସୁଦର୍ଶନ ଦାସ ମହାରାଜ, ମହନ୍ତ ବ୍ରଜବନ୍ଧୁ ଦାସ ମହାରାଜ ଓ ସନ୍ଥ ହୃଦାନନ୍ଦ ଦାସଙ୍କ ଭାଗବତ କଥାମୃତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ମହନ୍ତ ବ୍ରହ୍ମାନନ୍ଦ ଦାସ, ସେବକ ଦୟଣା ଶ୍ରୀକ୍ଷେତ୍ର, ସିରିପେଟା ପରିଚାଳନା କରିଥିଲେ।

# ଦାଦନ ଖଟିବାକୁ ଯାଇ ଯୁବକ ମୃତ



ପଟ୍ଟାଙ୍ଗି,୩୦।୧୦(ସମିସ): ଓଡ଼ିଶା ସରକାରଙ୍କ ଦାଦନ ମୁକ୍ତ ନେଇ ହୋଇଥିବା ଯୋଜନା ଫେଲ୍ ମାରିଛି। ଓଡ଼ିଶା ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗି ବ୍ଲକରେ କାମ ନପାଇ ଯାଇଥିଲେ ଆନ୍ଧ୍ରରେ ଦାଦନ ଖଟି ରୋଜଗାର କରିବା ପାଇଁ। ଟଙ୍କା ଧରି ଆସିବେ କ’ଣ, ଆସିଲା ଯୁବକଙ୍କ ମୃତ ଶରୀର। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ପୁକାଲି ପଞ୍ଚାୟତର ମୂଳାଶଙ୍କର ଗ୍ରାମରୁ। ସୂଚନା ଅନୁଯାୟୀ ଗ୍ରାମର ନିଲାନା ତାମାଲଙ୍କ ପୁଅ ନାଗେସ୍ ତାମାଲ ରୋଜଗାର ନଥିବା ଯୋଗୁଁ ଆନ୍ଧ୍ରରେ ଦାଦନ ଖଟିବା ପାଇ ନିଜ କିଛି ସାଥିଙ୍କ ସହ ଯାଇଥିଲେ। ସେ ଆନ୍ଧ୍ର ରାଜ୍ୟର କାକିନାଡା ଅଞ୍ଚଳର ବିମାଓରାମ୍ ଅଞ୍ଚଳରେ ଏକ ଫାର୍ମହାଉସ୍‌ରେ ମାଛ ବନ୍ଧରେ କାମ କରୁଥିଲେ। ସେଠାରେ ଦୀର୍ଘ ୮ ମାସ ହେଲା କାମ କରି ରହୁଥିଲେ। ମଙ୍ଗଳବାର ସକାଳେ ଫାର୍ମହାଉସ୍‌ର ମାଛ ବନ୍ଧକୁ କାମ କରିବାକୁ ଯାଇଥିବା ସମୟରେ ହଠାତ୍ ବିଦ୍ୟୁତ୍ ସଟ୍ ସର୍କିଟ୍ ହୋଇଯାଇ ମୃତବରଣ କରିଥିଲେ। ଖବର ପାଇ ମୃତ ଯୁବକଙ୍କ ଭାଇ ପହଞ୍ଚିବା ସହ ମୃତ ଶରୀରକୁ ଧରି ନିଜ ଗ୍ରାମକୁ ଫେରି ଆସିଥିଲେ। କର୍ଯ୍ୟ କରୁଥିବା ମାଲିକ ମାତ୍ର ୪୦ ହଜାର ଟଙ୍କା ଏବଂ ଆମ୍ବୁଲାନ୍ସ ଦେଇ ସେଠାରୁ ପଠାଇଥିବା ଜଣାପଡିଛି। ମୃତ ଶରୀର ଆସିବା ପରେ ପରିବାରବର୍ଗ ଗୋଟିଏ ଦିନ ପରେ ଶବ ସଂସ୍କାର କରିଥିଲେ। କିନ୍ତୁ ଉକ୍ତ ଘଟଣା ନେଇ ଆନ୍ଧ୍ରରେ କିମ୍ବା ଓଡ଼ିଶା ଥାନାରେ କୌଣସି ମଧ୍ୟ ଅଭିଯୋଗ ପ୍ରଦାନ କରାଯାଇନଥିବା ନେଇ ସୂଚନା ମିଳିଛି।

# ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଅଧିନିୟମ ପ୍ରଶିକ୍ଷଣ




ନବରଙ୍ଗପୁର,୩୦।୧୦(ସମିସ): ନବରଙ୍ଗପୁର ଅଶୋକ ମେହେତା ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଏକ ଦିନିଆ ଘରୋଇ ହିଂସାରୁ ମହିଳା ମାନଙ୍କୁ ସୁରକ୍ଷା ଅଧିନିୟମ ୨୦୦୫ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଁ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ମହିଳା ଆଇନଜୀବୀ କିଶୋରୀ ପଟ୍ଟନାୟକଙ୍କ ସମେତ ଡିଆଇପିଆର୍ ଓ ମନୋଜ ବେହେରା, ଡି ଡ଼ବ୍ଲୁ ଓ ରବୀନ୍ଦ୍ର ପାଲକା ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଆଇନଜୀବି ଶ୍ରୀମତୀ କିଶୋରୀ ପଟ୍ଟନାୟକ (ସଖୀ)ୱାନ ଷ୍ଟପ୍ ସେଣ୍ଟର ସାଧନ କର୍ମୀ ଭାବରେ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଆଇନଜୀବୀ କିଶୋରୀ ପଟ୍ଟନାୟକ ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ୨୦୦୫ ସମ୍ପର୍କରେ ବୁଝାଇଥିଲେ । । ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ବାଳିକା ଓ ମହିଳାମାନଙ୍କ ନିର୍ଯାତନା ବୃଦ୍ଧିରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଦାୟୀ ରହୁଥିବା ଅଭିଭାବକ ମାନଙ୍କ ଉପରେ ଦୃଷ୍ଟାନ୍ତମୂଳ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେଇଥିଲେ। ସୁରକ୍ଷା ପ୍ରଦାନ ଅଧିକାରୀ ଶ୍ରୀମତୀ ରମା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ



ଗୁଣପୁର,୩୦।୧୦(ସମିସ): ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଆସନ୍ତା କାଲି ଅଁଳା ନବମୀ ଅବସରରେ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହେବାକୁ ଥିବାବେଳେ ଆଜି ଏଥିପାଇଁ ଅଧିବାସ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳୀ ମାନଙ୍କ ସମେତ ଡାମ୍ପ ବାଦ୍ୟ ସହ ବହୁ ସଂଖ୍ୟକ ଭକ୍ତ ଏକ ବିରାଟ ଶୋଭାଯାତ୍ରାରେ ଜଗନ୍ନାଥ ମନ୍ଦିରରୁ ବାହରି ବଂଶଧାରା ନଦୀକୁ ଯାଇ ଗଙ୍ଗା ଆବାହନ କରିଥିଲେ।

ସେଠାରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଆସିବା ପରେ ଅଧିବାସ ନିତି ପାଇଁ ପୂଜାର୍ଚ୍ଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, ପୁର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ଜଗନ୍ନାଥ ମନ୍ଦିର ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା, ସମ୍ପାଦକ ନିରଞ୍ଜନ ପାଢ଼ି, ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତି, ଡ. ଚନ୍ଦ୍ରଧ୍ୱଜ ପଣ୍ଡା, କାଉନ୍‌ସିଲର ଭାଗିରଥି ବିଶୋୟୀ, ଏସ. ବାବା ପ୍ରଶାଦ, ଗାଙ୍ଗାରାଜୁ ଶବର, ସୋମନାଥ ମହାନ୍ତି, ମିଲି ପାଢ଼ି, ଉମା ଦାସ, ଡଃ ପ୍ରଶାନ୍ତ ହୋତା, ରାମ ପଣ୍ଡା, ଫକିର ନାୟକ, ଜିତେନ୍ଦ୍ର ନାୟକ, ସନ୍ତୋଶ ପଣ୍ଡା, ରବି ପଣ୍ଡା, ପିଣ୍ଟୁ ପଣ୍ଡା, ଜୁଗୁନୁ ପାଢ ଓ ବାପି ପଣ୍ଡା ପ୍ରମୁଖ ପରିଚାଳନା ଦାୟିତ୍ୱରେ ରହିଛନ୍ତି।

# ଇଡ୍‌କୋକୁ ବିରୋଧ, ପୁଣି ତେଜିଲା ଆନ୍ଦୋଳନ

ମାଲକାନଗିରି,୩୦।୧୦(ସମିସ):



ମାଲକାନଗିରି ବ୍ଲକସ୍ଥ ସିନ୍ଧିରମାଳ ପଞ୍ଚାୟତର ସୀମାଗୁଡ଼ି ଗ୍ରାମ ନିକଟରେ ହେବାକୁ ଥିବା ଇଡ୍‌କୋ କମ୍ପାନୀର କୁଟୀର ଶିଳ୍ପକୁ ବିରୋଧ କରି ଶତାଧିକ ଗ୍ରାମବାସୀ ଆଜି ପୁଣି ବିରୋଧ ପ୍ରଦର୍ଶନ କରିବା ସହ ଆନ୍ଦୋଳନ କରିଛନ୍ତି। ‘ଜଳ ଜଙ୍ଗଲ ଓ ଜମି ଛାଡିବୁ ନାହିଁ, ଆମ ଅଧିକାର ସହ ଆମକୁ ବଞ୍ଚିବାକୁ ଦିଅ’ ଦାବି ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୀମାଗୁଡିରେ ଇଡ୍‌କୋ କମ୍ପାନୀର ଜମି ଅଧିଗ୍ରହଣକୁ ଗ୍ରାମବାସୀଙ୍କ ବିରୋଧ ହୋଇଛି। ଗତ ୨୩ ତାରିଖ ଦିନ ସେଠାକୁ ଯାଇଥିବା ଅଧିକାରୀଙ୍କୁ ବିରୋଧ କରିଥିଲେ ଗ୍ରାମବାସୀ। ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅନ୍ୟାନ ଅଧିକାରୀ ସେଠରେ ଗ୍ରାମବାସୀଙ୍କୁ ବୁଝାଇବା ସହ ବିଭିନ୍ନ ବିଷୟରେ ଅବଗତ କରାଇ ଫେରିଥିଲେ। ଏହାକୁ ନେଇ ଆଜି ପୁଣି ଶତାଧିକ ଗ୍ରାମବାସୀ ଇଡ୍‌କୋ କମ୍ପାନୀକୁ ବିରୋଧ କରି ଜିଲ୍ଲା ଆଦିବାସୀ ସମାଜ ମହାସଂଘ, ଓ ଅନ୍ୟ ଆଦିବାସୀ ସଂଗଠନର କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ମାନେ ଏକ ବିରାଟ ଶୋଭାଯାତ୍ରା କରି ଜମି ନିକଟକୁ ଯାଇ ବ୍ୟାନର ଓ ପୋଷ୍ଟର ଲଗାଇଛନ୍ତି। ଏନେଇ ଆଜି ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ମାଲକାନଗିରି ସଦର ବ୍ଲକ ସିମାଗୁଡି ଗ୍ରାମବାସୀଙ୍କ ଉପସ୍ଥିତିରେ ଗତ ଅକ୍ଟୋବର ୨୩ ତାରିଖ ଦିନ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ରାଜସ୍ୱ ନିରୀକ୍ଷକ ମିଶି ସୀମାଗୁଡିରେ କ୍ଷୁଦ୍ର ଶିଳ୍ପ ପାଇଁ ଜମି ଅଧିଗ୍ରହଣ ସହ ଲୋକଙ୍କୁ ବୁଝାସୁଝା ପାଇଁ ଆସିଥିଲେ। ଏହି କ୍ଷୁଦ୍ର ଶିଳ୍ପ ନିମନ୍ତେ ଇଡ୍‌କୋ କମ୍ପାନୀକୁ ୪୫ ଏକର ଜମି ହସ୍ତାନ୍ତର କରାଯିବାର ଯୋଜନା ହୋଇଥିଲା। କିନ୍ତୁ ଏହି ଜମି ଅଧିଗ୍ରହଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ପୂର୍ବରୁ ସତୀଗୁଡା ଜଳଭଣ୍ଡାର ପାଇଁ ବିସ୍ଥାପିତ ହୋଇ ଏହି ସବୁ ଗ୍ରାମରେ ବସବାସ କରୁଛନ୍ତି। ଗୋଟିଏ ପଟେ ସତୀଗୁଡା ଜଳଭଣ୍ଡାର ଅନ୍ୟପଟେ ଗୋଇ ପର୍ବତ ମଝିରେ ଜାତୀୟ ରାଜପଥ ଥିବାରୁ ଭବିଷ୍ୟତରେ ଆମ୍ଭମାନଙ୍କ ଜୀବନ ଜୀବିକା ଉପରେ ବ୍ୟାଘାତ ଘଟିବ। ଅନେକ ଜଙ୍ଗଲ ଜମି ପଟ୍ଟା ପାଇଥିବା ବ୍ୟକ୍ତି କ୍ଷତିଗ୍ରସ୍ତ ହେବେ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ ମଧ୍ୟ ବାଧାପ୍ରାପ୍ତ ହେବ। ଏଣୁ ଏଠାରେ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରୁଥିବା ଉଲ୍ଲେଖ ରହିଛି। ବନ ବିଭାଗ ଦ୍ୱାରା ଏହି ସମିତି ଗଠନ କରାଯାଇଥିବା ବେଳେ ଗୋଚର ଓ ଅନାବାଦୀ ଜମି ମିଶି ୪୫ ହେକ୍ଟର ଜାଗାରେ ବୃକ୍ଷ ରୋପଣ ପାଇଁ ନର୍ସରୀ ଠାରୁ ଆରମ୍ଭ କର ଗଛ ରୋପିବା ଓ ଆଜି ପର୍ଯ୍ୟନ୍ତ ତାହାର ରକ୍ଷଣାବେକ୍ଷଣ କରାଯାଉଛି। ଜୁଲାଇ ୩ ତାରିଖ ୨୦୨୧ ମସିହାରେ ଏହି ଜଙ୍ଗଲ ଅଧିଗ୍ରହଣ ପାଇଁ ତତ୍କାଳୀନ ତହସିଲଦାର, ସରକାରୀ କର୍ମଚାରୀ ପୋଲିସ କର୍ମଚାରୀ ପ୍ରମୁଖ ଆସି ସର୍ଭେ କରି ଖୁଣ୍ଟ ପୋତିଥିଲେ। ଆମ୍ଭମାନଙ୍କ ବିରୋଧ ଯୋଗୁଁ ଏହି ସ୍ଥଳକୁ ଛାଡି ଚଲାଣଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟିଟିବେରି ଅଞ୍ଚଳରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ କରିବା ପାଇଁ ପ୍ରଶାସନ ନିଷ୍ପତି ନେଇଥିଲା। ପୁନର୍ବାର ଜଙ୍ଗଲକୁ ନେବାପାଇଁ ପ୍ରଶାସନ ଯୋଜନା କରୁଥିବାରୁ ଏହାକୁ ସେମାନେ ବିରୋଧ କରିଥିଲେ। ଏହି ଜମି ଅନୁସୂଚିତ ଅଞ୍ଚଳରେ ଥିବା ବେଳେ ଭାରତୀୟ ସମ୍ବିଧାନର ୫ ଅନୁସୂଚୀ ଅଧୀନରେ ଅନୁସୂଚିତ ଅଞ୍ଚଳରେ କୌଣସି ଜମି ବିକ୍ରୟ କିମ୍ବା ହସ୍ତାନ୍ତର ଯାଇପାରିବ ନାହ। ପେସା ଆଇନ ୧୯୯୬ ଅ ଅନ୍ତର୍ଗତ ଧାରା ୪ (କ), (ଖ), (ଗ), ଅନୁସାରେ ଏହି ଜମିର ମାଲିକାନା ଗ୍ରାମସଭା ଅଟେ ଏବଂ ଧାରା ୪ (୧(ଦ) ଅଧୀନର ବିକ୍ରୟ କିମ୍ବା ହସ୍ତାନ୍ତର କରା ଯାଇ ପାରିବ ନାହିଁ। ଜଙ୍ଗଲ ଅଧିକାରର ଆଇନ୨୦୦୬ ଅନୁଯାୟୀ ଏହି ଜମି ଧାରା ୨(କ), ୨(ଘ) ଓ ୩(୧) ଅଧୀନରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଞ୍ଚଳରେ ଅନ୍ତର୍ଭୁକ୍ତ ନ୍ୟାୟ ସଂଗତ ମାଲିକ। ଏହି ଅଧିକାର ଅନୁସାରେ ଗ୍ରାମସଭା ଏକମତ ହୋଇ ନିଷ୍ପତି ନେଇଛି ଯେ, ଆମ ଗ୍ରାମ ସଭା ଅଞ୍ଚଳ ଭିତରେ କୌଣସି ଭୂମି ଇଡକୋ କମ୍ପାନୀ କିମ୍ବା ଅନ୍ୟ କୌଣସି ବେସରକାରୀ କିମ୍ବା ସରକାରୀ ଅନୁଷ୍ଠାନକୁ ଦିଆଯିବ ନାହିଁ। ଗ୍ରାମସଭା ଏହି ନିଷ୍ପତିକୁ ସର୍ବସମ୍ମତି କ୍ରମେ ଗ୍ରହଣ କରିଛି । ଏହାର ଏକ କିତା ନକଲ ଉପଜିଲ୍ଲାପାଳ, ତହସିଲଦାରଙ୍କ ଅବଗତି ନିମନ୍ତେ ପଠା ଯାଇଥିବା ଜଣାପଡ଼ିଛି।

## 'ପରବ' ପ୍ରସ୍ତୁତି ବୈଠକ

# ଲକ୍ଷ୍ମୀପୁର କୁଟୁଁଣିପଦରରୁ ବାହାରିବ ମଶାଲ

ଲକ୍ଷ୍ମୀପୁର,୩୦।୧୦(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରୁ ଆରମ୍ଭ ହେବ କୋରାପୁଟ ଲୋକ ମହୋତ୍ସବ 'ପରବ'। ପ୍ରତି ବର୍ଷ ଏହି ପରବ ସରକାରୀ ସ୍ତରରେ ପାଳନ ହୋଇ ଆସୁଛି। କୋରାପୁଟ ଜିଲ୍ଲା ହେଉଛି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠି ଅନେକ ଗାଁ ଗୁଡ଼ିକ ଦୁର୍ଗମ ଅଞ୍ଚଳରେ ରହିଛି। ଏଠି ଅନେକ ଲୋକଙ୍କର ଅନେକ ପ୍ରକାର ପ୍ରତିଭା ରହିଛି, ଯାହାକି ଲୁକାୟିତ ଅବସ୍ଥାରେ ରହିଯାଉଛି। ଏମାନଙ୍କୁ ସୁଯୋଗ ପ୍ରଦାନ ପାଇଁ ପ୍ରତି ପ୍ରତିଭାଙ୍କ ନିଜ ନିଜର ପ୍ରତିଭାପଣକୁ ଲୋକଲଚନକୁ ଆଣିବା ଏହି ପରବର ଏକ ପ୍ରୟାସ। ଏହି ଲୋକ ମହୋତ୍ସବ ଚଳିତ ବର୍ଷ ଲକ୍ଷ୍ମୀପୁର ବ୍ଲକର ପ୍ରସିଦ୍ଧ କୁଟୁଁଣିପଦରର ସହସ୍ରା ଲିଙ୍ଗ ଧାରୀ ପାହାଡରୁ ଜିଲ୍ଲାର ସବୁ ବ୍ଲକ ଅଭିମୁଖେ ମଶାଲ ବାହାରିବ। ଏନେଇ ଜିଲ୍ଲାପାଳ ବୁଧବାର ଦିନ ଉକ୍ତ ସ୍ଥାନକୁ ପରିଦର୍ଶନ କରି ଫେରିଛନ୍ତି। ଏହା ଉପରେ ବ୍ଲକ ପ୍ରଶାସନ ଗୁରୁବାର ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ। ବୈଠକରେ ଜିଲ୍ଲାର ୧୪ ବ୍ଲକର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଲୋକପ୍ରତିନିଧି ଓ ଅନ୍ୟମାନେ ସବୁ ଆସି ନିଜ ବ୍ଲକର ପରବ ପାଇଁ ମଶାଲ ଶୋଭାଯାତ୍ରା ବାହାର କରିବେ। ଏନେଇ ବହୁ ଗହଳି ହେବ। ଏହାକୁ କିପରି ଲକ୍ଷ୍ମୀପୁର ବ୍ଲକ ପ୍ରଶାସନି ସୁରୁଖୁରୁରେ ପରିଚାଳନା କରିବେ ସେ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ନଭେମ୍ବର ମାସ ୧୨ ତାରିଖରୁ ପରବ ପାଇଁ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପରବ



ଉପଲକ୍ଷେ ଲକ୍ଷ୍ମୀପୁରରୁ ଜିଲ୍ଲା ପାଇଁ ମଶାଲ ଶୋଭାଯାତ୍ରା ବାହାରିବ। ଏହା କିପରି ଠିକ୍ ରୂପେ ପରିଚାଳିତ ହେବ, ସବୁ ବିଷୟ ଉପରେ ଆଲୋଚନା କରି ଦାୟିତ୍ୱ ସମ୍ପନ୍ନ କରାଯାଇ ଥିଲା। ଏହି ବୈଠକରେ ସ୍ଥାନୀୟ ବିଧାୟକ ପବିତ୍ର ସାଉଁନ୍ତା, ବିଡିଓ ସବ୍ୟସାଚୀ ବେହେରା, କନିଷ୍ଠ ଯନ୍ତ୍ରୀ ଏମ ପାୱନ୍ କୁମାର, ଏସଡିପିଓ ମୋନାଜ୍ କୁମାର ବେହେରା, କାକିରିଗୁମ୍ମା ଆଇଆଇସି ସୁନିଲ କୁମାର ସ୍ୱାଇଁ, ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ, ଦାୟିତ୍ୱରେ ଥିବା ଜିପିଓ ପ୍ରଫୁଲ୍ଲ କୁମାର ସାହୁ, ବଣିକ ସଂଘ ସଭାପତି ମୋନଜ କୁମାର ସାହୁ, ସମ୍ପାଦକ ଉମାଶଙ୍କର କର୍କରା,ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ, ଦୁଇ ଜିଲ୍ଲାପରିଷଦ ସଭ୍ୟ ହିଙ୍ଗୁ ଯାନୀ, ପିଙ୍କି ହିମେରିକା, ସାଂସଦ ପ୍ରତିନିଧି କୈଳାସ ଖୋସ୍ଲା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ସାଉଁନ୍ତା, ଯୁବ ସଭାପତି ମୋଣ୍ଟୀ ଖୋରା, ଲକ୍ଷ୍ମୀପୁର ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା ଚୌଧୁରୀ, ଗୋଷ୍ଠୀ ଶିକ୍ଷାଧିକାରୀ ରିତା ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ଟାକ୍ରି, ରାଜ୍ୟ ଶିକ୍ଷକ ସଙ୍ଘ ର ଉପ ସଭାପତି ସୁରେନ୍ଦ୍ର କୁଲଦୀପ, ସିଡିପିଓ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ପିଇଓ ଓ ଅନ୍ୟମାନେ ସବୁ ଉପସ୍ଥିତ ରହି ଚଳିତ ବର୍ଷ କୋରାପୁଟ ଜିଲ୍ଲା ଚାଲି ଆସୁଥିବା ପରବ କିପରି ଭଲରେ ସମ୍ପନ୍ନ ହେବ ସେ ନେଇ ସମସ୍ତେ ନିଜ ନିଜର ମତ ପ୍ରକାଶ କରିଥିଲେ।

● ୨୬ ବର୍ଷ ହେଲା ବଦଳି ହେଉନି

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

କୋରାପୁଟ/ପୋଡ଼ାଗଡ଼, ୩୦।୧୦(ସମିସ): କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ରାଜ୍ୟ ସରକାର ଆଦିବାସୀ ଜନଜାତିର ସୁବିଧା ସୁଯୋଗ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। କେହି ଲୋକ ଗାଡି ରେଜିଷ୍ଟ୍ରେସନ ଠାରୁ ଆରମ୍ଭ କରି ଗାଡି ଚଳାଇବା, ଲାଇସେନ୍ସ କିମ୍ବା ଗାଡି ସମ୍ବନ୍ଧିତ ଅନ୍ୟକିଛି କାମ ପାଇଁ ପରିବହନ କାର୍ଯ୍ୟାଳୟ ଗଲେ ନୟାନ୍ତ ହେବାକୁ ପଡୁଛି। ବିଗତ ଦିନ ଗୁଡିକରେ ଅନେକ ଅଭିଯୋଗ ଜଣେ ମହିଳା କର୍ମଚାରୀଙ୍କ ନାମରେ ଆସିଛି। ସେ ଚାକିରିରେ ଯୋଗଦାନ କରିବା ଦିନ ଠାରୁ ଆଜକୁ ପ୍ରାୟ ୨୬ ବର୍ଷ ହେଲା କିଭଳି ଗୋଟିଏ କାର୍ଯ୍ୟାଳୟରେ ଅଛନ୍ତି। ବିଗତ ଦିନ ଗୁଡିକରେ ଏହି ଅନଭିଜ୍ଞ ମହିଳା ସହାୟିକା ଜଣକ ଜଣେ ବିତାଡିତ ଦଲାଲ ଡାଟା ଏଣ୍ଟ୍ରି ଅପରେଟର ମାଧ୍ୟମରେ କାର୍ଯ୍ୟ ତୁଲାଉଥିଲେ। ଦୁର୍ନିତୀର ମାଳ ମାଳ ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଜିଲ୍ଲାପାଳ ନିଜେ ଏହାର ହସ୍ତକ୍ଷେପ କରି ଉକ୍ତ ଦଲାଲ ଡାଟା ଏଣ୍ଟ୍ରି ଅପରେଟରକୁ ବହିଷ୍କାର କରିଥିଲେ। ଏହି ମହିଳାଙ୍କ ବିଭାଗ ବଦଳା ଯାଇଥିଲା। କିଛି ଦିନ ବ୍ୟବଧାନ ପରେ ଏହି ମହିଳା ପୁଣି ସେଇ ଦାୟିତ୍ୱ ହାତେଇବାରେ ସକ୍ଷମ ହୋଇଛନ୍ତି। ପୁଣି ସେଇ ଦଲାଲ ମାଧ୍ୟମରେ କାମ ଚାଲିଛି। ଏହି ମହିଳାଙ୍କର ପଦୋନ୍ନତି ସତ୍ତ୍ୱେ ବଦଳି ହେଉନାହିଁ। ସେ ବିନା ବେତନରେ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ହେଲା କିଭଳି କାର୍ଯ୍ୟ କରୁଛନ୍ତି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଏଭଳି କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

# ବୈପାରୀଗୁଡରେ ବଢୁଛି ବାଇକ୍ ଚୋରି

ବୈପାରିଗୁଡା, ୩୦।୧୦(ସମିସ): ଦିନକୁ ଦିନ ବୈପାରିଗୁଡା ବ୍ଲକରେ ବାଇକ୍ ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ୧୩ ଦିନ ଭିତରେ ତିନୋଟି ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମାଠପଡା ପଞ୍ଚାୟତର ବଡ଼ ଅଣ୍ଡରି ଗ୍ରାମର ରାଜେନ୍ଦ୍ର ଗାଦବା ୧୭ ତାରିଖ ଦିନ ଟିପାଗୁଡା ଗ୍ରାମରେ ଚାଲିଥିବା ଯାତ୍ରା ଦେଖିବାକୁ



ଆସିଥିଲେ। ରାତିରେ ଯାତ୍ରା ଚାଲିଥିବା ସମୟରେ ନିଜ ବାଇକ୍ ସ୍ଥାନୀୟ ହାଟପଦାରେ ରଖି ଯାତ୍ରା ଦେଖୁଥିଲେ। ଯାତ୍ରା ସରିବା ପରେ ନିଜ ଗାଁକୁ ଯିବାପାଇଁ ବାଇକ୍ ଆଣିବାକୁ ବାହାରିଥିଲେ। କିନ୍ତୁ ଉକ୍ତ ସ୍ଥାନରେ ବାଇକ୍ ନଥିବା ଜାଣିବା ପରେ ଆଖପାଖ ବହୁତ ଖୋଜାଖୋଜି କରିଥିଲେ। ବାଇକ୍ ନମିଳିବାରୁ ଚୋରି ହୋଇଥିବା ନେଇ ରାମଗିରି ଫାଣ୍ଡିରେ ଅଭିଯୋଗ କରିଥିଲେ। ସେହିପରି ୨୪ ତାରିଖ ଦିନ ରାମଗିରି ଗ୍ରାମର କୃଷ୍ଣଚନ୍ଦ୍ର ମହାପାତ୍ର ରାତିରେ ଖାଇବା ପରେ ନିଜ ଘର ପଛପଟେ ବାଇକ୍ ରଖି ଶୋଇବାକୁ ଯାଇଥିଲେ। ସକାଳୁ ଉଠିବା ପରେ ସେହି ସ୍ଥାନରେ ତାଙ୍କ ବାଇକ୍ ନଥିବା ଦେଖି ଚୋରି ହୋଇଥିବା ସନ୍ଦେହ କରି ରାମଗିରି ଫାଣ୍ଡିରେ ଏତଲା ଦେଇଥିଲେ। ଗତକାଲି ରାତିରେ ମଧ ଦଶମନ୍ତପୁର ପଞ୍ଚାୟତର ପଟ୍ରୋଗୁଡା ଗ୍ରାମର ସାଗର ବାରିକଙ୍କ ବାଇକ୍ ଚୋରି ହୋଇଥିବା ନେଇ ବୈପାରିଗୁଡା ଥାନାରେ ଏତଲା ଦିଆଯାଇଛି। ଏତଲା ଅନୁଯାୟୀ, ସାଗର ବାରିକ ବୈପାରିଗୁଡାରେ ଭଡ଼ାରେ ରହି ନୂଆ ଘରେ ରଙ୍ଗ ମାରିବା କାମ କରନ୍ତି। ୨୭ ତାରିଖ ଦିନ ନୂଆ ଘରେ ରଙ୍ଗ ମାରିବା ପାଇଁ ବାହାର ଗାଁକୁ ଯାଇଥିଲେ। ୨୯ ତାରିଖ ଦିନ ଫେରିବା ପରେ ଭଡ଼ା ଘର ଆଗରେ ରଖିଥିବା ନିଜ ବାଇକ୍ ନଥିବା ଦେଖି ବହୁ ଖୋଜାଖୋଜି କରିଥିଲେ। ନପାଇବାରୁ ଚୋରି ହୋଇଥିବା ଜାଣିପାରି ବୈପାରିଗୁଡା ଥାନାରେ ଏତଲା ଦେଇଛନ୍ତି। କିଛି ଦିନର ନୀରବତା ପରେ ପୁଣି ଥରେ ବାଇକ୍ ଚୋର ମାତିଛନ୍ତି ବୈପାରିଗୁଡା ଅଞ୍ଚଳରେ। ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି ବୈପାରିଗୁଡା ପୁଲିସ। ପୁଲିସ ପେଟ୍ରୋଲିଂ ଜୋରଦାର କରିବା ସହ ଚୋରକୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଉନ୍ନୟନ କାର୍ଯ୍ୟକୁ ବିରୋଧ; ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ପାପଡାହାଣ୍ଡି,୩୦।୧୦(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ତୁମ୍ବଲ୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋଲଶାଗୁଡା ଗ୍ରାମରେ ବିକଶିତ ଓଡିଶା ଯୋଜନାରେ ସରକାରଙ୍କ ଉନ୍ନୟନମୂଳକ କାମକୁ ଜଣେ ବିରୋଧ କରୁଥିବା ନେଇ ବିଡ଼ିଓ ଓ ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ। ସୂଚନା ଅନୁଯାୟୀ ତୁମ୍ବଲ୍ଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋଲଶା ଗୁଡା ଗ୍ରାମରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ସାଂସ୍କୃତିକ ଭବନ ନିର୍ମାଣ ପାଇ ୩ ଲକ୍ଷ ବ୍ୟୟରେ ଜଣେ ବ୍ୟକ୍ତି ଡୋମୁ ପୂଜାରୀକୁ କାର୍ଯ୍ୟଦେଶ ମିଳିଥିଲା। ସ୍ଥାନ ନିରୂପଣ ପରେ କାର୍ଯ୍ୟର ଫଳକ ଲାଗିବା ସହ ଭବନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ଦୁଇ ଦିନ ହେଲା ଗ୍ରାମର ଜଣେ ବ୍ୟକ୍ତି ଆସି କାମ ବନ୍ଦ କରିବା ସହ ଗଣ୍ଡଗୋଳ କରିବା ସହ ଠିକାଧାରକୁ ଜୀବନରେ ମାରିଦେବାକୁ ଧମକ ଦେଉଥିବା ନେଇ ଅଭିଯୋଗ ହୋଇଛି। ଡୋମୁ ପୂଜାରୀ ସହ ଗ୍ରାମର ଚୈତନ ଭତରା, ପୀତାମ୍ବର ଭତରା, ଡୋମୁ ନାୟକ, ସୁନାଧାର ପୂଜାରୀ, ଗୋପୀ ମୁଦୁଲି, ଦେବାଶିଷ ଗୌଡ଼, ପର୍ଶୁ ଯାନୀ, ଭଗବାନ ନାୟକ, ଚରଣ ଦିଶାରୀ, ନୀଳାମ୍ବର ନାୟକ, ବୋଲି ଭତରା ସହ ଶତାଧିକ ମହିଳା ଓ ପୁରୁଷ ବ୍ଲକ୍ କାର୍ଯ୍ୟାଳୟରେ ବିଡ଼ିଓ କପିଳଦେବ ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ କପିଳଦେବ ସାହୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ କନିଷ୍ଠ ଯନ୍ତ୍ରୀକୁ ନିର୍ଦ୍ଦେଶ କରିଛନ୍ତି ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବେ। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଲେ ଥାନାର ଦ୍ୱାରସ୍ଥ ହେବା ପାଇ ସୂଚନା ଦେଇଛନ୍ତି।

# ଗ୍ରୀନ୍ ପ୍ଲାଏଉଡ୍ କମ୍ପାନୀକୁ ସ୍ୱାଗତ



କୋରାପୁଟ,୩୦।୧୦(ସମିସ): ସେମିଳିଗୁଡା ନିକଟ କାଡାମଗୁଡ଼ାରେ ହେବାକୁ ଥିବା ଗ୍ରୀନ୍ ପ୍ଲାଏଉଡ କମ୍ପାନୀକୁ ସ୍ୱାଗତ କରି ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଗଠିତ ବେରେନ ମାଳା ବିକାଶ କମିଟି ଜିଲ୍ଲାପାଳଙ୍କୁ ସୂଚନା ପ୍ରଦାନ କରିଛି। କମିଟି ସଭାପତି, ସଂପାଦକଙ୍କ ସହ ଅନ୍ୟ ସଦସ୍ୟ ମାନେ ଗୁରୁବାର ଅପରାହ୍ନରେ କୋରାପୁଟ ଠାରେ ଲିଖିତ ଭାବେ ସୂଚନା ପ୍ରଦାନ କରିଛନ୍ତି। ସେମିଳିଗୁଡା ତହସିଲ୍ ଅନ୍ତର୍ଗତ ରାଣୀକନା ଓ ଲୁଙ୍ଗୁରି ମୌଜାର ଯୁବ ଗୋଷ୍ଠୀ ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏକ କମିଟି ଗଠନ ପାଇଁ ପରାମର୍ଶ ଦେବା ପରେ ବେରେନ ମାଳା ବିକାଶ କମିଟି ଗଠନ କରାଯାଇଛି। ତେଣୁ ଏହା ଆପଣଙ୍କୁ ଅବଗତ କରାଇବା ସହ କମ୍ପାନୀକୁ କମିଟି ସ୍ୱାଗତ କରିବା ସହ ଆସନ୍ତା ଦିନରେ ସେମାନେ କମ୍ପାନୀକୁ ସହଯୋଗ କରିବେ ବୋଲି ଜଣାଇଛନ୍ତି।

# ସାଇବର ସୁରକ୍ଷା ସଚେତନତା



ଲମତାପୁଟ,୩୦।୧୦(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ମାଛକୁଣ୍ଡ ଥାନା ତରଫରୁ ଆଜି ଲମତାପୁଟ ବ୍ଲକର ତିନୋଟି ଜାଗାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାଇ ଜିଲ୍ଲା ସାଇବର ଥାନା ତରଫରୁ ସାରା ରାଜ୍ୟରେ ସାଇବର ସୁରକ୍ଷା ସଚେତନ କରାଯାଉଥିବା ବେଳେ ଆଜି ଲମତାପୁଟ ବ୍ଲକର ଅନକାଡେଲି, ସାପ୍ତାହିକ ହାଟ ମାଛକୁଣ୍ଡ ଥାନା ଓ ଲମତାପୁଟ ପୋଲିସ ଫାଣ୍ଡି ସମ୍ମୁଖରେରେ ଜିଲ୍ଲା ସାଇବର ସୁରକ୍ଷା ସଚେତନ ଅଧିକାରୀ ବିଜୟ କୁମାର ମୁର୍ମୁ ଉପସ୍ଥିତ ରହି ସାଇବର ଉପରେ ଲୋକଙ୍କୁ ସଚେତନ କରିଥିଲେ। ପରେ ସାଇବର ସୁରକ୍ଷା ରଥ ପରିକ୍ରମା କରି ନାଟକ ପରିବେଷଣ କରି ସ୍ଥାନୀୟ ଜନ ସାଧାରଣଙ୍କୁ ସଚେତନ କରିଥିଲେ। କୋରାପୁଟରୁ ଆସିଥିବା ସାଇବର ସୁରକ୍ଷା ନାଟକ କଳାକାରଙ୍କ ଦ୍ୱାରା କିଭଳି ଲୋକଙ୍କୁ ସାଇବର ଠକ ମାନଙ୍କ ଦ୍ୱାରା ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ସହ ମିଛ ଲଟେରୀ ଫୁଟିବା ଓ ହ୍ୱାଟ୍ସଆପ୍‌ରେ ଭିଡିଓ କଲ୍ କରି ଅଜଣା ନମ୍ବରରୁ ବିଭିନ୍ନ ଥାନା ତରଫରୁ କଲ୍ କହୁଛି କହି ଲୋକଙ୍କୁ ଭୟଭୀତ କରି ପଇସା ଲୁଟିନେବା ଉପରେ ନାଟକ ମାଧ୍ୟମରେ ଅତି ସୁନ୍ଦର ଭାବରେ ସଚେତନ କରିଥିଲେ। ଏହି ଆୟୋଜିତ ସାଇବର ସୁରକ୍ଷା ସଚେତନ କାର୍ଯ୍ୟକ୍ରମରେ ନନ୍ଦପୁର ପୋଲିସ ଉପଖଣ୍ଡ ଅଧିକାରୀ ଦେବେନ୍ଦ୍ର କୁମାର ମଲ୍ଲିକ, ମାଛକୁଣ୍ଡ ଥାନା ଅଧିକାରୀ ମଧୁସୂଦନ ଭୋଇ, ଲମତାପୁଟ ଫାଣ୍ଡି ଅଧିକାରୀ ଶିଶିର କାନ୍ତ ଘୋଷ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ପି ଜାନକୀ, କସ୍ତୁରବା ଆଶ୍ରମ ଛାତ୍ରୀଙ୍କ ସହ ସର୍ବ ଦଳୀୟ ରାଜନେତା, ସ୍ଥାନୀୟ କିଛି ସରପଞ୍ଚ, ସାଧାରଣ ଜନତା ଉପସ୍ଥିତ ଥିଲେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ




ଜୟପୁର,୩୦।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଦୁର୍ନିତୀ ନିବାରଣ ସପ୍ତାହ ପାଳନ ଅବସରରେ ଏକ ସଚେଚନତା କାର୍ଯ୍ୟକ୍ରମ ଗୁରବାର ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସରକାରୀ ଓକିଲ ଶଶିଭୂଷଣ ପଟ୍ଟନାୟକା ଯୋଗଦେଇଥିଲେ। ଏହି ଅବସରରେ ଦୁର୍ନିତୀ ନିବାରଣ ଆମ ସାମୂହିକ ଦାୟୀତ୍ୱ ବିଷୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯକ୍ରମ ପ୍ରାରମ୍ଭରୁ ମହାବିଦ୍ୟାଳୟର, ଏନସିସି ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ହାତରା ଫ୍ଲାଗକାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିସରରୁ ବାହାରି ରାଜା ନହର ଛକ ପର୍ଯ୍ୟନ୍ତ ଯାଇ ପୁଣି ବିଦ୍ୟାଳୟ ପରିସରରକୁ ଫେରିଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର ପ୍ରଦାନ କରିଥିବା ବେଳେ ଶେଷରେ ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନେ ଶପଥପାଠ କରିଥିଲେ।

# ଜରୁରିକାଳୀନ ପରିସ୍ଥିତିରେ ଛୁଟି ବାତିଲ ହେଲାନି!



ବୈପାରିଗୁଡ଼ା,୩୦।୧୦(ସମିସ): ବୈପାରୀଗୁଡ଼ା ବ୍ଲକ ଅଧିନସ୍ଥ ଦଣ୍ଡାବାଡ଼ି ପଞ୍ଚାୟତର ପଣସପୁଟ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତକୁ ନେଇ ଚାଲିଛି ଚର୍ଚ୍ଚା। ଏଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିଲା ପରିଲକ୍ଷିତ ହୋଇଛି। ଯେହେତୁ ବାତ୍ୟା ମନ୍ଥା ପାଇଁ କୋରାପୁଟ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ରେଡ ୱାର୍ଣ୍ଣିଂ ସତର୍କ ସୂଚନା ଜାରି କରାଯାଇଥିଲା। ଏଥିଲାଗି କୋରାପୁଟ ଜିଲ୍ଲାପାଳ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟିକୁ ବାତିଲ କରିଥିଲେ। ଓଡିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭଗ ଚିଠି ନମ୍ବର ୨୯୨୨୮ / ୨୭-୧୦-୨୫ ତାରିଖ ଅନୁଯାଇ ଛୁଟି ବାତିଲି ନିର୍ଦ୍ଦେଶ ରହିଥିଲା। କିନ୍ତୁ ପଣସପୁଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସରକାରୀ ନିର୍ଦ୍ଦେଶକୁ ଅବମାନନା କଲା ଭଳି ପରିଲକ୍ଷିତ ହୋଇଛି। ପଣସପୁଟ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଗତ ୨୭-୧୦-୨୫ ତାରଖ ଠାରୁ ୨୯-୧୦-୨୫ ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଛୁଟି ନେଇଥିଲେ। ଯେଉଁଦିନ କି ସରକାରୀ ଛୁଟି ବାତିଲ ନିର୍ଦ୍ଦେଶ ବିଜ୍ଞପ୍ତି ଜାରି ହୋଇଥିଲା। ହେଲେ ଆଜି ୩୦-୧୦-୨୫ ତାରିଖରେ ବିଦ୍ୟାଳୟରେ ଯୋଗ ଦେବା ନିୟମ ରହିଥିବା ବେଳେ ସେ ଯୋଗଦେଇ ନାହାନ୍ତି ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦମ୍ବୁରୁଧର ଦଣ୍ଡସେନା କହିଛନ୍ତି। ଏନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଚାରିବା ପାଇଁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରିଲା ନାହିଁ। ସ୍ଥାନୀୟ ସିଆରସିସିଙ୍କୁ ପଚାରିବାରୁ ସେ ଏହି ବିଷୟରେ କିଛି ଜାଣିନାହାନ୍ତି କହି ଚୁପ ରହିଥିଲେ। ସେପଟେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କର୍ତ୍ତାମୀଙ୍କୁ ପଚାରିବାରୁ ଏହି ଘଟଣାକୁ ନେଇ ନିଜେ ତଦନ୍ତ କରିବେ ଏବଂ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଜରୁରୀ କାଳୀନ ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରିବା ଘଟଣାକୁ ନେଇ ବୈପାରୀଗୁଡା ଶିକ୍ଷା ବିଭାଗର ପରିବା ପଣିଆ ଉପରେ ପ୍ରଶ୍ନ ଉଠୁଛି।




ବିଷମକଟକ ମା ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ



ମୁନିଗୁଡ଼ାରେ ସାଇବର ସୁରକ୍ଷା ସଚେତନତା ଶୋଭାଯାତ୍ରା

# 'ଏକତା ପାଇଁ ଦୌଡ଼, ପଦଯାତ୍ରା' କାର୍ଯ୍ୟକ୍ରମ ପ୍ରସ୍ତୁତି

କୋରାପୁଟ,୩୦।୧୦(ସମିସ): ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ୧୫୦ ତମ ଜୟନ୍ତୀ ପାଳନ ଅବସରରେ ଏକତା ପାଇଁ ଦୌଡ ଏବଂ ପଦଯାତ୍ରା ଆୟୋଜନ କରାଯିବା ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଆସନ୍ତା ୩୧ ତାରିଖ ଦିନ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମ ରହିଛି। ସକାଳ ୬ ଘଣ୍ଟା ୩୦ ମିନିଟରେ ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରୁ ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ଅଢେଇ କିମି କାର୍ଯ୍ୟକ୍ରମରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବିଚାରଧାର ବାର୍ତ୍ତା ଦିଆଯିବ। ସାଂସ୍କୃତିକ ଦଳ ଗୁଡିକ ମାଧ୍ୟମରେ ଆତ୍ମନିର୍ଭର ଭାରତ ନିର୍ମାଣ



କିପରି କରିବା ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବିଚାରଧାର ବାର୍ତ୍ତା ସାଂସ୍କୃତିକ ଦଳ ଗୁଡିକ ମାଧ୍ୟମରେ ଜିଲ୍ଲାରେ ପହଞ୍ଚାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଆସନ୍ତା ୧୮ ତାରିଖ ଦିନ ବିଶାଳ ପଦଯାତ୍ରା ଆୟୋଜନ କରାଯିବ। ଏହି ପଦଯାତ୍ରା ମହିଳା କଲେଜ ଠାରୁ ଆରମ୍ଭ ହୋଇ ପୋଲିସ ପଡିଆ ଠାରେ ଶେଷ ହେବ। ପଦଯାତ୍ରା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥି ପୂର୍ବରୁ ଛାତ୍ରଛାତ୍ରୀ ମଧ୍ୟରେ ଆୟୋଜନ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ସମସ୍ତ ବିଧାୟକ ମାନଙ୍କ ସହ ସାଂସଦ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରେ ସମସ୍ତ ନାଗରିକ ସାମିଲ ହେବାକୁ ନିବେଦନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି, ସଂଯୋଜକ ତ୍ରିନାଥ ପଣ୍ଡା, ପଙ୍କଜ ପ୍ରଧାନ, ଚୈତନ୍ୟ ହନ୍ତାଳ ଏବଂ କିରଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୨୫ ● ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୭୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୧,୩୫୦ (ନୂଆଦିଲ୍ଲୀ)
- ରୁପା : ୧,୬୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୪,୪୦୪.୦୦
- ନିଫ୍ଟି ୨୫,୮୭୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତରେ ଅଧାରୁ ଅଧିକ ଲୋକ ଶୀଘ୍ର ଅବସର ନେବାକୁ ଆଗ୍ରହୀ



- ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତର ଲୋକେ ଖୁବ୍ ଆଗରେ
- ଅବସର ପ୍ରସ୍ତୁତିରେ ପୁରୁଷଙ୍କୁ ଟପିଲେ ମହିଳା
- ସ୍ୱାସ୍ଥ୍ୟକୁ ନେଇ ଅଧିକ ସଚେତନ

**ଇଣ୍ଡିଆ ରିଟାୟରମେଣ୍ଟ ଇଣ୍ଡେକ୍ସ ଷ୍ଟଡି ରିପୋର୍ଟ**

**ନୂଆଦିଲ୍ଲୀ,୨୦।୧୦(ଏଜେନ୍ସି):** ସମ୍ପ୍ରତି ଭାରତରେ ଚାକିରିରୁ ଅବସର ଗ୍ରହଣ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ପ୍ରସ୍ତୁତି ନିରନ୍ତର ଭାବେ ବଢ଼ିବାରେ ଲାଗିଛି। ଏଥିରେ ଅଧାରୁ ଅଧିକ ଲୋକ ଜଲ୍‌ଦି ଅବସର ନେବାକୁ ଯୋଜନା କରୁଛନ୍ତି। ସହରାଞ୍ଚଳ ବାସିନ୍ଦାମାନେ ଅବସର ଯୋଜନା କ୍ଷେତ୍ରରେ ଗ୍ରାମାଞ୍ଚଳ ବାସିନ୍ଦାଙ୍କ ତୁଳନାରେ ଆଗରେ ରହିଛନ୍ତି। ଏହା ବ୍ୟତୀତ, ପୂର୍ବ ଭାରତର ଲୋକମାନେ ବର୍ତ୍ତମାନ ଅବସର ଯୋଜନା କ୍ଷେତ୍ରରେ ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ଆଗରେ ରହିଛନ୍ତି। ଇଣ୍ଡିଆ ରିଟାୟାରମେଣ୍ଟ ଇଣ୍ଡେକ୍ସ ଷ୍ଟଡି (ଆଇଆର୍‌ଆଇଏସ୍) ଦ୍ୱାରା କରାଯାଇଥିବା ଏକ ଏହି ଅଧ୍ୟୟନରେ ଏହା କୁହାଯାଇଛି।

ଏହି ଅଧ୍ୟୟନ ଅନୁସାରେ, ଭାରତରେ ଅବସର ପ୍ରସ୍ତୁତି କ୍ରମଶଃ ବୃଦ୍ଧି ପାଉଛି। ଗତ ୪ ବର୍ଷ ମଧ୍ୟରେ ଆଇଆର୍‌ଆଇଏସ୍ ଇଣ୍ଡେକ୍ସ ସ୍କୋର ୪୪ ରୁ ୪୮କୁ ବୃଦ୍ଧି ପାଇଛି। ଏହା ଦର୍ଶାଉଛି ଯେ ଲୋକମାନେ ଏବେ ଆର୍ଥିକ, ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣ ଭାବରେ ଅବସର ବିଷୟରେ ଅଧିକ ସଚେତନ ହେଉଛନ୍ତି। ତେବେ ରିପୋର୍ଟରେ ଲୋକଙ୍କ ଅବସର ଯୋଜନାର କିଛି ପ୍ରମୁଖ ଆହ୍ୱାନକୁ ଦର୍ଶାଯାଇଛି। ଯେପରିକି ଏଥିରେ ନିର୍ଭରଯୋଗ୍ୟ ପରାମର୍ଶର ଅଭାବ, ପରିବାର ଉପରେ ନିର୍ଭରଶୀଳତା ଏବଂ ଅନ୍ୟାନ୍ୟ ଜୀବନ ଆବଶ୍ୟକତାକୁ ପ୍ରାଥମିକତା ଦେବା ଭଳି ଦିଗଗୁଡିକ ଅନ୍ତର୍ଭୁକ୍ତ। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଅଧିକାଂଶ ଲୋକ ୩୫ ବର୍ଷ ବୟସ ପୂର୍ବରୁ ଅବସର ଯୋଜନାର ଗୁରୁତ୍ୱ ବିଷୟରେ ଭଲ ଭାବରେ ଅବଗତ।

ଏ ସମ୍ପର୍କରେ ଆକ୍ସିସ୍ ମ୍ୟାକ୍ସ ଲାଇଫ୍‌ର ଏମ୍‌ଡି ଏବଂ ସିଇଓ ସୁମିତ ମଦନ କହିଛନ୍ତି, ଆଜିର ଗ୍ରାହକମାନେ ଅଧିକ ସ୍ୱାସ୍ଥ୍ୟପ୍ରତି ସଚେତନ, ଉତ୍ପାଦ ବିଷୟରେ ଅଧିକ ଜ୍ଞାନୀ ଏବଂ ଆର୍ଥିକ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଜନସଂଖ୍ୟାର ଏକ ବଡ଼ ଅଂଶ ଯୋଜନା କିପରି ଆରମ୍ଭ କରିବେ ସେ ବିଷୟରେ ଅନିଶ୍ଚିତ, ଯାହା ନିର୍ଭରଯୋଗ୍ୟ ପରାମର୍ଶର ଆବଶ୍ୟକତାକୁ ଆହୁରି ବୃଦ୍ଧି କରୁଛି। ୨୦୨୨ ମସିହାରେ ସ୍ୱାସ୍ଥ୍ୟ ପ୍ରସ୍ତୁତି ୪୧ ରୁ ୪୬ କୁ ବୃଦ୍ଧି ପାଇଛି। ଏହା ବର୍ଦ୍ଧିତ ଶାରୀରିକ କାର୍ଯ୍ୟକଳାପ, ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ବୀମାର ବୃଦ୍ଧି ଯୋଗୁଁ ହୋଇଛି, ଯାହା ବର୍ତ୍ତମାନ ୫୦ ପ୍ରତିଶତରେ ପହଞ୍ଚିଛି। ତଥାପି, ଭାବପ୍ରବଣତା ଜନିତ ସ୍ୱାସ୍ଥ୍ୟବସ୍ଥା ଏକ ଚିନ୍ତାର ବିଷୟ ହୋଇ ରହିଛି। ୭୧ ପ୍ରତିଶତ ଉତ୍ତରଦାତା କିଛି ଏକାକୀ ଅନୁଭବ କରୁଥିବା ରିପୋର୍ଟ କରିଥିବାବେଳେ ଏବଂ ୭୨ ପ୍ରତିଶତ ପରିବାର ଉପରେ ନିର୍ଭରଶୀଳ ହେବାକୁ ନେଇ ଚିନ୍ତିତ।

ଅପରପକ୍ଷେ ଅବସର ପ୍ରସ୍ତୁତି କ୍ଷେତ୍ରରେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଟିକିଏ ଆଗରେ। ସେମାନଙ୍କର ସ୍କୋର ୪୯, ଯେତେବେଳେ ପୁରୁଷମାନଙ୍କର ସ୍କୋର ୪୮। ଅଧିକାଂଶ ମହିଳା (୮୨ ପ୍ରତିଶତ) ପୁରୁଷମାନଙ୍କ ତୁଳନାରେ ଅବସର ପରେ ମଧ୍ୟ ଶାରୀରିକ ଭାବରେ ସୁସ୍ଥ ରହିବା ନେଇ ଆଶାବାଦୀ, ଯାହା ପୁରୁଷଙ୍କ କ୍ଷେତ୍ରରେ ୭୮ ପ୍ରତିଶତ। ତଥାପି, ମହିଳାମାନେ ବିପଦପୂର୍ଣ୍ଣ ନିବେଶ (ଯେପରିକି ଷ୍ଟକ୍ ବଜାର) ରେ ଅର୍ଥ ବିନିଯୋଗ କରିବା ପାଇଁ ପୁରୁଷମାନଙ୍କ ତୁଳନାରେ ୮% କମ୍ ସମ୍ଭାବନା ରଖୁଛନ୍ତି। ଏହାବାଦ୍ ମେଟ୍ରୋ ସହରଗୁଡ଼ିକରେ ଷଳାମେକ ଅବସରକାଳୀନ ପ୍ରସ୍ତୁତିକୁ ନେଓାଇ ବେଶ ଆଗରେ ଅଛନ୍ତି। ସେମାନଙ୍କ ସ୍କୋର ୫୦ ରହିଛି। ସହିତ। ଏହା ନିୟମିତ ଫିଟନେସ୍ ଅଭ୍ୟାସ ଏବଂ ସ୍ୱାସ୍ଥ୍ୟ ଯାଞ୍ଚ (୬୦%) ଯୋଗୁଁ ହୋଇଛି।

**୭୬ ରେଳ ଷ୍ଟେସନ୍‌ରେ ନିର୍ମାଣ ହେବ ଯାତ୍ରୀ ହୋଲ୍ଡିଂ ଏରିଆ।**

# ତାଲିକାରେ ଭୁବନେଶ୍ୱର, ପୁରୀ ସାମିଲ

**ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି):** ନୂଆଦିଲ୍ଲୀ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ରର ସଫଳତା ପରେ, ଭାରତୀୟ ରେଳବାଇ ଏବେ ୭୬ଟି ଷ୍ଟେସନରେ ଏପରି ସୁବିଧା ବିକଶିତ କରିବାକୁ ଯାଉଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହି ସୁବିଧା ସହିତ, ଦୀପାବଳି, ଦଶହରା, ଏବଂ ଛଟ ଭଳି ପର୍ବପର୍ବାଣୀ ସମୟରେ ଷ୍ଟେସନ ସହଜରେ ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିପାରିବ। ଦେଶର ୭୫ରୁ ଅଧିକ ଷ୍ଟେସନରେ ସ୍ଥାୟୀ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତାଲିକାରେ ରାଜ୍ୟରୁ ଭୁବନେଶ୍ୱର ଏବଂ ପୁରୀ ଷ୍ଟେସନ୍ ସାମିଲ ଅଛି। ରେଳ ମନ୍ତ୍ରଣାଳୟ କହିଛି ଯେ ରେଳ ମନ୍ତ୍ରୀ ବିଭିନ୍ନ ରେଳ ଷ୍ଟେସନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ବିକଶିତ କରିବା ପାଇଁ ଏକ ଯୋଜନାକୁ ଅନୁମୋଦନ ମିଳିଛି। ମନ୍ତ୍ରଣାଳୟ ୨୦୨୬ ଉତ୍ସବ ଋତୁ ପୂର୍ବରୁ ଏହି ୭୫ଟି ଅଧିକ ଷ୍ଟେସନରେ ସ୍ଥାୟୀ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ ସମାପ୍ତ କରିବାକୁ ଲକ୍ଷ୍ୟ ରଖିଛି। ନୂଆଦିଲ୍ଲୀ ଷ୍ଟେସନରେ ଏହି ସୁବିଧା ନିର୍ମାଣ ମାତ୍ର ଚାରି ମାସ ମଧ୍ୟରେ ସମାପ୍ତ ହୋଇଥିଲା। ଯାତ୍ରୀ ସଂରକ୍ଷଣ କ୍ଷେତ୍ରର ଅର୍ଥ ହେଉଛି ଯାତ୍ରୀମାନଙ୍କ ପାଇଁ ସେମାନଙ୍କ ଟ୍ରେନ୍ ପାଇଁ ଅପେକ୍ଷା କରିବା ପାଇଁ ଏକ ଉତ୍ସର୍ଗୀକୃତ ସ୍ଥାନ।



ଏହା ଷ୍ଟେସନରେ ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀମାନଙ୍କୁ ଆରାମ ପ୍ରଦାନ କରିବ। ଦେଶର ମୋଟ ୧୬ଟି ରେଳ ଜୋନରେ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ କରାଯିବ। ଏଥିରୁ କେନ୍ଦ୍ରୀୟ ଜୋନାଲ ରେଳବାଇରେ ୬, ପୂର୍ବାଞ୍ଚଳରେ ୬, ପୂର୍ବ କେନ୍ଦ୍ରୀୟରେ ୬, ପୂର୍ବ ତଟରେ ୬, ଉତ୍ତରାଞ୍ଚଳରେ ୧୨, ଉତ୍ତର କେନ୍ଦ୍ରୀୟରେ ୪, ଉତ୍ତର ପୂର୍ବାଞ୍ଚଳରେ ୪, ଉତ୍ତର ପୂର୍ବ ସୀମାରେ ୨, ଉତ୍ତର ପଶ୍ଚିମରେ ୫, ଦକ୍ଷିଣରେ ୪, ଦକ୍ଷିଣ କେନ୍ଦ୍ରୀୟରେ ୬, ଦକ୍ଷିଣ ପୂର୍ବରେ ୩, ଦକ୍ଷିଣ ପୂର୍ବ କେନ୍ଦ୍ରୀୟରେ ୧, ଦକ୍ଷିଣ ପଶ୍ଚିମରେ ୪, ପଶ୍ଚିମରେ ୮ ଏବଂ ପଶ୍ଚିମ କେନ୍ଦ୍ରୀୟରେ ୩ ଯାତ୍ରୀ ସଂରକ୍ଷଣ କ୍ଷେତ୍ର ନିର୍ମାଣ ହେବ। ଏହି ହୋଲ୍ଡିଂ କ୍ଷେତ୍ରଗୁଡ଼ିକରେ ବସିବା ସ୍ଥାନ, ଟିକେଟ୍ କାଉଣ୍ଟର, ଶୌଚାଳୟ, ପଚରାଉଚରା, ଲଗେଜ ଯାଞ୍ଚ ଏବଂ ଖାଦ୍ୟ ଏବଂ ପାନୀୟ ସୁବିଧା ପ୍ରଦାନ କରାଯିବ।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲୁଗାଁ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୩୦।୧୦(ସମିସ):** ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ବାଲୁଗାଁ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ୮୬ତମ ଶାଖା। ଏହି ଅବସରରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ବାଲୁଗାଁ ଶାଖାର ଶାଖା ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ଯୋଗାଇଦେବା ବ୍ୟାଙ୍କର ପ୍ରମୁଖ ଲକ୍ଷ୍ୟ ଏବଂ ଏହି ଶାଖା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ମାନର ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ସହିତ ବ୍ୟାଙ୍କିଙ୍ଗ୍ ସୁବିଧା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବାରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମଲିକ ପ୍ରକାଶ କରିଥିଲେ।



## କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଦକ୍ଷତା ପଦକ୍ଷେପ

**ଭୁବନେଶ୍ୱର, ୩୦।୧୦(ସମିସ):** ସମୃଦ୍ଧ ପରମ୍ପରା ଏବଂ ଅବ୍ୟବହୃତ ସମ୍ଭାବନାର ଭୂମି କଳାହାଣ୍ଡି ଏବେ ଏକ ଉଲ୍ଲେଖନୀୟ ପରିବର୍ତ୍ତନର ସାକ୍ଷୀ ହେଉଛି। ଏଠାରେ ମହତ୍ତ୍ୱାକାଂକ୍ଷା, ଆତ୍ମବିଶ୍ୱାସ ଏବଂ ଆତ୍ମନିର୍ଭରଶୀଳତାର ଏକ ନୂତନ କାହାଣୀ ରୂପ ନେଉଛି, ଯାହାର ନେତୃତ୍ୱ ନେଉଛି ବେଦାନ୍ତ ଆଲୁମିନିୟମର ଦକ୍ଷତା ବିକାଶ ପଦକ୍ଷେପ, ଯାହା ବର୍ତ୍ତମାନ ସୁଦ୍ଧା ଭବାନୀପାଟଣା ଏବଂ ଲାଞ୍ଜିଗଡ଼ର ୮୦୦ରୁ ଅଧିକ ଯୁବକଙ୍କୁ ତାଲିମ ଦେଇସାରିଛି। ୫୫% ମହିଳା ଅଂଶଗ୍ରହଣ ସହିତ, କଳାହାଣ୍ଡିରେ ଏହି କାର୍ଯ୍ୟକ୍ରମ ଏହାର ଲୋକଙ୍କ ପାଇଁ ସୁଯୋଗର ଏକ ଦ୍ୱାର ଖୋଲିବା ସହିତ ଲିଙ୍ଗ-ସାମଗ୍ରିକ ନିଯୁକ୍ତିକୁ ବୃଦ୍ଧି କରୁଛି ଏବଂ ଏହି ଅଞ୍ଚଳରେ ନୂତନ ଜୀବନ ଫୁଙ୍କୁଛି। କାହିଁ କେଉଁ ଦଶକ ଧରି କଳାହାଣ୍ଡି ଥିଲା ସୀମିତ ସୁଯୋଗ ଓ ଅପୂର୍ଣ୍ଣ ସ୍ୱପ୍ନର ଅଞ୍ଚଳ। କିନ୍ତୁ ଏବେ ଭାଗ୍ୟ ବଦଳିଛି। ବେଦାନ୍ତର ଭବାନୀପାଟଣା ଓ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକରେ ଯୁବକ-ଯୁବତୀମାନେ ଆଚରଣିକ ଓ ନିଯୁକ୍ତି-ଯୋଗ୍ୟ କୌଶଳ ଶିଖୁଛନ୍ତି, ଯାହା ତାଙ୍କୁ ନୂତନ ଓ ଆଧୁନିକ ବୃତ୍ତିକ୍ଷେତ୍ରରେ ସୁଯୋଗ ଦେଉଛି। ଏହି କେନ୍ଦ୍ରଗୁଡ଼ିକ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଓ ନାବାର୍ଡ ସହଯୋଗରେ ଚାଲୁଛି। ଏଠାରେ ଅତିଥି ସେବା, ବିକ୍ରୟ, ଖାଦ୍ୟ ଓ ପାନୀୟ ସେବା ଭଳି ବିଭିନ୍ନ ଶିଳ୍ପ-ସଂପର୍କିତ ପାଠପଢ଼ା ହେଉଛି। ଏ ପର୍ଯ୍ୟନ୍ତ ଯେଉଁ ୮୦୦ରୁ ଅଧିକ ଯୁବା ଶିକ୍ଷା ପାଇଛନ୍ତି।



## 'ବିଏସ୍‌ଏନ୍‌ଏଲ୍‌ର ରାଜସ୍ୱ ଅଭିବୃଦ୍ଧିରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟରେ ଓଡ଼ିଶା'

**ନୂଆଦିଲ୍ଲୀ,୩୦।୧୦:** ୨୦୨୪-୨୫ ଆର୍ଥିକବର୍ଷରେ ଲଗାତାର ଭାବେ ବିଏସଏନଏଲ୍‌ର ନେଟ୍ ତ୍ରୈମାସିକ ଲାଭ ପରେ କମ୍ପାନୀ ଲାଭଦାୟକତା ଗତିକୁ ବଜାୟ ରଖିବା ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଦୃଢ଼ ପ୍ରଦର୍ଶନ ପଥ ବଜାୟ ରଖିଛି। ଏହି ସମୟରେ କମ୍ପାନୀ ପ୍ରାୟ ୫,୩୪୭ କୋଟି ଟଙ୍କା ଆୟ କରିଛି, ଯାହା ମୋଟ ୧୧,୧୩୪ କୋଟି ଟଙ୍କାର ପ୍ରଥମ ଅର୍ଦ୍ଧବାର୍ଷିକରେ ରାଜସ୍ୱ ପ୍ରଦାନ କରିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଏସଏନଏଲ୍‌ର ବାର୍ଷିକ ରାଜସ୍ୱ ଲକ୍ଷ୍ୟ ୨୭,୫୦୦ କୋଟି ଟଙ୍କା ରହିଛି, ଯାହା ପୂର୍ବ ବର୍ଷରେ ୨୫,୦୦୦ କୋଟି ଟଙ୍କା ଥିବା କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ. ସିନ୍ଧିଆ କହିଛନ୍ତି। ବିଏସଏନଏଲ୍‌ର ଦ୍ୱିତୀୟ ରଣନୈତିକ ସମୀକ୍ଷା ଏବଂ ଯୋଜନା ବୈଠକ (୨୦୨୫-୨୬)ରେ ଅଧ୍ୟକ୍ଷତା କରି ସିନ୍ଧିଆ ଦେଶର ସମସ୍ତ ୨୮ ଟି ସର୍କଲର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍)ଙ୍କ ସହ ଆଲୋଚନା କରିଥିଲେ। ଚାରି ଘଣ୍ଟା ଧରି ଚାଲିଥିବା ଏହି ରଣନୈତିକ ସମୀକ୍ଷାରେ ପ୍ରତି କର୍ମଚାରୀଙ୍କ ପାଇଁ ହାରାହାରି ରାଜସ୍ୱ ୯ ଲକ୍ଷ ଟଙ୍କା ହୋଇଛି, ଯେଉଁଥିରେ ଓଡ଼ିଶା, ମହାରାଷ୍ଟ୍ର ଏବଂ ହରିୟାଣା ଉଲ୍ଲେଖନୀୟ ଭାବରେ ଭଲ ପ୍ରଦର୍ଶନ କରିଛନ୍ତି।



## ଜିଓ ବ୍ୟବହାରକାରୀଙ୍କୁ ୧୮ ମାସ ପାଇଁ ମାଗଣାରେ ମିଳିବ ଗୁଗୁଲ୍ ଏଆଇ ପ୍ରୋ

**ମୁମ୍ବଇ, ୩୦।୧୦:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ ଏବଂ ଗୁଗୁଲ୍ ଆଜି ଏକ ପ୍ରମୁଖ ରଣନୈତିକ ସହଭାଗୀତା ଘୋଷଣା କରିଛନ୍ତି, ଯାହା ଅଧୀନରେ ଉଭୟ କମ୍ପାନୀ ଭାରତରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାରକୁ ଦ୍ରୁତ ଭାବରେ ବିସ୍ତାର କରିବା ପାଇଁ ଏକାଠି କାମ କରିବେ। ଏହି ସହଭାଗୀତାର ସ୍ୱତନ୍ତ୍ରତା ହେଉଛି ଜିଓ ବ୍ୟବହାରକାରୀମାନେ ୧୮ ମାସ ପାଇଁ ଗୁଗୁଲ ଏଆଇ ପ୍ରୋ ପ୍ଲାନ ର ମାଗଣା ପ୍ରବେଶ ବା ଆକ୍ସେସ ପାଇବେ। ଏହି ପ୍ଲାନର ମୂଲ୍ୟ ପ୍ରତି ଉପଯୋଗକର୍ତ୍ତାଙ୍କ ପାଇଁ ପ୍ରାୟ ୩୫,୧୦୦ ଟଙ୍କା ରହିଥିବା ବେଳେ, ଏହି ସହଭାଗିତା ଅଧୀନରେ ଏହା ମାଗଣାରେ ଉପଲବ୍ଧ ହେବ। ଗୁଗୁଲ୍ ଜେମିନି ୨.୫ ପ୍ରୋ, ନୂତନତମ ନାନୋ ବନାନା, ଏବଂ ଭିଓ ୩.୧ ମଡେଲ୍ ସହିତ ଚମତ୍କାର ଚିତ୍ର ଏବଂ ଭିଡିଓ ତିଆରି କରିବା ପାଇଁ ଉପଭୋକ୍ତାମାନେ ବିସ୍ତାରିତ ଲିମିଟ ପାଇବେ। ଅଧ୍ୟୟନ ଏବଂ ଗବେଷଣା ପାଇଁ ନୋଟବୁକ୍ ଏଲଏମର ବର୍ଦ୍ଧିତ ଆକ୍ସେସ ଏବଂ ୨ ଟିବି କ୍ଲାଉଡ୍ ଷ୍ଟୋରେଜ୍ ଭଳି ପ୍ରିମିୟମ୍ ସେବା ମଧ୍ୟ ଏହି ଅଫରରେ ଅନ୍ତର୍ଭୁକ୍ତ ରହିଛି। ପ୍ରାରମ୍ଭରେ, ଏହି ସୁବିଧା ୧୮ ରୁ ୨୫ ବର୍ଷ ବୟସର ଜିଓ ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ ହେବ, କିନ୍ତୁ ପରବର୍ତ୍ତୀ ସମୟରେ ସମସ୍ତ ଜିଓ ଉପଭୋକ୍ତାଙ୍କୁ ଏହାର ପ୍ରବେଶ ବା ଆକ୍ସେସ ମିଳିବ। ଏହି ଏଆଇ ସୁବିଧା କମ୍ପାନୀ କେବଳ ୫ଜି ଅନଲିମିଟେଡ଼ ପ୍ଲାନ ରହିଥିବା ଜିଓ ଗ୍ରାହକମାନଙ୍କୁ ପ୍ରଦାନ କରିବ। ଏହି ସହଭାଗୀତା ରିଲାଏନ୍ସର "ସମସ୍ତଙ୍କ ପାଇଁ ଏଆଇ" ଦୃଷ୍ଟିକୋଣ ଅନୁରୂପ ହୋଇଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ମୁକେଶ ଡି. ଅମ୍ବାନୀ କହିଛନ୍ତି।

# ସଙ୍କଟରେ ଭାରତୀୟ ବିମାନ କମ୍ପାନୀ; କ୍ଷତି ୧୦,୫୦୦ କୋଟି ଛୁଇଁବ

- ଖୁବ୍ ଶୀଘ୍ର ମହଙ୍ଗା ହେବ ବିମାନ ଯାତ୍ରା
- ୧୭% ବିମାନ ଅଚଳ
- ପାଇଲଟ୍ ଅଭାବ, ବିମାନ ଲିଜ୍ ମୂଲ୍ୟ ବୃଦ୍ଧି କମ୍ପାନୀଙ୍କ ଉପରେ ଅତିରିକ୍ତ ଆର୍ଥିକ ଚାପ

**ଇକ୍ରା ରିପୋର୍ଟ**

**ନୂଆଦିଲ୍ଲୀ,୩୦।୧୦(ଏଜେନ୍ସି):** ଘୋର କ୍ଷତିରେ ଚାଲୁଛନ୍ତି ଭାରତୀୟ ବିମାନ କମ୍ପାନୀ। ପରିଚାଳନା ଖର୍ଚ୍ଚରେ ପ୍ରଚୁର ବୃଦ୍ଧି ସହ ମହଙ୍ଗା ବିମାନ ଇନ୍ଧନ, ମଜବୁତ ଡଲାର ଏବଂ ହ୍ରାସ ପାଉଥିବା ଘରୋଇ ଯାତ୍ରୀ ସଂଖ୍ୟା ଏହାର ମୁଖ୍ୟ କାରଣ ବୋଲି ବିବେଚନା କରାଯାଉଛି। ଯାହାଫଳରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର କ୍ଷତି ୨୦୨୬ ଆର୍ଥିକବର୍ଷରେ ରେକର୍ଡ ୧୦୫ ବିଲିୟନ ବା ୧୦,୫୦୦ କୋଟି ଟଙ୍କା ଛୁଇଁପାରେ। ଏହା ଗତ ବର୍ଷ ଆକଳନ କରାଯାଇଥିବା ୫୫ ବିଲିୟନ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ବୋଲି କୁହାଯାଉଛି। ଏମିତିକି ଘରୋଇ କ୍ଷେତ୍ରରେ ଚାଲୁଥିବା ପ୍ରାୟ ୧୭% ବିମାନ ବର୍ତ୍ତମାନ ଉଡାଣ କରିବା ସ୍ଥିତିରେ ନାହିଁ। ସେଗୁଡିକ ଅଚଳ ହୋଇଯାଇଛି। ଏହାର ପରିଣାମ ସ୍ୱରୂପ ଦେଶରେ ଲୋକଙ୍କ ପାଇଁ ଖୁବ୍ ଶୀଘ୍ର ବିମାନ ଯାତ୍ରା ମହଙ୍ଗା ହେବାକୁ ଯାଉଛି। ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।



ରିପୋର୍ଟ ଅନୁଯାୟୀ, ଦେଶର ବର୍ଦ୍ଧିତ ଅର୍ଥନୀତିର ଏକ ପ୍ରମୁଖ ସୂଚକ ଭାବରେ ବିବେଚିତ ଭାରତୀୟ ବିମାନ ଶିଳ୍ପ ବର୍ତ୍ତମାନ ଏକ ବଡ଼ ଆର୍ଥିକ ସଙ୍କଟ ଆଡକୁ ମୁହାଁଇଛି। ଏହା ବିମାନ ଯାତ୍ରୀଙ୍କ ପକେଟ ଉପରେ ଗଭୀର ପ୍ରଭାବ ପକାଇପାରେ। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ ଭାରତୀୟ ବିମାନ କମ୍ପାନୀଗୁଡ଼ିକର ନିଟ୍ ଆର୍ଥିକ କ୍ଷତି ଆହୁରି ବୃଦ୍ଧି ପାଇପାରେ। ଏହାର ଅର୍ଥ ହେଉଛି କ୍ଷତି ମାତ୍ର ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ହେବ ବୋଲି ଆଶଙ୍କା କରାଯାଉଛି। ଏହି ବିଶାଳ ଆର୍ଥିକ ବୋଝର ସିଧାସଳଖ ଅର୍ଥ ହେଉଛି ଯେ ବିମାନ କମ୍ପାନୀଗୁଡ଼ିକ ନିଜର ପରିଚାଳନା ଖର୍ଚ୍ଚ ବଜାୟ ରଖିବା ପାଇଁ ବର୍ତ୍ତମାନ ବର୍ଦ୍ଧିତ ଚାପର ସମ୍ମୁଖୀନ ହେବେ, ଯାହା ଟିକଟ୍ ମୂଲ୍ୟ କିମ୍ବା ସୁବିଧା ହ୍ରାସ ମାଧ୍ୟମରେ ଯାତ୍ରୀମାନଙ୍କୁ ପ୍ରଭାବିତ କରିବ। ଏହି ଆର୍ଥିକ କ୍ଷତି ପଛର ବଡ଼ କାରଣ ହେଉଛି ଚଳିତମାସରେ ଏଟିଏଫ୍ ମୂଲ୍ୟରେ ୩.୩ ପ୍ରତିଶତ ବୃଦ୍ଧି ଘଟିବା। ଭାରତୀୟ ବିମାନ କମ୍ପାନୀଗୁଡ଼ିକ ପାଇଁ ଆଉ ଏକ ବଡ଼ ପ୍ରତିବନ୍ଧକ ହେଉଛି ଆମେରିକୀୟ ଡଲାରର ଶକ୍ତି। କମ୍ପାନୀଗୁଡିକର ବିମାନ ଲିଜ୍, ରକ୍ଷଣାବେକ୍ଷଣ ଏବଂ ସ୍ପେୟାର ପାର୍ଟସ୍ ଭଳି ଅଧିକାଂଶ ପ୍ରମୁଖ ଖର୍ଚ୍ଚ ଡଲାରରେ ପେମେଣ୍ଟ କରାଯାଏ। ଟଙ୍କା ଏବଂ ଡଲାର ମଧ୍ୟରେ ଅସ୍ଥିରତା ସିଧାସଳଖ ସେମାନଙ୍କ ଲାଭକୁ କମ୍ କରୁଛି। ଯଦିଓ ସେମାନେ ଭାରତୀୟ ଟଙ୍କାରେ ରୋଜଗାର କରନ୍ତି, କିନ୍ତୁ ସେମାନଙ୍କୁ ଡଲାରରେ ଖର୍ଚ୍ଚ କରିବାକୁ ପଡ଼େ, ଯାହା କ୍ଷତିର ଏକ ପ୍ରମୁଖ ଏବଂ ସ୍ଥାୟୀ କାରଣ।


ଅପରପକ୍ଷେ ଏହାର ଅନ୍ୟ ଏକ କାରଣ ହେଉଛି , ଘରୋଇ ବିମାନ ଯାତ୍ରୀ ସଂଖ୍ୟାରେ ହ୍ରାସ। ଆର୍ଥିକ ଚ୍ୟାଲେଞ୍ଜ ସହିତ ବିମାନ କମ୍ପାନୀଗୁଡ଼ିକ ମଧ୍ୟ ଅନେକ ଆଭ୍ୟନ୍ତରୀଣ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଏଥିରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଇଞ୍ଜିନ ବିଫଳତା ଏବଂ ଯୋଗାଣ ଶୃଙ୍ଖଳ ସମସ୍ୟା। ବିଶେଷକରି ପ୍ରାଟ୍ ଏବଂ ହ୍ୱିଟନି ଇଞ୍ଜିନ ସହିତ ଜଡିତ ସମସ୍ୟା। ଏହା ଫଳରେ ଅନେକ ବିମାନ ଅଚଳ ହୋଇ ପଡିରହିଛି। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଦେଶରେ ୧୩୩ ବିମାନ ଅଚଳ ହୋଇ ପଡିରହିଛି, ଯାହା ଦେଶର ମୋଟ ବିମାନ ସଂଖ୍ୟାର ୧୫-୧୭ ପ୍ରତିଶତ।

**ଦୁଃଖ ଦେଇଗଲା ବାତ୍ୟା ମୋନ୍ଥା**

# ପାଣିରେ ଲୋଟୁଛି ଧାନ; ଦାନା ଚିନ୍ତାରେ ଚାଷୀ

**ପାରଳାଖେମୁଣ୍ଡି/ଧରାକୋଟ,୩୦।୧୦(ସମିସ):** ବାତ୍ୟା ଗଲାପରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ ଧାନ ଓ ପନିପରିବା ଫସଲ ଉଜୁଡ଼ି ଯାଇଛି। କେଉଁଠି ପାଚିଲା ଧାନ ତ ଆଉ କେଉଁଠି ପୁଡ଼ା ଧରୁଥିବା ଧାନ ଏବେ ପାଣିରେ ଲୋଟିଛି। ଚଳିତବର୍ଷ ଭଲ ବର୍ଷା ଯୋଗୁଁ ଫସଲ ଭଲ ହୋଇଥିବାବେଳେ ଚାଷୀ ଦି ପଇସା ଭଲ ରୋଜଗାର କରିବ ବୋଲି ଆଶା କରିଥିଲା। ମାତ୍ର 'ମୋନ୍ଥା' ପ୍ରଭାବରେ ହୋଇଥିବା ବର୍ଷାରେ ଲୋଟିଥିବା ଧାନକୁ ଦେଖି ଏବେ ବର୍ଷସାରା ପରିବାର ପାଇଁ ଦାନା ଯୋଗାଡ଼ ହେବ କି ନାହିଁ ସେ ନେଇ ଚିନ୍ତାରେ।

ଗଜପତି ଜିଲ୍ଲାରେ ୧୦୯.୪୦ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଗୁରୁବାର ବର୍ଷା କମିବା ପରେ ବିଭିନ୍ନ ସ୍ଥାନରେ ଚାଷୀ ଯାଇ ଉଜୁଡ଼ା ଜମିରେ ଧାନ ଗଛକୁ ଆଡ଼େଇ ଜଳ ନିଷ୍କାସନ ପାଇଁ ଉଦ୍ୟମ ଜାରି ରଖିଛନ୍ତି। କେତେକ ସ୍ଥାନରେ ଆଗ ଚାଷ ହୋଇଥିବା କ୍ଷେତରେ ଧାନ ପାଚିଯାଇଥିବାରୁ ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଜିଲ୍ଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀ ଦାବି କରିଛନ୍ତି।





**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ଜେଲ୍‌ରେ ମଳୟଙ୍କୁ ଘରରନ୍ଧା ଖାଦ୍ୟ ଯୋଗାଇବାକୁ ଅନୁମତି!

**ବ୍ରହ୍ମପୁର, ୩୦।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗୁରୁବାର ଏସ୍‌ଡିଜେଏମଙ୍କ ଅଦାଲତରେ ପୁଣି ଏକ ପିଟିସନ ଦାଖଲ ହୋଇ ତାହାର ଶୁଣାଣି ହୋଇଛି। ଗିରଫ କର୍ପୋରେଟର୍ ମଳୟ ବିଶୋୟୀଙ୍କ ପକ୍ଷରୁ ତାଙ୍କ ଓକିଲ କୃଷ୍ଣପ୍ରସାଦ ପଟ୍ଟନାୟକ ଓ ସହଯୋଗୀ ଏହି ପିଟିସନ ଦାଖଲ କରିଥିଲେ। ପିଟିସନରେ, ମଳୟ ଜଣେ ରକ୍ତଶର୍କରା ଓ ଉଚ୍ଚ ରକ୍ତଚାପ ରୋଗୀ ହୋଇଥିବାରୁ ତାଙ୍କର ନିୟମିତ ଚିକିତ୍ସାର ଆବଶ୍ୟକତା ରହିଛି। ଏଣୁ ତାଙ୍କୁ ଜେଲ ମଧ୍ୟରେ ଥିବା ଡାକ୍ତରଖାନାକୁ ଯିବାକୁ ସୁଯୋଗ ଦିଆଯାଉ। ମଳୟ ଜଣେ ରୋଗୀ ହୋଇଥିବାରୁ ତାଙ୍କୁ ଜେଲ ପରିବର୍ତ୍ତେ ଘର ରନ୍ଧାଖାଦ୍ୟ ଯୋଗାଇବାକୁ ଅନୁମତି ଦେବାକୁ ନିବେଦନ କରାଯାଇଥିଲା। ସେହିଭଳି, ମଳୟଙ୍କ ଓକିଲଙ୍କୁ ମଧ୍ୟ ଜେଲରେ ନିଜ ମହକିଲଙ୍କୁ ସାକ୍ଷାତ ସୁଯୋଗ ଦିଆଯାଉନଥିବା ଦାଖଲ ପିଟିସନରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି।

ପିଟିସନକୁ ନେଇ ଉଭୟ ସରକାରୀ ଓକିଲ ଓ ମଳୟଙ୍କ ଓକିଲଙ୍କ ଯୁକ୍ତିକୁ ଶୁଣିବା ପରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୁମାର ସ୍ୱପନ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଆଦର୍ଶ ଜେଲ୍ ମାନୁଆଲ ୨୦୨୦ ପ୍ରକାରେ ସମସ୍ତ ଓକିଲଙ୍କୁ ସେମାନଙ୍କ ମହକିଲଙ୍କ ସହ ଆଇନଗତ ପରାମର୍ଶ ଓ ଆଲୋଚନା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେବା ସହ ବିଚାରାଧୀନ କଏଦୀ ତଥା କର୍ପୋରେଟର ମଳୟ ବିଶୋୟୀଙ୍କୁ ଜେଲ ମଧ୍ୟରେ ଚିକିତ୍ସାଳୟକୁ ଯିବାକୁ ସୁଯୋଗ ଦେବା ସହ ଆବଶ୍ୟକସ୍ଥଳେ ତାଙ୍କୁ ତାଙ୍କର ଘରରନ୍ଧା ଯୋଗାଇଦେବାକୁ ଅନୁମତି ପ୍ରଦାନ କରିଥିବା ଜଣାପଡ଼ିଛି।

**ଆଜି ପିଣ୍ଟୁ ଦାଶଙ୍କୁ ନିଆଯିବ ଫୁଲବାଣୀ ଜେଲ**

ସେପଟେ ୩୧ ତାରିଖରେ ବ୍ରହ୍ମପୁର ଜେଲ୍‌ରେ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ କଡ଼ାସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ଭାବେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜେଲ କର୍ତ୍ତୃପକ୍ଷଙ୍କୁ ଏସ୍‌ଡିଜେଏମ୍ କୁମାର ସ୍ୱପନ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ବ୍ରହ୍ମପୁର ଜେଲରେ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବାର ପୂର୍ବରୁ ଖୋଦ୍ ଜେଲ କର୍ତ୍ତୃପକ୍ଷ ଆଶଙ୍କା କରି କୋର୍ଟରେ ଲିଖିତ ଭାବେ ଜଣାଇଥିଲେ। ଫଳରେ ଆସନ୍ତା ୩୧ତାରିଖ ଶୁକ୍ରବାର ଦିନ ପୂର୍ବାହ୍ନରେ ପିଣ୍ଟୁଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁରରୁ ଫୁଲବାଣୀ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।


**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୫୯ - ଫିଲିପାଇନ୍ସରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୦୦ ଲୋକଙ୍କ ପ୍ରାଣହାନି।
- ୧୯୨୦- 'ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସ'ର ଗଠନ।
- ୧୯୫୩- ବେଲଜିୟମ୍‌ରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୮ - ଇରାନ୍‌ରେ ତୈଳ କର୍ମଚାରୀଙ୍କ ଧର୍ମଘଟ।
- ୧୯୮୪- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦେହାନ୍ତ।
- ୨୦୧୫- ରୁଷିଆର ମେଟ୍ରୋଜେଟ୍ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୨୨୪ ଯାତ୍ରୀ ମୃତ।

# ଜାତୀୟ ଏକତା ଦିବସ



ଆଜି ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ। ଆଜିର ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ବିବିଧତା ମଧ୍ୟରେ ଏକତାର ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଜାତୀୟ ଅଖଣ୍ଡତାକୁ ବଜାୟ ରଖିବା ଆଜି ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହାବାଦ୍ ଦେଶର ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଏହି ଦିବସ ସଭିଙ୍କୁ ସଂକଳ୍ପବଦ୍ଧ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଲୌହ ପୁରୁଷ ସର୍ଦ୍ଦାର ପଟେଲ ଭାରତ ଏକୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ୩୧ ଅକ୍ଟୋବର, ୧୮୭୫ରେ ଗୁଜରାଟର ନଡ଼ିୟାଦରେ ଜନ୍ମଗ୍ରହଣ କରିଥିଲେ। ପେସାରେ ସେ ଜଣେ ଓକିଲ ଥିଲେ। ତେବେ ରାଷ୍ଟ୍ରବାଦୀ ଗୁଣ ହିଁ ତାଙ୍କୁ ସ୍ୱାଧୀନତା ସଂଗ୍ରାମୀର ପରିଚୟ ପ୍ରଦାନ କରିଛି। ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ। ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ସର୍ଦ୍ଦାର ପଟେଲ ଦେଶ ସ୍ୱାଧୀନ ହେବା ପରେ ୫୬୫ଟି ଦେଶୀୟ ରାଜ୍ୟକୁ ଏକତ୍ର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁଜରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ୧୫ ଡିସେମ୍ବର ୧୯୫୦ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ। ସେହିପରି ୨୦୧୮ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ଦ୍ଦାର ପଟେଲଙ୍କ ସମ୍ମାନରେ ଗୁଜରାଟରେ ୧୮୨ ମିଟର ଉଚ୍ଚତାର 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଜାତୀୟ ଏକତା ଦିବସ ଅବସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରା ସଂପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ସାରା ଦେଶରେ ଏହିଦିନ 'ଏକତା ଦୌଡ଼'ର ଆୟୋଜନ କରାଯାଏ। ଜାତୀୟ ଏକତା ଦିବସ ନାଗରିକମାନଙ୍କୁ ଏକଜୁଟ ହୋଇ ଦେଶର ପ୍ରଗତିରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥାଏ।

# ମଶାମୁକ୍ତ ଦେଶରେ ମଶା ଚିହ୍ନଟ



ବିଶ୍ୱର ମଶା ମୁକ୍ତ ଦେଶ କହିଲେ ଆଇସ୍‌ଲ୍ୟାଣ୍ଡକୁ ବୁଝାଏ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଆଇସ୍‌ଲ୍ୟାଣ୍ଡ ଉପରେ ପଡ଼ିଛି। ଏଠାରେ ଏକସଙ୍ଗେ ତିନୋଟି ମଶାକୁ ଠାବ କରାଯାଇଛି। ଅନେକ ଦିନରୁ ମଶାଶୂନ୍ୟ ଦେଶ ଭାବେ ମାନ୍ୟତା ଅର୍ଜନ କରିଥିବା ଆଇସ୍‌ଲ୍ୟାଣ୍ଡରେ ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ମଶା ଦେଖାଯାଇଛନ୍ତି। ଏଠାକାର ତାପମାତ୍ରା ଏବେ ମଶା ବଂଶ ବିସ୍ତାର ପାଇଁ ଅନୁକୂଳ ହୋଇଛି ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଆଇସ୍‌ଲ୍ୟାଣ୍ଡର ପ୍ରାକୃତିକ ବିଜ୍ଞାନ ସଂସ୍ଥାନର କୀଟତତ୍ତ୍ୱ ବିଜ୍ଞାନୀ ମେଥିୟାସ ଆଲଫ୍ରେଡସନ୍ ଏସମ୍ପର୍କରେ ସୂଚନା ଦେଇଛନ୍ତି। କିଡାଫେଲ, କଜୋସରେ କ୍ୟୁଲିସେଟା ଏନୁଲେଟା ମଶାର ତିନିଟି ନମୁନା ମିଳିଛି। ତନ୍ମଧ୍ୟରୁ ଦୁଇଟି ମାଇ ଏବଂ ଗୋଟିଏ ଅଣ୍ଡିରା ମଶା। ଏଠାରୁ ମିଳିଥିବା ମଶାଗୁଡ଼ିକ ଥଣ୍ଡା ଜଳବାୟୁରେ ବଢ଼ିପାରନ୍ତି। ମୁଖ୍ୟତଃ ଏହି ମଶା ଶୀତଦିନେ ଭୂତଳ ଘର କିମ୍ବା ପ୍ରାଣୀଙ୍କ ପାଇଁ ରଖାଯାଉଥିବା ଫସଲ ଚାରା କୋଠରୀରେ ସୃଷ୍ଟି ହୋଇଥାନ୍ତି। ତେବେ ଏହି ପ୍ରଜାତିର ମଶା ୟୁରୋପରେ ଅଧିକ ଦେଖାଯାଉଥିବାରୁ ଜାହାଜ ଦ୍ୱାରା ଏମାନେ ଆଇସ୍‌ଲ୍ୟାଣ୍ଡରେ ପହଞ୍ଚିଥାଇ ପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବ୍ୟୁଆର୍ଣ୍ଣ ହେଜାଲଟସନ୍ ନାମକ ବ୍ୟକ୍ତି ମଶାଙ୍କ ଫଟୋକୁ ଫେସବୁକ୍ ଗ୍ରୁପ୍‌ରେ 'ଇଫେକ୍ଟସ ଇନ୍ ଆଇସଲ୍ୟାଣ୍ଡ'ରେ ପୋଷ୍ଟ କରିଥିଲେ। ସେ ଏହି ପୋଷ୍ଟରେ ଉଲ୍ଲେଖ କରିଥିଲେ ଯେ, ୧୬ ଅକ୍ଟୋବର ସନ୍ଧ୍ୟାରେ ମଶାଙ୍କୁ ଆକର୍ଷିତ କରିବାକୁ ବ୍ୟବହୃତ ଜାଲ (ଲାଲ ୱାଇନ୍ ରିବନ) ଉପରେ ତାଙ୍କର ନଜର ପଡ଼ିଥିଲା। ଏଥିରେ ସେ ଏକ ଅଜବ କୀଟକୁ ଦେଖିଥିଲେ। ଏହାକୁ ନେଇ ମନରେ ସନ୍ଦେହ ହେବାରୁ ସେ ଏହାକୁ ବିଜ୍ଞାନ ପ୍ରତିଷ୍ଠାନକୁ ପଠାଇଥିଲେ। ଏହାବାଦ୍ ସେ ଅନ୍ୟ ଦୁଇଟି ମଶା ମଧ୍ୟ ଠାବ କରିଥିଲେ। କିଛି ଦିନ ପୂର୍ବରୁ ଏଠାରେ ମଶାବଂଶ ବିସ୍ତାର କରିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟବାଣୀ କରିଥିଲେ। ଏବେ ଏକଥା ସତ ପ୍ରମାଣିତ ହୋଇଛି। ଗ୍ଲୋବାଲ ହିଟ୍ ହେଲ୍‌ଥ ଇନ୍‌ଫର୍ମେଶନ ନେଟୱର୍କ ୨୦୨୫, ଜୁନ୍‌ର ଏକ ରିପୋର୍ଟ ଅନୁସାରେ, 'ଉତ୍ତର ଗୋଲାର୍ଦ୍ଧର ଅବଶିଷ୍ଟ ଅଂଶ ତୁଳନାରେ ଆଇସଲ୍ୟାଣ୍ଡରେ ଚାରିଗୁଣ ଅଧିକ ଗରମ ହେଉଛି। ଗ୍ଲେସିୟର ତରଳିବାରୁ ଏଠାରେ ଏକ ବିଶେଷ ପ୍ରଜାତିର ମାଛ ଦେଖାଯାଇଛନ୍ତି, ଯାହାକି ଗରମ ଜଳବାୟୁରେ ଦେଖାଯାଏ।'


# ବିନା ବ୍ରେକ୍‌ରେ ସୁଟ୍ ହେଲା 'ଜଟାଧାରା'ର କ୍ଲାଇମାକ୍ସ



ସୁଧୀର ବାବୁ ଓ ସୋନାକ୍ଷୀ ସିହ୍ନାଙ୍କ ଅଭିନୀତ 'ଜଟାଧାରା' ଫିଲ୍ମ ନଭେମ୍ବର ୭ରେ ପରଦାକୁ ଆସିବ। ନିକଟରେ ଫିଲ୍ମର ପ୍ରଯୋଜକ ଶିବିନ ନାରଙ୍ଗ ଏହାର କ୍ଲାଇମାକ୍ସ ସିନ୍ ସମ୍ପର୍କରେ କହିଛନ୍ତି। ସେ କହିଛନ୍ତି, 'ଏହାର କ୍ଲାଇମାକ୍ସକୁ ଲଗାତାର ୨୪ ଘଣ୍ଟା ଧରି ସୁଟ୍ କରାଯାଇଛି। ଏହାର କ୍ଲାଇମାକ୍ସ ହିଁ ଫିଲ୍ମର ଆକର୍ଷଣ ସାଜିବ। ଏହି ସିନ୍ ପାଇଁ ସୋନାକ୍ଷୀ ଓ ସୁଧୀର ଶାରୀରିକ, ମାନସିକ ଓ ଭାବନାତ୍ମକ ଭାବେ ଯୋଡ଼ି ହୋଇ ରହିଥିଲେ। ପୂରା ଟିମ୍ କ୍ଲାଇମାକ୍ସ ପାଇଁ ଲଗାତାର ତିନି ଦିନ ଧରି ବିନା ବ୍ରେକ୍‌ରେ ସୁଟିଂ କରିଥିଲା। 'ଜଟାଧାରା'ର କ୍ଲାଇମାକ୍ସ ବଡ଼ ପରଦାରେ ଦେଖାଯାଉଥିବା ସବୁଠୁ ଉନ୍ନତମାନର କ୍ଲାଇମାକ୍ସ ହେବ।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଅଛନ୍ତି। ଫିଲ୍ମରେ ପୌରାଣିକ କଥା ସହ କଳାଯାଦୁ, ଅଭିଶାପ ଓ ଏକ ରହସ୍ୟମୟ ଗୁପ୍ତଧନକୁ ଦେଖାଯାଇଛି। ଇତିମଧ୍ୟରେ ଫିଲ୍ମର ଟ୍ରେଲର୍ ସହ ଦୁଇଟି ଗୀତ ରିଲିଜ୍ ହୋଇଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଦିବ୍ୟା ଖୋସଲା, ଶିଲ୍ପା ଶିରୋଦକର, ଇନ୍ଦିରା କ୍ରୀଷ୍ଣା, ରବି ପ୍ରକାଶ, ନବୀନ ନେନି ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

## ସଞ୍ଜୀବନୀ


# ଷ୍ଟେମ୍ ସେଲ୍ ଥେରାପି



ଷ୍ଟେମ୍ ସେଲ୍ ଥେରାପି ଏକ ପ୍ରକାର ଅତ୍ୟାଧୁନିକ ଚିକିତ୍ସା। ଏହା ବ୍ୟୟ ବହୁଳ। ମନୁଷ୍ୟ ଶରୀରରେ କ୍ଷତିଗ୍ରସ୍ତ ତଥା ରୋଗାଗ୍ରସ୍ତ କୋଷର ପୁନଃକାର୍ଯ୍ୟକ୍ଷମ ପାଇଁ ଷ୍ଟେମ୍ କୋଷର ଉପଯୋଗ କରାଯାଇଥାଏ। ଏହା କ୍ଷତିଗ୍ରସ୍ତ କୋଷରେ ପରିବର୍ତ୍ତନ ଆଣି ଶରୀରକୁ ଆପେ ଠିକ୍ କରିଥାଏ। ଏଥିପାଇଁ ଶରୀରରୁ ବିଭିନ୍ନ ସ୍ଥାନରୁ ଷ୍ଟେମ୍ କୋଷ ବାହାର କରାଯାଇ ଏହାକୁ କ୍ଷତିଗ୍ରସ୍ତ କୋଷରେ ବ୍ୟବହାର କରାଯାଏ। ମୁଖ୍ୟତଃ ବିଭିନ୍ନ ରୋଗ ଯଥା- ରକ୍ତ କର୍କଟ, ଅଷ୍ଟିଓ ଆର୍ଥ୍ରାଇଟିସ୍, ହାଡ଼ ଭାଙ୍ଗିଯିବା ଆଦି କ୍ଷେତ୍ରରେ ଏହା ଉପଯୋଗ ହୋଇଥାଏ। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ରୋଗ, ମସ୍ତିଷ୍କଜନିତ ରୋଗ, ମଧୁମେହ, ପାର୍କିନସନ୍ ଆଦି ରୋଗ ପାଇଁ ଏହାର ସାହାଯ୍ୟ ନେଉଛନ୍ତି। ଷ୍ଟେମ କୋଷଗୁଡ଼ିକୁ ଶରୀରର ଯେକୌଣସି କୋଷରେ ବିକଶିତ କରାଯାଇ ପ୍ରୟୋଗଶାଳାରେ ସ୍ୱତନ୍ତ୍ର ପ୍ରକାରେ ତଥା ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ଉପଯୁକ୍ତ କେମିକାଲ ଦ୍ୱାରା ସାଧାରଣ ତନ୍ତୁକୋଷକୁ ପରିବର୍ତ୍ତନ କରାଯାଏ। ଏହି ନୂତନ କୋଷକୁ ରୋଗୀ ଶରୀରରେ ପୁନଃ ପ୍ରତିରୋପଣ କରାଯାଇଥାଏ। ଫଳରେ କ୍ଷତିଗ୍ରସ୍ତ କୋଷକୁ କାର୍ଯ୍ୟକ୍ଷମ କରିପାରେ। ଏହାଦ୍ୱାରା ଯନ୍ତ୍ରଣା ଲାଘବ ହୁଏ। ଆଣ୍ଠୁରି ଆଘାତରେ ଷ୍ଟେମ୍ କୋଷ ଖଞ୍ଜା ଏବଂ ଅସ୍ଥି ଉପଚାରରେ ପ୍ରଭାବୀ। ଏହା ଦ୍ୱାରା ଆରାମ ମିଳିବା ସହିତ ଏହା ଗତିଶୀଳତା ବୃଦ୍ଧି କରେ। ବେଳେ ବେଳେ ଦାତାଙ୍କ କୋଷକୁ ଉପଯୋଗ କରାଗଲେ, ଏହା ବିଭିନ୍ନ ଜଟିଳ ରୋଗ ସୃଷ୍ଟି କରିପାରେ। ତେଣୁ ସେ କ୍ଷେତ୍ରରେ ଷ୍ଟେମ୍ ସେଲ୍ ଥେରାପି ଜୀବନରେ ଗୁଣବତ୍ତା ବୃଦ୍ଧି କରେ।

# ମୁଖଗହ୍ୱର ସ୍ୱଚ୍ଛତାରୁ କର୍କଟ ନିରୂପଣ

**ମୁଖ ଗହ୍ୱର ଶରୀରର ଦର୍ପଣ ସଦୃଶ। ଏହାର ସ୍ୱଚ୍ଛତା ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖିବା ସହ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ହୃଦ୍‌ରୋଗ, ମଧୁମେହ, ବିଭିନ୍ନ କର୍କଟ ଭଳି ରୋଗ ଆଶଙ୍କାକୁ ଏହା ହ୍ରାସ କରେ। ତେଣୁ ଦିନକୁ ଦୁଇଥର ସଠିକ୍ ଢଙ୍ଗରେ ବ୍ରଶ୍ କରିବା ଓ ଆୟୁର୍ବେଦିକ ସମାଧାନ ଗ୍ରହଣ ଆଦିକୁ ଧ୍ୟାନ ଦେଲେ, କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଜଟିଳତା ହ୍ରାସ ପାଇପାରେ।**



ଡା. ସୋନିଆ ଦତ୍ତ

### ମୁଖ ଗହ୍ୱର ସ୍ୱାସ୍ଥ୍ୟ ସହିତ ଅନ୍ୟ ରୋଗର ସମ୍ପର୍କ

ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିଙ୍କ ପାଇଁ ମୁଖଗହ୍ୱରର ସ୍ୱଚ୍ଛତା ବଜାୟ ରଖିବା ନିହାତି ଆବଶ୍ୟକ। ଏହା ସେମାନଙ୍କ ଜୀବନଶୈଳୀକୁ ସକାରାତ୍ମକ ଭାବେ ପ୍ରଭାବିତ କରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏମ୍ସ ଏବଂ ପ୍ରମୁଖ ସଂସ୍ଥାନର ଗବେଷଣାରୁ ସ୍ପଷ୍ଟ ହୋଇଛି ଯେ, ମୁଖ ଗହ୍ୱରର ସ୍ୱଚ୍ଛତାକୁ ଧ୍ୟାନ ନ ଦେଲେ କିଛି ଜୀବାଣୁ ଖାଦ୍ୟନଳୀ ଦେଇ ଶରୀର ଭିତରକୁ ଯାଇ ରୋଗ ସୃଷ୍ଟି କରିପାରନ୍ତି। ଦୀର୍ଘକାଳୀନ ମାଢ଼ିରୋଗ, ମାଢ଼ି ଫୁଲା, ମୁଖ ଗହ୍ୱର ଅପରିଷ୍କାର ସଂକ୍ରମଣର କାରଣ ସାଜି ମୁଖ ଗହ୍ୱର ଓ ଗଳା କର୍କଟ ସୃଷ୍ଟି କରେ। କେବଳ ସେତିକି ନୁହେଁ; ମସ୍ତିଷ୍କ, ପାକସ୍ଥଳି, ଫୁସ୍‌ଫୁସ୍, ପ୍ରୋଷ୍ଟେଟ୍ କର୍କଟ ଆଦି ହେବାର ଆଶଙ୍କା ଥାଏ। ତେଣୁ ଭଲ ଭାବେ ମୁଖ ପରିଷ୍କାର କରିବା, ବର୍ଷକୁ ଥରେ ଦାନ୍ତ ପରୀକ୍ଷା, ଦିନକୁ ଦୁଇଥର ଭଲ କରି ବ୍ରଶ୍ କରିବା ଦ୍ୱାରା ବିଶେଷ କରି ଗଳା ଏବଂ ମସ୍ତିଷ୍କ କର୍କଟର ବିପଦ ହ୍ରାସ ପାଇଥାଏ। ଦାନ୍ତ ପରୀକ୍ଷା ଦ୍ୱାରା ଏହା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ସତର୍କ କରାଏ। ଡାକ୍ତର ଦାନ୍ତଜନିତ ସମସ୍ୟା, ପାଟି ଘା' ଆଦିକୁ ଦେଖି ରୋଗ ବାରିଥାନ୍ତି। ଫଳରେ ମୁଖ ଗହ୍ୱରର ସଠିକ୍ ଦେଖାଶୁଣା କରିହୁଏ। ସାମୂହିକ ଭାବେ ଏଭଳି ଯତ୍ନ ନେଲେ ଦୀର୍ଘକାଳୀନ କର୍କଟ ଆଶଙ୍କା ମଧ୍ୟ ହ୍ରାସ ପାଇଥାଏ।

### ମୁଖ ଗହ୍ୱରର ଯତ୍ନ

ଦିନକୁ ଦୁଇଥର ଆୟୁର୍ବେଦିକ ଟୁଥ୍‌ପେଷ୍ଟ (ଡାବର ରେଡ୍)ରେ ବ୍ରଶ୍ କରିବା ଜରୁରି। ଜୀବାଣୁନାଶକ ମାଉଥୱାଶ୍ ବ୍ୟବହାର କରିପାରିବେ। ନିଶା ଓ ଧୂମପାନଠାରୁ ଦୂରେଇ ରହିଲେ କର୍କଟ ଆଶଙ୍କା ହ୍ରାସ ପାଏ। ସେହିପରି ଅତ୍ୟଧିକ ଚିନିଯୁକ୍ତ ସ୍ନାକ୍ସ, ଅମ୍ଳଯୁକ୍ତ ଖାଦ୍ୟ, କ୍ୟାଣ୍ଡି, କାର୍ବୋନେଟେଡ୍ ପାନୀୟ ଯୋଗୁଁ ଦାନ୍ତ ପୋକ ଖାଇଥାଏ। ଏହା ବଦଳରେ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତୁ। ଏହା ବ୍ୟତୀତ ଯଦି ମୁଖଗହ୍ୱରର କୌଣସି ସମସ୍ୟା ଦେଖାଦିଏ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

ଦନ୍ତ ବିଶେଷଜ୍ଞ

## ମହୌଷଧୀ ସର୍ପଗନ୍ଧା


**ସର୍ପଗନ୍ଧା ସଞ୍ଜିବନୀ ସଦୃଶ। ସର୍ପଗନ୍ଧାକୁ ଓଡ଼ିଆରେ ପାତାଳ ଗରୁଡ କୁହାଯାଏ। ଏହି ଉଦ୍ଭିଦର ପଞ୍ଚାଙ୍ଗ ଯଥା- ଫୁଲ, ପତ୍ର, ମୂଳ, କାଣ୍ଡ, ଚେରରେ ଔଷଧୀୟ ଗୁଣ ରହିଛି। ଏହା ବିଭିନ୍ନ ରୋଗ ଦୂର କରିବାରେ ସାହାଯ୍ୟ କରେ।**



ଉଚ୍ଚ ରକ୍ତଚାପ, ଚିନ୍ତା, ମାନସିକ ରୋଗ, ନିଦ୍ରାହୀନତା ଆଦି ରୋଗ ପାଇଁ ସର୍ପଗନ୍ଧା ଲାଭକରୀ। ଚିକିତ୍ସକଙ୍କ ପରାମର୍ଶ ନେଇ ସର୍ପଗନ୍ଧା ପଞ୍ଚାଙ୍ଗର ଯେକୌଣସି ଅଙ୍ଗକୁ ଅନୁମୋଦିତ ହାତରେ କ୍ୱାଥ କରି ସେବନ କରାଯାଏ। ଏହାଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ହୃଦୟ ସୁସ୍ଥ ରୁହେ। ସେହିପରି ପୂରା ପଞ୍ଚାଙ୍ଗର ଚୂର୍ଣ୍ଣରୁ ବଟିକା ବା ଘନ ବଟିକା ଉପଲବ୍ଧ ରହିଛି। ଏହାକୁ ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୁଏ। ଅପସ୍ମାର, ମସ୍ତିଷ୍କ ରୋଗ, କଲେରା ଆଦି ରୋଗରେ ସର୍ପଗନ୍ଧାକୁ ଏକ ଉପଯୋଗୀ ଔଷଧ ଭାବେ ବ୍ୟବହାର କରାଯାଏ।

- ବାତ, ଯନ୍ତ୍ରଣା, ଜ୍ୱର ଆଦି ଦୂର କରିବାର ମଧ୍ୟ ଏହାର ଶକ୍ତି ରହିଛି। କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ରୋଗରେ ଏହା ଉପକାରୀ ଔଷଧ ଭାବେ ବ୍ୟବହୃତ ହୁଏ।
- ବିନା ଚିକିତ୍ସକଙ୍କ ପରାମର୍ଶରେ ସର୍ପଗନ୍ଧା ସେବନ କଲେ ରକ୍ତଚାପ କମିଯିବା ସହିତ ମସ୍ତିଷ୍କରେ ରକ୍ତ ସଞ୍ଚାଳନ ହ୍ରାସ ପାଇବ। ଏଥିପ୍ରତି ଧ୍ୟାନ ଦେବା ଜରୁରି।

# ରୋଗୀଙ୍କୁ ସଚେତନ କରେ ଔଷଧ ଷ୍ଟ୍ରିପ୍‌ର ନାଲି ଗାର





ଚିକିତ୍ସା ପାଇଁ ଔଷଧ ଦୁଇଥର କିମ୍ବା ବାରମ୍ବାର ବ୍ୟବହାର କରାଯାଇଥାଏ। ତେବେ ଦୈନନ୍ଦିନ ବ୍ୟବହୃତ ଔଷଧ ଷ୍ଟ୍ରିପ୍‌ର ନାଲିଗାରକୁ ପ୍ରାୟ ଅଣଦେଖା କରନ୍ତି। ଏହି ଗାର ଡିଜାଇନ୍ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ। ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଔଷଧ ଖାଇବା ଅନୁଚିତ ବୋଲି ନାଲି ଗାର ଚେତାଇଥାଏ। ଏହି ଔଷଧକୁ 'ରେଡ ଲାଇନ୍ ମେଡିସିନ୍' ମଧ୍ୟ କୁହାଯାଏ। ମୁଖ୍ୟତଃ ଆଣ୍ଟିବାୟୋଟିକ୍, ଷ୍ଟ୍ରଙ୍ଗ ପେନ୍‌କିଲର କିମ୍ବା ହର୍ମୋନାଲ୍ ଔଷଧ ଆଦି ଷ୍ଟ୍ରିପ୍‌ରେ ନାଲି ଗାର ରହିଥାଏ। ତେଣୁ ଏହି ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ସେବନ କଲେ, ଏହା ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରେ। ଉଦାହରଣ ସ୍ୱରୂପ, ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଅନୁମୋଦିତ ହାରରେ ଉପଯୋଗ ନ କଲେ ଶରୀରରେ କିଛି ଜୀବାଣୁ ଜୀବିତ ରୁହନ୍ତି। ଏହି ଜୀବିତ ଜୀବାଣୁ ପରବର୍ତ୍ତୀ ସମୟରେ ପ୍ରତିରୋଧୀ ବନି ପାରନ୍ତି। ଫଳରେ ଜଣେ ବ୍ୟକ୍ତିଙ୍କ ଶରୀରରେ ସେହି ଔଷଧ ବଦଳରେ ଅଧିକ ପାୱାରଯୁକ୍ତ ଔଷଧ ଆବଶ୍ୟକ ହୁଏ। ଏହି ପ୍ରତିରୋଧୀ 'ସୁପରବଗ୍ସ' ବନିପାରନ୍ତି। ବେଳେ ବେଳେ ସଂକ୍ରମଣ ବଢ଼ି ଯାଇପାରେ ନତୁବା ଶରୀରରେ ଅନ୍ୟ ଔଷଧ ସହିତ ପ୍ରତିକ୍ରିୟା ସୃଷ୍ଟି କରାଏ। ସେଥିପାଇଁ ନାଲି ଗାର ଡାକ୍ତରଙ୍କ ପରାମର୍ଶରେ ସେବନ କରିବାକୁ ସୂଚାଇ ଥାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ପ୍ରେସ୍‌କ୍ରିପସନ୍ ଅନୁସାରେ ଔଷଧର କୋର୍ସ ପୂରା କରିବା ଆବଶ୍ୟକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଔଷଧ ଷ୍ଟ୍ରିପ୍‌ରେ ନାଲି ଗାର ଥିଲେ ନାମ, ମାତ୍ରା, ଅବଧିକୁ ଭଲ ଭାବେ ପଢ଼ି ନେବା ଆବଶ୍ୟକ।

ସକାଳ
THE SAKALA
www.sakalaepaper.com

# ବିଶ୍ୱ କ୍ରିକେଟ୍‌କୁ ଭାରତ ନିୟନ୍ତ୍ରଣ କରୁଛି: ଗ୍ରେଗ୍ ଚାପେଲ

ନୂଆଦିଲ୍ଲୀ, ୩୦।୧୦(ଏଜେନ୍ସି): ଭାରତ ତାହାର ଆର୍ଥିକ କ୍ଷମତା ବ୍ୟବହାର କରି ବିଶ୍ୱ କ୍ରିକେଟ୍‌କୁ ପ୍ରଭାବିତ କରୁଛି ବୋଲି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍‌ଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି ଅଷ୍ଟ୍ରେଲିଆର କିମ୍ବଦନ୍ତି ଖେଳାଳି



ତଥା ଭାରତୀୟ କ୍ରିକେଟ ଦଳର ପୂର୍ବତନ କୋଚ୍ ଗ୍ରେଗ୍ ଚାପେଲ। ଚାପେଲଙ୍କ କହିବା ଅନୁଯାୟୀ ଅର୍ଥ ବଳରେ ଭାରତ ବିଶ୍ୱ କ୍ରିକେଟ୍‌କୁ ନିୟନ୍ତ୍ରଣ କରୁଛି। ସେ ଯେତେବେଳେ ଭାରତୀୟ ଦଳର ହେଡ୍ କୋଚ୍ ଥିଲେ, ସେତେବେଳେ ସ୍ଲୋ ଓଭର ରେଟ୍ ଯୋଗୁଁ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ମ୍ୟାଚ୍ ରେଫରି ବ୍ରଡ୍‌ଙ୍କୁ ଟେଲିଫୋନ ଯୋଗେ ଦଣ୍ଡ କୋହଳ କରିବାକୁ ତତ୍‌କାଳୀନ ଆଇସିସି ମୁଖ୍ୟ ଜଗମୋହନ ଡାଲମିଆ କହିଥିଲେ। ବ୍ରଡ୍ ଏକଥା ଲଣ୍ଡନରୁ ପ୍ରକାଶିତ ଟେଲିଗ୍ରାଫ୍‌କୁ କହିଥିଲେ। ଏବେ ସିଡନୀ ହେରାଲ୍ଡରେ ବ୍ରଡ୍‌ଙ୍କୁ ସମର୍ଥନ କରିଛନ୍ତି ଚାପେଲ। ୨୦୦୫ରେ ଚାପେଲ ଭାରତର କୋଚ୍ ଦାୟିତ୍ୱରେ ଥିଲେ। ଗାଙ୍ଗୁଲିଙ୍କ ଦଣ୍ଡ କିପରି କୋହଳ ହେବ ସେଥିଲାଗି ଚେଷ୍ଟା କରିବାକୁ ଚାପେଲଙ୍କ ଉପରେ ଚାପ ପକାଇଥିଲେ ଡାଲମିଆ। ଉଭୟ ଗାଙ୍ଗୁଲି ଓ ଡାଲମିଆ ଗୋଟିଏ ରାଜ୍ୟର ହୋଇଥିବାରୁ ଏଭଳି କଥା ସୃଷ୍ଟି ହୋଇଥିଲାବୋଲି ଚାପେଲ କହିଛନ୍ତି। ଏଣୁ ଆର୍ଥିକ କ୍ଷମତା ବଳରେ ଭାରତ ବିଶ୍ୱ କ୍ରିକେଟରେ ପ୍ରଭାବ ବିସ୍ତାର କରୁଛି ବୋଲି ବ୍ରଡ୍‌ଙ୍କ ଅଭିଯୋଗକୁ ଚାପେଲ ସମର୍ଥନ କରିଛନ୍ତି।

# କେକେଆର୍‌ର ନୂଆ କୋଚ୍ ହେଲେ ନାୟାର

କୋଲକାତା, ୩୦ ।୧୦ (ଏଜେନ୍ସି): ତିନିଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଅଭିଷେକ ନାୟାରଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ନାୟାର ଏହି ଗୁରୁଦାୟିତ୍ୱ ତୁଲାଇବେ। ପଣ୍ଡିତ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ କେକେଆର୍ ଦଳର ମୁଖ୍ୟ କୋଚ୍ ରହିଥିଲେ। ତାଙ୍କ ସମୟରେ କେକେଆର୍



ତୃତୀୟଥର ଲାଗି ୨୦୨୪ରେ ଚାମ୍ପିଅନ ହୋଇଥିଲା। କିନ୍ତୁ ଆଇପିଏଲ୍‌ର ଗତ ସଂସ୍କରଣରେ କୋଲକାତା ନୈରାଶ୍ୟଜନକ ପ୍ରଦର୍ଶନ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା। ଏହାପରେ ଫ୍ରାଞ୍ଚାଇଜ ଚଳିତ ବର୍ଷ ପ୍ରାରମ୍ଭରେ ପଣ୍ଡିତଙ୍କ ସହ ସମ୍ପର୍କ ତୁଟାଇଥିଲା। ୪୨ ବର୍ଷୀୟ ନାୟାର ଏଥିପୂର୍ବରୁ ୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କୋଲକାତାର ପ୍ରଶିକ୍ଷକ ମଣ୍ଡଳୀରେ ବିଭିନ୍ନ ଭୂମିକାରେ ସଫଳତାରେ କାର୍ଯ୍ୟ ତୁଲାଇଥିଲେ। ଏହାପରେ ୨୦୨୪ରେ ତାଙ୍କୁ ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏପ୍ରିଲରେ ତାଙ୍କ ଚୁକ୍ତିକୁ ବିସିସିଆଇ ଶେଷ କରିଦେଇଥିଲା।

# ନଭେମ୍ବର ୨୦ରେ ମନ୍ଧାନା-ପଲାଶ ବିବାହ!

ନୂଆଦିଲ୍ଲୀ, ୩୦ ।୧୦ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି।



ପୁରୁଷ ବନ୍ଧୁ ତଥା ସଙ୍ଗୀତ ରଚୟିତା ଓ ନିର୍ଦ୍ଦେଶକ ପଲାଶ ମୁଚ୍ଛଲଙ୍କୁ ମନ୍ଧାନା ଆସନ୍ତା ନଭେମ୍ବର ୨୦ରେ ବିବାହ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ମନ୍ଧାନାଙ୍କ ଜନ୍ମସ୍ଥାନ ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଉତ୍ସବ ଆରମ୍ଭ ହେବ। ତେବେ ଉଭୟ ମନ୍ଧାନା କିମ୍ବା ପଲାଶଙ୍କ ପରିବାର ପକ୍ଷରୁ ବିବାହ ନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ମନ୍ଧାନା ବର୍ତ୍ତମାନ ବିଶ୍ୱକପ୍‌ରେ ବ୍ୟସ୍ତ ରହିଛନ୍ତି। ଏହି ମେଗା ଇଭେଣ୍ଟ ଶେଷ ହେବାପରେ ସେ ବ୍ରେକ୍ ନେଇ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ମନ୍ଧାନା ଓ ପଲାଶ ପରସ୍ପରକୁ ୨୦୧୯ରୁ ଡେଟିଂ କରି ଆସୁଛନ୍ତି। ଗତବର୍ଷ ଏକ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ମନ୍ଧାନା ଓ ପଲାଶ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ୩୦ ବର୍ଷୀୟ ପଲାଶ ବଲିଉଡ୍‌ର ଜଣେ ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ। 'ଭୁତନାଥ ରିଟର୍ଣ୍ଣସ' ଭଳି ଫିଲ୍ମର ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପଲାଶଙ୍କ ଭଉଣୀ ପଲକ୍ ମୁଚ୍ଛଲ ମଧ୍ୟ ଜଣେ ପ୍ରସିଦ୍ଧ କଣ୍ଠଶିଳ୍ପୀ।

ମହିଳା କ୍ରିକେଟ ବିଶ୍ୱକପ୍

# ଭାରତ ବିପକ୍ଷରେ ଲିଚ୍‌ଫିଲ୍ଡଙ୍କ ଶତକ

ନଭି ମୁମ୍ବଇ,୩୦।୧୦(ଏଜେନ୍ସି):

ଭାରତ ବିପକ୍ଷ ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆର ଫୋଏବି ଲିଚ୍ ଫିଲ୍ଡ ଶତକ ହାସଲ କରିଛନ୍ତି। ସେ ୯୩ ବଲ୍‌ରୁ ୧୧୯ ରନ୍ ଏବଂ ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏଲିସେ ପେରୀଙ୍କ ସହ ୧୫୫ ରନ୍ ଉଠାଇବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୩୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ପେରୀ ୮୮ ବଲ୍‌ରେ ୭୭ ଓ ଆଶଲେ ଗାର୍ଡନର ୪୫ ବଲ୍‌ରେ ୬୩ ରନ୍ କରିଥିଲେ। ଭାରତ ଏହି ଇନିଂସରେ ଏକାଧିକ ମିସ୍ ଫିଲ୍ଡିଂ କରି ଅତିକମ୍‌ରେ ଅଷ୍ଟ୍ରେଲିଆକୁ ୩୦ ରନ୍ ଦାନ କରିଛି। ତେବେ ଦଳ ପକ୍ଷରୁ ନବାଗତ ସ୍ପିନର ଶ୍ରୀ ଚରଣି ପୁଣିଥରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରି ୨ଟି ଏବଂ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିବା ଦୀପ୍ତି ଶର୍ମା ମଧ୍ୟ ୨ଟି ୱିକେଟ ପାଇଥିଲେ। ଅଷ୍ଟ୍ରେଲିଆ ପ୍ରଦତ୍ତ ୩୩୯ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ୪୧ ଓଭରରେ ସୁଦ୍ଧା ୪ ୱିକେଟ୍ ହରାଇ ୨୬୪ ରନ୍ ସଂଗ୍ରହ କରିଛି। ଏହି ସମୟରେ ଜେମିମା ରୋଡ୍ରିଗ୍ସେଜ୍ ୯୬ ଓ ରିଚା ଘୋଷ କୌଣସି ରନ୍ ନକରି ଖେଳୁଛନ୍ତି। ବିଶ୍ୱକପ୍‌ରେ ଭାରତ କେବେ ବି ୨୦୦ରୁ ଅଧିକ ରନ୍ ଚେଜ୍ କରି ନ ଥିଲାବେଳେ ଏଠାରେ ମ୍ୟାଚ୍ ଅଷ୍ଟ୍ରେଲିଆ ସପକ୍ଷରେ ରହିଛି। ଗତକାଲି ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଆଜି ମ୍ୟାଚ୍‌ର ବିଜେତା ସହ ଦକ୍ଷିଣ



ଆଫ୍ରିକା ଆସନ୍ତା ରବିବାର ଫାଇନାଲ ମୁକାବିଲା କରିବ।

ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଅଧିନାୟକ ଆଲିସା ହିଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୬ଷ୍ଠ ଓଭରରେ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ। ଏହା ପରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ଦର୍ଶନୀୟ ଇନିଂସ ଖେଳି ନ ଥିବା ଓପନର ଫୋଏବି ଲିଚ୍‌ଫିଲ୍ଡ ଏବଂ ଏଲିସେ ପେରୀ ଦମ୍‌ର ସହ ବ୍ୟାଟିଂ କରି ଦ୍ୱିତୀୟ ୱିକେଟରେ ୧୩୩ ବଲ୍‌ରୁ ୧୫୫ ରନ୍‌ର ଭାଗୀଦାରି କରିଥିଲେ। ଲିଚ୍‌ଫିଲ୍ଡ ୭୭ ବଲ୍‌ରେ ଶତକ ପୂରଣ କରିଥିଲେ ମଧ୍ୟ ୯୩ ବଲ୍‌ର ସାମ୍ନା କରି ୧୭ ଚୌକା ଓ ୩ ଛକା ସହ ସର୍ବାଧିକ ୧୧୯ ରନ୍ କରିଥିଲେ। ତାଙ୍କ ଆଉଟ ପରେ ପେରୀ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲେ। ସେ ୮୮ ବଲ୍‌ରୁ ୬ ଚୌକା ଓ ୨ ଛକା ସହ ୭୭ ରନ୍ କରିଥିଲେ। ଲିଚ୍‌ଫିଲ୍ଡ ଓ ପେରୀଙ୍କ ପାର୍ଟନରସିପ୍ ବଡ ସ୍କୋରର ମୂଳଦୁଆ ପକାଇଥିବାରୁ ଅନ୍ୟ ବ୍ୟାଟରମାନେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ଆଉଟ ହୋଇଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଭଲ ଖେଳିଥିବା ଆଶ୍‌ଲେ ଗାର୍ଡନର ୪୫ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୩ ରନ୍ କରିବା ଫଳରେ ଦଳ ୩୩୮ ରନ୍‌ର ବିଶାଳ ସ୍କୋର କରିଥିଲା। ସମସ୍ତ ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ଅଷ୍ଟ୍ରେଲିଆ ମଧ୍ୟ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ୬ଟି ଶତକ ଓ ସର୍ବାଧିକ ୧୧୯ଟି ଛକା ମାରି ରେକର୍ଡ କରିଛି। ଭାରତ ପକ୍ଷରୁ ମିଡଲ ଓଭରରେ କିଛି ଭଲ ବୋଲିଂକୁ ଛାଡ଼ିଦେଲେ ଅନ୍ୟ ସବୁବେଳେ ଚାପରେ ରହିଥିଲେ। ମିସ୍ ଫିଲ୍ଡିଂ ଓ କ୍ୟାଚ୍ ହାତଛଡ଼ା କରିବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦଳର ଦୁଇ ସ୍ପିନର ଯୁବ ଖେଳାଳି ଶ୍ରୀ ଚରଣି ଓ ଦୀପ୍ତି ଶର୍ମା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଫାଇନାଲରେ ଦକ୍ଷିଣ ଆଫ୍ରିକା

ଗୌହାଟୀ: ଲୌରା ୱଲଭାର୍ଟଙ୍କ ଦମ୍‌ଦାର ଶତକ ଓ ମାରିଜାନ କାପଙ୍କ ଅଲରାଉଣ୍ଡ ସଫଳତା ବଳରେ ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥର ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଗୁଆହାଟୀର ବର୍ଷାପରା ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟିକା ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ଛକା ସହ ୧୬୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୩୧୯ ରନ୍ କରିଥିଲା। ଜବାବରେ ୩୨୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ମାରିଜାନ କାପ୍‌ଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୨.୩ ଓଭରରେ ୧୯୪ ରନ୍ କରିଥିଲା। କାପ୍ ୨୦ରନ୍‌ରେ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା କରିଥିଲାବେଳେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପ୍ରବେଶ କରାଇଥିଲେ। ନାଦିନ ଡି କ୍ଲେର୍କ ୨ଟି ୱିକେଟ ପାଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟିକା ନାତାଲି ସିଭର ବ୍ରଣ୍ଟ ସର୍ବାଧିକ ୬୪, ଆଲିସେ କାପ୍‌ସି ୫୦ ରନ୍ କରିଥିଲେ।

## ପତ୍ନୀଙ୍କୁ ସମର୍ଥନ ଲାଗି ଷ୍ଟାଡିୟମରେ ପହଞ୍ଚିଲେ ଷ୍ଟାର୍କ

ନଭି ମୁମ୍ବଇ, ୩୦।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଘରୋଇ ଭାରତ ମଧ୍ୟରେ ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ହାଇଭୋଲଟେଜ୍ ମ୍ୟାଚରେ ପତ୍ନୀ ତଥା ଅଷ୍ଟ୍ରେଲିଆ ଦଳର ଅଧିନାୟିକା ଆଲିସା ହେଲୀଙ୍କୁ ଚିୟର କରିବା ପାଇଁ ଅନ୍ୟତମ ଅଷ୍ଟ୍ରେଲୀୟ ତାରକା କ୍ରିକେଟର୍ ମିଚେଲ ଷ୍ଟାର୍କ ନଭି ମୁମ୍ବଇରେ ପହଞ୍ଚିଥିଲେ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଷ୍ଟାର୍କ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ସେମିଫାଇନାଲ ଲଢ଼େଇରେ ପତ୍ନୀ ହେଲୀଙ୍କ ସମେତ ଅଷ୍ଟ୍ରେଲିଆ ଦଳକୁ ସମର୍ଥନ କରୁଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ମ୍ୟାଚରେ ଇନିଂସ ଓପନ୍ କରିଥିବା ହେଲୀ ମାତ୍ର ୧୫ଟି ବଲ୍‌ରେ ମାତ୍ର ୫ ରନ କରି ଆଉଟ୍ ହୋଇଯାଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଚର୍ଚ୍ଚିତ କ୍ରିକେଟ୍ ଦମ୍ପତି ବିଭିନ୍ନ ମେଗା ଟୁର୍ଣ୍ଣାମେଣ୍ଟରେ ଷ୍ଟାଡିୟମରେ ଉପସ୍ଥିତ ରହି ପରସ୍ପରକୁ ସମର୍ଥନ କରୁଥିବାର ନଜିର ରହିଛି। ୨୦୨୪ ଆଇପିଏଲ୍ ସମୟରେ ଷ୍ଟାର୍କଙ୍କ ସହ ହେଲୀ ଉପସ୍ଥିତ ରହିଥିଲେ। ସେହିଭଳି ଷ୍ଟାର୍କ ମଧ୍ୟ ଗତବର୍ଷ ମହିଳା ଟି-୨୦ ବିଶ୍ୱକପ୍‌ର ଅଧିକାଂଶ ମ୍ୟାଚରେ ଷ୍ଟାଡିୟମରେ ଉପସ୍ଥିତ ରହି ହେଲୀଙ୍କୁ ଚିୟର କରିଥିଲେ। ୨୦୧୬ରେ ଷ୍ଟାର୍କ ଓ ହେଲୀ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

## ଯାଜପୁର ଟାଉନ୍‌ରେ ଅସ୍ମିତା ରଗ୍‌ବୀ ଲିଗ୍

ଯାଜପୁର, ୩୦।୧୦(ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ଏବଂ ଯାଜପୁର ରଗ୍‌ବୀ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଅସ୍ମିତା ରଗ୍‌ବୀ ଲିଗ୍ ଆୟୋଜିତ ହେବ। ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗ୍‌ବୀ ଇଣ୍ଡିଆ ସହଯୋଗରେ ଏହି ଦିନିକିଆ ଲିଗ୍ ନଭେମ୍ବର ୧ରେ ଯାଜପୁର ଟାଉନସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ରାଜ୍ୟରୁ ୨୦ଟି ଦଳ ଏଥିରେ ଭାଗ ନେଉଛନ୍ତି। ଏହା ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ଯାଜପୁର ରଗ୍‌ବୀ ସଂଘ ସମ୍ପାଦକ ଭରତ ସାହୁ ଜଣାଇଛନ୍ତି। ଏଥିରେ ରାଜ୍ୟ ସଂଘ ସମ୍ପାଦକ ସୁଶାନ୍ତ ସାହୁ, ଉପସଭାପତି ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବେ।

## ବଲ୍ ବାଜି ଅଷ୍ଟ୍ରେଲୀୟ ଯୁବ ଖେଳାଳିଙ୍କ ବିୟୋଗ

ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି): କ୍ରିକେଟ ଖେଳରେ ଏକ ଦୁଃଖଦ ଖବର ମିଳିଛି। ଏଠାରେ ଅଭ୍ୟାସ କରୁଥିବାବେଳେ ବଲ ବାଜି ୧୭ ବର୍ଷୀୟ ବେନ୍ ଅଷ୍ଟିନ ନାମକ ଜଣେ ଯୁବ ଖେଳାଳିଙ୍କୁ ମୃତ୍ୟୁ ଘଟିଛି। ଏହା ଫଳରେ ନଭି ମୁମ୍ବାଇରେ ଆଜି ଖେଳାଯାଇଥିବା ଭାରତ-ଅଷ୍ଟ୍ରେଲିଆ ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିମାନେ କଳା ବ୍ୟାଜ୍ ପିନ୍ଧି ଖେଳିଥିଲେ। ଘଟଣାରୁ ଜଣାଯାଇଛି, ଏଠାରେ ଅନ୍ୟ ଖେଳାଳିଙ୍କ ସହ ଆଜି ବୋଲିଂ ମେସିନରେ ଅଭ୍ୟାସ କରୁଥିଲେ ବେନ୍। ମେସିନରୁ ଏକ ସ୍ପିଡ୍ ବଲ ତାଙ୍କ ମୁଣ୍ଡ ଓ ବେକ ମଧ୍ୟରେ ବାଜିଥିଲା। ଯାହା ଫଳରେ ସେ ପଡ଼ିଆରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ କ୍ରିକେଟ ଜଗତ ବା ବିଶେଷ କରି ଅଷ୍ଟ୍ରେଲିଆରେ ଶୋକର ଛାୟା ଖେଳିଯାଇଛି। ସେ ଫର୍ଣ୍ଣଟ୍ରି ଗଲି କ୍ରିକେଟ କ୍ଲବ୍‌ର ଜଣେ ଷ୍ଟାର ଖେଳାଳି ଥିଲେ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

# ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ

ଭୁବନେଶ୍ୱର, ୩୦।୧୦ (ସମିସ): କଳିଙ୍ଗ ଷ୍ଟାଡିୟମ୍ ବିଜୁପଟ୍ଟନାୟକ ଭାରୋତ୍ତୋଳନ ହଲ୍‌ରେ ଚାଲିଥିବା



ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିନିଅର, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଆୟୋଜିତ ହୋଇଥିଲା। ସମସ୍ତ ବିଭାଗରେ ଗଞ୍ଜାମ ଜିଲ୍ଲା ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ସିନିଅର ବିଭାଗରେ ଖୋର୍ଦ୍ଧା, ୟୁଥ୍ ଓ ଜୁନିଅର ବିଭାଗରେ ଢେଙ୍କାନାଳ ଜିଲ୍ଲା ରନର୍ସ ଅପ୍ ହୋଇଛି। ସିନିଅର ପୁରୁଷ ବିଭାଗରେ ଗଞ୍ଜାମର ମୁନା ନାଏକ, ୟୁଥ୍ ଓ ଜୁନିଅର ବାଳକରେ ଢେଙ୍କାନାଳର ସୁବ୍ରତ ନାଏକ ବେଷ୍ଟ ଲିଫ୍ଟର ହୋଇଛନ୍ତି। ମହିଳା ବିଭାଗରେ ମୟୁରଭଞ୍ଜର ସ୍ନେହା ସୋରେନ୍, ୟୁଥ୍ ଓ ଜୁନିଅର ବାଳିକା ବିଭାଗରେ ନବରଙ୍ଗପୁରର ମିନା ସାନ୍ତା ବେଷ୍ଟ ଲିଫ୍ଟର ଭାବେ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି, ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅଳ୍ପଦିନ ମଧ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାଟି ସଫଳ ହୋଇଥିବାରୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି ଦ୍ୱିତୀୟ ଟି-୨୦

# ଦମ୍ ଦେଖାଇବାକୁ ଭାରତ-ଅଷ୍ଟ୍ରେଲିଆ ପ୍ରସ୍ତୁତ

ମେଲବୋର୍ଣ୍ଣ, ୩୦।୧୦(ଏଜେନ୍ସି):

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ପ୍ରଥମ ଟି-୨୦ ମୁକାବିଲା ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ପରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯିବ। ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ନଂ-୧ ଭାରତ ଓ ନଂ-୨ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ନିଜର ଦମ୍ ଦେଖାଇବାକୁ ପ୍ରସ୍ତୁତ ହୋଇଛନ୍ତି। କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଖେଳ ସମ୍ଭବ ହୋଇଥିବା ୯.୪ ଓଭର ଭାରତ ସପକ୍ଷରେ ଯାଇଥିଲା। ବ୍ୟାଟିଂ କରିବାକୁ ଆସିଥିବା ଦଳର ପ୍ରଥମ ୩ଜଣ ବ୍ୟାଟର ଅଭିଷେକ ଶର୍ମା, ଶୁବମନ ଗିଲ୍ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭଲ ଫର୍ମରେ ଥିବା ଦର୍ଶାଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ରକ୍ଷଣାତ୍ମକ ଖେଳିବାକୁ ବାଧ ହୋଇଥିଲା। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆ ଏକ ନିରାଶାଜନକ ସ୍ଥିତିରୁ ରକ୍ଷା ପାଇଥିଲା। ଏବେ ଆଉ ଏକ ମୁକାବିଲା ଲାଗି ମିଚେଲ ମାର୍ଶଙ୍କ ଟିମ୍ ପ୍ରସ୍ତୁତ ହେଉଛି। ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ଇଣ୍ଡିଆର ଆତ୍ମବିଶ୍ୱାସ ବଢ଼ିଥିଲାବେଳେ ୨୦୦୮ରୁ ଏଯାଏ ଦଳ ସପକ୍ଷରେ ସମସ୍ତ







ସିରିଜ୍ ଯାଇଛି। ଏଣୁ ବାକିଥିବା ୪ଟି ମ୍ୟାଚ୍‌ରୁ ଯେଉଁ ଦଳ ୩ଟିରେ ବିଜୟୀ ହେବ ସେହି ଦଳ ସିରିଜ୍ କବ୍‌ଜା କରିବ।

ବିଶ୍ୱର ଦ୍ୱିତୀୟ ବୃହତ୍ତମ ଷ୍ଟାଡିୟମ୍ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଛି। ଏଠାରେ ଉଭୟ ପକ୍ଷର ଅଧାଡଜନେ ଖେଳାଳି ଏଠାରେ ପ୍ରଥମଥର ଖେଳିବାକୁ ଯାଉଛନ୍ତି। ବିଶେଷ କରି ବିଶ୍ୱର ନଂ-୧ ଟି-୨୦ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ସହ ଏଯାଏ ଅଷ୍ଟ୍ରେଲିଆର ମୁକାବିଲା ହୋଇନାହିଁ। ଏଠାରେ ମଧ୍ୟ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ ଖେଳାଯାଇନାହିଁ। ବିଗ୍ ବାଶ୍ ଲିଗ୍ ମ୍ୟାଚ୍‌ରେ ଏଠାରେ ହାରାହାରି ଇନିଂସ ପ୍ରତି ୧୮୦ କିମ୍ବା ତା'ଠାରୁ ଅଧିକ ସ୍କୋର ହୋଇଥିଲା। ଆସନ୍ତାକାଲି ମ୍ୟାଚ୍‌ରେ ଏହି ଧାରା ବଜାୟ ରହିବ ବୋଲି ଆଶା କରାଯାଉଛି। ପ୍ରଥମ ମ୍ୟାଚ୍ ଲାଗି ମନୋନୀତ ହୋଇଥିବା ଖେଳାଳିମାନେ ଖେଳିବା ସୁଯୋଗ ପାଇ ନ ଥିଲେ। ଏଣୁ ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଦଳ ଖେଳାଳି ପରିବର୍ତ୍ତନ କରିବେ ନାହିଁ ବୋଲି ଆଶା କରାଯାଉଛି। ଭାରତୀୟ ଦଳର ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆହତ ହୋଇ ଅତିକମ୍‌ରେ ପ୍ରଥମ ୩ଟି ମ୍ୟାଚ୍ ଖେଳିବେ ନାହିଁ। ଆବଶ୍ୟକ ହେଲେ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ।

**ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓ ହଟଷ୍ଟାର

ଗୁଆହାଟୀରେ ନୂଆ ପରମ୍ପରା

# ଆଗ ଟି', ପରେ ଲଞ୍ଚ୍

ଗୁଆହାଟୀ, ୩୦।୧୦(ଏଜେନ୍ସି): ଟେଷ୍ଟ କ୍ରିକେଟ ଇତିହାସରେ ଏକ ନୂଆ ପରମ୍ପରା ସୃଷ୍ଟି ହେବାକୁ ଯାଉଛି। ଏହା ହେଉଛି ଟେଷ୍ଟ ମ୍ୟାଚ୍‌ରେ ପ୍ରଥମେ ଟି' ବା ଚା' ପାନ ବିରତି ହେବ ଓ ପରେ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ହେବ। ଆସାମର ଗୁଆହାଟୀରେ ନଭେମ୍ବର ୨୨ରୁ ୨୬ ଯାଏ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ଏଠାରେ ହେବ ପ୍ରଥମ ଟେଷ୍ଟ ମ୍ୟାଚ୍। ଏଠାରେ ସୂର୍ଯ୍ୟୋଦୟ ଆଗୁଆ ହୁଏ ଓ ସୂର୍ଯ୍ୟାସ୍ତ ମଧ୍ୟ ପଛରେ ହୁଏ। ଏଣୁ ଖେଳ ମଧ୍ୟ ଆଗୁଆ ଆରମ୍ଭ ହେବ। ଏଠାରେ ସକାଳ ୯ଟାରୁ ଖେଳ ଆରମ୍ଭ ହେବ। ପ୍ରଥମ ସେସନ ପୂର୍ବାହ୍ଣ ୧୧ଟାରେ ଶେଷ ହେବ। ୧୧ଟାରୁ ୧୧ଟା ୨୦ ଯାଏ ଚା'ପାନ ବିରତି ହେବ। ଏହା ପରେ ଦ୍ୱିତୀୟ ସେସନ ୧୧ଟା ୨୦ରୁ ଅପରାହ୍ଣ ୧ଟା ୨୦ ଯାଏ ଖେଳାଯିବ। ୧ଟା ୨୦ରୁ ୨ଟା ଯାଏ ଲଞ୍ଚ୍ ବା ମଧ୍ୟାହ୍ନ ଭୋଜନ ବିରତି ହେବ। ଦିନର ତୃତୀୟ ବା ଶେଷ ସେସନ ଅପରାହ୍ଣ ୨ଟାରୁ ୪ଟା ଯାଏ ଖେଳାଯିବ। ଆସାମ ରାଜ୍ୟ ଭାରତର ପୂର୍ବ ଭାଗରେ ଅବସ୍ଥିତ। ଏଠାରେ ଆଗୁଆ ସୂର୍ଯ୍ୟୋଦୟ ହେଉଥିବାରୁ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ଭାରତରେ ସାଧାରଣତଃ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହୋଇ ୧୧ଟା ୩୦ରେ ଲଞ୍ଚ୍ ହୋଇଥାଏ। ୧୧ଟା ୩୦ରୁ ୧୨ଟା ୧୦ ଯାଏ ଲଞ୍ଚ୍, ୧୨ଟା ୧୦ରୁ ୨ଟା ୧୦ ଯାଏ ଦ୍ୱିତୀୟ ସେସନ, ୨ଟା ୧୦ରୁ ୨ଟା ୩୦ ଟି' ଏବଂ ୨ଟା ୩୦ରୁ ୪ଟା ୩୦ କିମ୍ବା ଆଲୋକ ଥିଲେ ୯୦ ଓଭର ଖେଳ ପୂରଣ କରିବାକୁ ଆଉ ଅଧଘଣ୍ଟା ଅଧିକ ଖେଳ ଆୟୋଜନ କରାଯାଇଥାଏ। ଦକ୍ଷିଣ ଆଫ୍ରିକା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପ୍ରଥମ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏଠାରେ ନିର୍ଦ୍ଧାରିତ ସମୟ ସକାଳ ୯ଟା ୩୦ରୁ ଖେଳ ଆରମ୍ଭ ହେବ।

**ଭାରତ-ଦ. ଆଫ୍ରିକା ଟେଷ୍ଟ ସିରିଜ୍**

ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## କୋଟିଆନଙ୍କୁ ୪ ୱିକେଟ୍; ଦ.ଆଫ୍ରିକା-ଏ ୨୯୯/୯

ବେଙ୍ଗାଲୁରୁ, ୩୦।୧୦ (ଏଜେନ୍ସି): ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଗୁରୁବାରଠାରୁ ଏଠାରେ ପ୍ରଥମ ଅନ୍‌ଅଫିସିଆଲ୍ ଚାରିଦିବସୀୟ ଟେଷ୍ଟ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ଭାରତ-ଏ ଅଧିନାୟକ ଋଷଭ ପନ୍ତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସରେ ୩ଟି ଅର୍ଦ୍ଧଶତକ ବଳରେ ୯ ୱିକେଟ ହରାଇ ୨୯୯ ରନର ସମ୍ମାନଜନକ ସ୍କୋର କରିଛି। ଓପନର୍ ଜୋର୍ଡାନ ହରମାନ୍ସ ସର୍ବାଧିକ ୭୧, ଜୁବେର ହମାଜ ୬୬ ଓ



ରୁବିନ ହରମାନ୍ସ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ନିମ୍ନଭାଗରେ ତିଆନ ଭାନ ଭୁରେନ ୪୬ ରନର ଉପଯୋଗୀ ପାଳି ଖେଳିବା ଫଳରେ ଦଳ ୩୦୦ ରନ ନିକଟତର ହୋଇପାରିଥିଲା। ଘରୋଇ ଭାରତ-ଏ ପକ୍ଷରୁ ଅଫ୍-ସ୍ପିନର ତନୁଷ କୋଟିଆନ ସର୍ବାଧିକ ୪ଟି, ମାନବ ସୂତାର ୨ଟି ଏବଂ ଖଲିଲ ଅହମ୍ମଦ, ଅଂଶୁଲ କାମ୍ବୋଜ ଓ ଗୁରନୁର୍ ବ୍ରାର୍ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS